ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଏ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 6 | 6 - 12 February 2022 | Sambalpur | Page-12 | Invitation Price Rs.10

# ରେଳ ବଜେଟରେ ଓଡ଼ିଶାକୁ ୯୭୩୪ କୋଟି

ସମ୍ବଲପୁର: ଚଳିତ ରେଳ ବଜେଟରେ ଓଡ଼ିଶାକୁ ଆଶାଠାରୁ ଅଧିକ ମିଳିଛି । ଅଶ୍ୱିନୀ ବୈଷ୍ଣବ ରେଳ ମନ୍ତ୍ରୀ ହେବା ପରେ ଓଡ଼ିଶାକୁ ପ୍ରାଧାନ୍ୟ ଦିଆଯାଇଛି । ୨୦୨୧-୨୨ରେ ଓଡ଼ିଶାକୁ ୫୫୨୮ କୋଟି ମିଳିଥିଲା । ଚଳିତ ବର୍ଷ ୭୬% ବଢ଼ିଛି ଅନୁଦାନ ।

କେନ୍ଦ୍ରରେ ମୋଦି ସରକାର ଆସିବା ପରେ ରାଜ୍ୟକୁ ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ ପ୍ରତି ବର୍ଷ ବୃଦ୍ଧି ପାଇଛି । ୨୦୧୯-୨୦ରେ ୪୫୬୮ କୋଟି ଏବଂ ୨୦୨୦- ୨୧ରେ ୪୮୮୪ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା । କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ୨୦୦୯-୧୪ ପାଞ୍ଚ ବର୍ଷରେ ରାଜ୍ୟକୁ ୨୦,୬୨୮ କୋଟି ଟଙ୍କା ଦିଆଯାଇଥିଲା । ଅପରପକ୍ଷେ ମୋଦି ସରକାରଙ୍କ କାର୍ଯ୍ୟକାଳରେ ୨୦୧୪-୨୩କୁ ବିଚାରକୁ ନିଆଗଲେ ୪୫,୩୨୪ କୋଟି ଟଙ୍କା ରାଜ୍ୟର ରେଳ ପ୍ରକଳ୍ପଗୁଡିକ ପାଇଁ ଅନୁମୋଦନ କରାଯାଇଛି । ୨୦୦୯-୧୪ ମଧ୍ୟରେ ରେଳ ବଜେଟରେ ହାରାହାରି ୮୩୮ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୦୧୪-୨୩ ମଧ୍ୟରେ ଏହା ୫୦୨୯ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

୨୦୨୨-୨୩ ରେଳ ବଜେଟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥକୁ ସର୍ବାଧିକ ୮୯୧ କୋଟି ଟଙ୍କା ଅନୁମୋଦନ କରାଯାଇଥିବା ବେଳେ ଅନୁଗୁଳ-ସୁକିନ୍ଦା ରେଳପଥ ପାଇଁ ୪୭୫ କୋଟି ଟଙ୍କା, ହରିଦାସପୁର-ପାରାଦୀପ ପାଇଁ ୮୫ କୋଟି ଟଙ୍କା, ତାଳଚେର-ବିମଳାଗଡ ପାଇଁ ୨୫୦ କୋଟି ଟଙ୍କା, ଜୟପୁର-ମାଲକାନାଗିରି ପାଇଁ ୧୩ କୋଟି ୮୦ ଲକ୍ଷ ଟଙ୍କା, ଜୟପୁର-ନବରଙ୍ଗପୁର ପାଇଁ ୮୧ କୋଟି, ନୂଆପଡା-ଗୁଣୁପୁର ପାଇଁ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଏବେ ଘୋଷଣା ହୋଇଥିବା ରେଳ ବଜେଟରେ ଭିତ୍ତିଭୂମି ଓ ନିରାପତ୍ତା ପ୍ରକଳ୍ପଗୁଡିକ ପାଇଁ ହୋଇଥିବା ବ୍ୟୟବରାଦ ନେଇ ସୂଚନା ଦିଆଯାଇଛି । କୌଣସି ପ୍ରକଳ୍ପର କଳେବର ବୃଦ୍ଧି, ବିଲଡିଙ୍ଗ ନିର୍ମାଣ, ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ଭଳି ବହୁ ପ୍ରକଳ୍ପକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଏ ସମସ୍ତ ପ୍ରକଳ୍ପ ପାଇଁ ଅନୁଦାନକୁ ହିସାବକୁ ନେଲେ ୯୭୩୪ କୋଟିରୁ ଅଧିକ ହେବ ବୋଲି ଜଣାପଡିଛି ।



ଏ ବର୍ଷ ରେଳ ବଜେଟରେ ଓଡ଼ିଶା ଭଳି ପୂର୍ବତଟ ରେଳପଥରେ ବି ବଢ଼ିଛି ଅନୁଦାନ । ପୂର୍ବତଟ ରେଳପଥକୁ ମୋଟ ୧୧୫୪୨ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା ହୋଇଛି ।

ଖୋର୍ଦ୍ଧା ରୋଡ୍-ବାରଙ୍ଗ ତୃତୀୟ ରେଳ ଲାଇନ୍ ପାଇଁ ୧୬୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସମ୍ବଲପୁର-ଟିଟିଲାଗଡ ଦ୍ୱିତୀୟ ରେଳ ଲାଇନ ପାଇଁ ୯୯ କୋଟି ୫୩ ଲକ୍ଷ, ସମ୍ବଲପୁର-ତାଳଚେର ଦ୍ୱିତୀୟ ରେଳ ଲାଇନ୍ ପାଇଁ ୧୭୨.୫୦ କୋଟି, ଟିଟିଲାଗଡ଼-ବିଜୟନଗରମ୍ ତୃତୀୟ ରେଳ ଲାଇନ୍ ପାଇଁ ୯୬୧ କୋଟି, ବାଂଶପାଣି-ଦୈତାରୀ-ଟମକା-ଜଖପୁରା ଦ୍ୱିତୀୟ ରେଳ ଲାଇନ୍ ପାଇଁ ୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଓଡ଼ିଶାକୁ ନୂଆ ରେଳ ଲାଇନ ପାଇଁ ୧୮୦୬ କୋଟି ଟଙ୍କା ମିଳିଥିବା ବେଳେ ଦ୍ୱିତୀୟ ରେଳ ଲାଇନ ପାଇଁ ୩୬୪୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସେହିପରି ଟ୍ରାଫିକ ସୁବିଧା ପାଇଁ ୩୫ କୋଟି, କମ୍ପ୍ୟୁଟରୀକରଣ ୩ କୋଟି, ରୋଲିଂ ଷ୍ଟକ୍ ପାଇଁ ୧୪.୫ କୋଟି, ଲେଭଲ କ୍ରସିଂ ପାଇଁ ୨୧ କୋଟି ବ୍ୟୟବରାଦ ହୋଇଛି ।

ରୋଡ ଓଭରବ୍ରିଜ୍ ଓ ରୋଡ ଅଣ୍ଡରବ୍ରିଜ ପାଇଁ ୩୯୬.୯୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଟ୍ରାକ୍ ନବୀକରଣ ପାଇଁ ୪୫୬.୧୪ କୋଟି, ପୋଲ କାମ (ବ୍ରିଜ ୱାର୍କ) ପାଇଁ ୩୮.୫୭ କୋଟି, ବିଦ୍ୟୁତୀକରଣ ପାଇଁ ୫୧.୯୫ କୋଟି ଓ ଅନ୍ୟାନ୍ୟ ବୈଦ୍ୟୁତିକ କାର୍ଯ୍ୟ ପାଇଁ ୬୫୬.୩୬ କୋଟି ବ୍ୟବସ୍ଥା ହୋଇଛି । ତେବେ ଯାତ୍ରୀମାନଙ୍କ ବିଭିନ୍ନ ସୁବିଧା ପାଇଁ ୩୦୪.୧୭ କୋଟି ଟଙ୍କା ବ୍ୟୟବରାଦ ରହିଛି ।

କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ପୂର୍ବରୁ ରେଳ ବଜେଟ୍‌ରେ ଓଡ଼ିଶାକୁ ବର୍ଷ ବର୍ଷ ଧରି ଅବହେଳା କରାଯାଉଥିଲା । ମାତ୍ର ଏଥର ପ୍ରଧାନମନ୍ତ୍ରୀ ମୋଦି ସବୁ ପୁରୁଣା ରେକର୍ଡ ଭାଙ୍ଗି ଓଡ଼ିଶାକୁ ୯୭୩୪ କୋଟି ଦେଇଛନ୍ତି, ଯାହା କଂଗ୍ରେସ ବା ୟୁପିଏ ସମୟରେ ମିଳୁଥିବା ଅନୁଦାନଠୁ ୧୦ ଗୁଣା ଅଧିକ । ୨୦୦୯ ରୁ ୨୦୧୪ ରେଳ ବଜେଟରେ ଓଡ଼ିଶାକୁ ବାର୍ଷିକ ହାରାହାରି ୮୩୪ କୋଟି ମିଳୁଥିଲା । ତେବେ ୨୦୧୪ ରେ କେନ୍ଦ୍ରରେ ମୋଦି ସରକାର ଆସିବା ପରେ ଓଡ଼ିଶାକୁ ରେଳ ଅନୁଦାନ ୪ ଗୁଣା କରିଦେଲେ । ୨୦୧୯ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୪୧୨୬ କୋଟି କଲେ । ୨୦୧୯-୨୦ ରେ ଅନୁଦାନକୁ ଆହୁରି ବଢ଼ାଇଲେ । ୪୫୬୮ କୋଟି କରିଦେଲେ । ସେହିପରି ୨୦୨୦-୨୧ ରେ ପୁଣି ୫୨୯୬ କୋଟିକୁ ବୃଦ୍ଧି କଲେ । ୨୦୨୧-୨୨ ରେ ପ୍ରଥମେ ୫୯୨୧ କୋଟି ଦେଲେ । ପରେ କାମରେ ଦ୍ରୁତ ପ୍ରଗତି ଦେଖି ଆହୁରି ୫୫୦ କୋଟି ସଂଶୋଧିତ ଏଷ୍ଟିମେଟରେ ଦେଲେ । ୨୦୨୧-୨୨ ରେ ମୋଟ ୬୪୭୧ କୋଟି ଦେଲେ । ୨୦୦୯-୧୪ ରେ ଯେଉଁ ପାଖାପାଖି ୮ ଶହ କୋଟି ମିଳୁଥିଲା ତାହା ୨୦୨୧-୨୨ କୁ ୬ ହଜାର କୋଟିରୁ ଅଧିକ ହେଲା, ଯାହା ପାଖାପାଖି ୭ ଗୁଣ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଝାଙ୍କରପାଲିରେ ସରପଞ୍ଚ ପଦବୀ ପାଇଁ ୨୭ ଜଣ ପ୍ରାର୍ଥୀ

ସମ୍ବଲପୁର : ଜିଲ୍ଲାର ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଝାଙ୍କରପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ମୋଟ୍ ୨୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ରାଜ୍ୟରେ ସରପଞ୍ଚ ପଦବୀ ପାଇଁ ହେଉଥିବା ନିର୍ବାଚନରେ ଏଠାରୁ ସର୍ବାଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ଜଣାଯାଇଛି । ୧୯୬୭ ମସିହାରେ ସୃଷ୍ଟି ହୋଇଥିବା ଏହି ପଞ୍ଚାୟତରେ ୧୧ ୱାର୍ଡରେ ବର୍ତ୍ତମାନ ୫୦୫୯ ଜଣ ଭୋଟର ଅଛନ୍ତି । ଅଣ ସଂରକ୍ଷିତ ଥିବା ଏହି ପଞ୍ଚାୟତରୁ ଏତେ ସଂଖ୍ୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ମୋବାଇଲ ସଂଯୋଗ ନ ଥିବା ସର୍ବାଧିକ ଗାଁ ଓଡ଼ିଶାରେ

ନୂଆଦିଲ୍ଲୀ : ମୋବାଇଲ୍ ସେବା ପହଞ୍ଚିନଥିବା ସର୍ବାଧିକ ସଂଖ୍ୟକ ଗାଁ ଓଡ଼ିଶାରେ ରହିଛି । ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଉପସ୍ଥାପନ କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି । ଶେଷରେ ଥିବା ୫,୯୭,୬୮୧ଟି ଗାଁ ମଧ୍ୟରୁ ୨୫,୦୬୭ଟି ଗାଁରେ ମୋବାଇଲ୍ ଓ ଇଣ୍ଟରନେଟ୍ ସଂଯୋଗ ନାହିଁ । ସେଥିରେ ଓଡ଼ିଶାର ସର୍ବାଧିକ ୬,୦୯୯ଟି ଗାଁ ରହିଛି । ଓଡ଼ିଶା ପଛକୁ ରହିଛି ଅରୁଣାଚଳ ପ୍ରଦେଶ ଯେଉଁଠାରେ ୨,୨୨୩ ଗାଁ, ମଧ୍ୟପ୍ରଦେଶର ୨,୬୧୨ ଓ ମହାରାଷ୍ଟ୍ରର ୨,୩୨୮ଟି ଗ୍ରାମରେ ମୋବାଇଲ୍ ସଂଯୋଗ ନାହିଁ । ଆନ୍ଧ୍ରପ୍ରଦେଶର ୧,୭୮୭ ଓ ଝାଡ଼ଖଣ୍ଡର ୧,୧୪୪ଟି ଗ୍ରାମରେ ଇଣ୍ଟରନେଟ୍ ସଂଯୋଗ ନାହିଁ । କେରଳ, ପଞ୍ଜାବ, ତାମିଲନାଡୁ ଓ ହରିୟାଣା ଭଳି କିଛି ରାଜ୍ୟ ରହିଛି ଯେଉଁଠାରେ ସର୍ବାଧିକ ସଂଖ୍ୟକ ଗ୍ରାମରେ ମୋବାଇଲ୍ ସଂଯୋଗ ପହଞ୍ଚିପାରିଛି । ଅପହଞ୍ଚ ଅଞ୍ଚଳଗୁଡ଼ିକରେ ଥିବା ଗ୍ରାମରେ ମୋବାଇଲ୍ ସଂଯୋଗ ପହଞ୍ଚାଇବା ଲାଗି ୨୦୦୨ ମସିହାରେ ୟୁନିଭର୍ସାଲ୍ ସର୍ଭିସ୍ ଓବ୍ଲିଗେସନ ଫଣ୍ଡ (ୟୁଏସ୍ ?ଓଏଫ୍) ସ୍କିମ୍ ଆରମ୍ଭ କରାଯାଇଥିଲା । ଏହି ସ୍କିମ୍‌ରେ ସାମିଲ ହୋଇଥିବା ୧୧,୦୦୦ଟି ଗ୍ରାମରେ ମୋବାଇଲ୍ ସଂଯୋଗ ନାହିଁ । ଗ୍ରାମ ପଞ୍ଚାୟତଗୁଡ଼ିକରେ ଇଣ୍ଟରନେଟ୍ ସଂଯୋଗ ପହଞ୍ଚାଇବା ଲାଗି ଭାରତନେଟ୍ ପ୍ରକଳ୍ପ ଅଧୀନରେ ୧,୦୪,୨୫୯ଟି ଗ୍ରାମରେ ୱାଇ-ଫାଇ ହସ୍ପଟ୍ ସ୍ଥାପନ କରାଯାଇଥିଲା । ସେଥି ମଧ୍ୟରୁ ୫୪% ହସ୍ପଟ୍ ଅକାମି ହୋଇପଡ଼ିଛି ମାତ୍ର ୫୩,୯୧୩ଟି ୱାଇ-ଫାଇ ହଟ୍‌ସ୍ପଟ୍ କାମ କରୁଛି । ଗ୍ରାମ ପଞ୍ଚାୟତଗୁଡିକରେ ୱାଇ ଫାଇ ହଟ୍‌ସ୍ପଟ୍ ସ୍ଥାପନ କରିବା ଲାଗି ୨୦୧୧ ଅକ୍ଟୋବର ଜାତୀୟ ଅପ୍ଟିକାଲ ଫାଇବର ନେଟୱାର୍କର ଶୁଭାରମ୍ଭ କରାଯାଇଥିଲା । ୨୦୧୫ ରେ ତାହାର ନାମ ବଦଳାଇ ଭାରତନେଟ୍ ପ୍ରୋଜେକ୍ଟ ରଖାଯାଇଥିଲା ।



## ରାଜ୍ୟ ସରକାରଙ୍କ ଅବହେଳାର ଶିକାର ହେଉଛି ମୁକ୍ତ ବିଶ୍ୱବିଦ୍ୟାଳୟ

ସମ୍ବଲପୁର : ଗତ ୬ ବର୍ଷ ତଳେ ସ୍ଥାପିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ରାଜ୍ୟ ସରକାରଙ୍କ ଚରମ ଅବହେଳାର ଶିକାର ହୋଇଛି । ଏହି ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ପଦବୀ ଖାଲି ପଡିଥିବାରୁ ସ୍ୱଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । କୁଳପତି, କୁଳସଚିବ ଏବଂ ଅର୍ଥ ନିୟନ୍ତ୍ରକ ପଦବୀ ପୂରଣ ହୋଇଥିବା ବେଳେ ପରୀକ୍ଷା ନିୟନ୍ତ୍ରକ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ି ରହିଛି । ଏହାଛଡ଼ା ୯୧ ଜଣ ଠିକା ଭିତ୍ତିକ କର୍ମଚାରୀରେ ପାଠପଢ଼ା ଓ ଅଫିସ୍‌କାର୍ଯ୍ୟ ଚାଲିଛି । ଏହି ବିଶ୍ୱବିଦ୍ୟାଳୟ ପାଇଁ ୧୨୫ଟି ଟିଚିଙ୍ଗ ପୋଷ୍ଟ ଏବଂ ୯୦ଟି ନନ୍ ଟିଚିଙ୍ଗ ପୋଷ୍ଟ ଦେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏ ପର୍ଯ୍ୟନ୍ତ ତା'ର କୌଣସି ପ୍ରକାର ସୁଫଳ ମିଳିନାହିଁ । ଫଳରେ ଏହି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାନ୍ୟତା ହରାଇବାର ମଧ ଆଶଙ୍କା ଦେଖାଦେଇଛି । ଯେଉଁ ଉଦ୍ଦେଶ୍ୟ ନେଇ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ତାହା ବିଫଳ ହେବାକୁ ଯାଉଥିବା କୁହାଯାଉଛି ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

ରାଜ୍ୟର ୨୫୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗତ ୨୦୧୫ ମସିହାରେ ଏଠାରେ ସ୍ଥାପିତ ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ୧୪ଟି ସ୍ନାତ୍ତୋକତ୍ତର, ୧୧ ଟି ସ୍ନାତକ, ୧୦ ଟି ଡିପ୍ଲୋମା ଏବଂ ୧୧ଟି ସାର୍ଟିଫିକେଟ ପୋଗ୍ରାମରେ ବର୍ତ୍ତମାନ ପ୍ରାୟ ୩୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ନିକଟରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ବଡ଼ ସିଂଘାରି ଗ୍ରାମରେ ୪୦ ଏକର ଜମି ଯୋଗାଇ ଦେଇଛନ୍ତି । ବିଶ୍ୱବ୍ୟାଙ୍କ ଏହାର ପାଚେରି ନିର୍ମାଣ ପାଇଁ ମଧ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ତେବେ ରାଜ୍ୟ ସରକାର ଏହି ବିଶ୍ୱବିଦ୍ୟାଳୟକୁ ବାର୍ଷିକ ମାତ୍ର ୧ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିରେ ସମସ୍ତ କାମ ଚଳାଇ ଉତ୍କର୍ଷତା ଆଡ଼କୁ ଗତି କରୁଥିବା ବେଳେ ରାଜ୍ୟ ସରକାର ଏହାକୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେଉ ନ ଥିବା ଘଟଣା ଏଠାରେ ଶିକ୍ଷାବିତ୍ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

## ଏ ସଂଖ୍ୟାରେ..



ଡାଇବେଟିସ୍ ରୋଗୀ କ'ଣ ଖାଇବେ ?



ଭିଟାମିନରେ ଭରପୁର ଆତ



ଜଡ଼ାର ଔଷଧୀୟ ଗୁଣ



ଔଷଧରେ ଭରପୁର ବାହାଡ଼ା



ଅରଖର ଉପକାରିତା

# ଗୋପାଳପୁର- ସମ୍ବଲପୁର ରେଳପଥ ୪ ସଂସଦୀୟ କ୍ଷେତ୍ରକୁ ସଂଯୋଗ କରିବ

ବ୍ରହ୍ମପୁର: ବହୁ ପ୍ରତୀକ୍ଷିତ ଗୋପାଳପୁର- ସମ୍ବଲପୁର ପ୍ରସ୍ତାବିତ ରେଳପଥ ପାଇଁ ଚଳିତ ରେଳବଜେଟରେ ଟୋକନ ଅର୍ଥ ମଞ୍ଜୁର ହେବା ସହିତ ପ୍ରକଳ୍ପ ନିମେନ୍ତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଆରମ୍ଭ ହୋଇଛି । ପୂର୍ବରୁ ଏହି ପ୍ରକଳ୍ପକୁ ନୀତି ଆୟୋଗ ଅନୁମୋଦନ କରିଥିଲେ । କିନ୍ତୁ ପ୍ରକଳ୍ପ ପାଇଁ ଆନୁଷ୍ଠାନିକ ଭାବେ ଅର୍ଥ ମଞ୍ଜୁର ହୋଇଥିବାରୁ ଏଥି ନିମନ୍ତେ ରେଳବାଇ ପକ୍ଷରୁ ଆନୁସଙ୍ଗିକ ଯୋଜନା ପ୍ରସ୍ତୁତି କରାଯିବ ।

ଗୋପାଳପୁର- ସମ୍ବଲପୁର ରେଳପଥ ପାଇଁ ରେଳବଜେଟରେ ୧ କୋଟି ଟଙ୍କା ମଞ୍ଜୁର ହୋଇଛି । ପ୍ରସ୍ତାବିତ ଗୋପାଳପୁର- ସମ୍ବଲପୁର ରେଳପଥ ୪ ଟି ସଂସଦୀୟ କ୍ଷେତ୍ର ବ୍ରହ୍ମପୁର, ଆସିକା, କନ୍ଧମାଳ ଓ ସମ୍ବଲପୁରକୁ ସଂଯୋଗ କରିବ । ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କୁ ନେଇ ଗଠିତ ଯୌଥ ଉଦ୍ୟୋଗ ଓଡ଼ିଶା ରେଳ ଇନଫ୍ରାଷ୍ଟ୍ରକଚର ଡେଭଲପମ୍ୟାଣ୍ଟ ଲିମିଟେଡ ଉକ୍ତ ରେଳପଥ ନିର୍ମାଣ କରିବ । ପ୍ରସ୍ତାବିତ ରେଳପଥ ଜଗନ୍ନାଥପୁର, କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ, ଆସିକା, ଖଣ୍ଡରାବଳି, ବାସୁଦେବପୁର, ଭଞ୍ଜନଗର, ମୁଜାଗଡ଼, ବଡ଼ାଙ୍ଗି, ଚକାପାଦ, ଝାରରପଟା, ଫୁଲବାଣି, ଲକରହାପାଜୁ, ସୁନାମୁଣ୍ଡି, ମୁଣ୍ଡପଦା, ବୌଦ୍ଧ, କଦଳିଗଡ଼ ଏବଂ ରେଢ଼ାଖୋଲ ସମେତ ୧୮ଟି ଷ୍ଟେସନ ଅତିକ୍ରମ କରିବ । ୨୪୦ କିମି ଲମ୍ବ ରେଳପଥରେ ୩୮ଟି ବୃହତ ପୋଲ ଓ ୧୮୪ କ୍ଷୁଦ୍ର ପୋଲ ନିର୍ମିତ ହେବ । ପ୍ରସ୍ତାବିତ ରେଳପଥ ପ୍ରକଳ୍ପ ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲା ମଧରେ ରହିଥିବା କନ୍ଧମାଳ ଜିଲ୍ଲା ଦେଇ ଯାଉଥିବାରୁ ଆଦୌ ରେଳପଥ ନ ଥିବା ଏହି ଜିଲ୍ଲାରେ ଗମନାଗମନ ଅଧିକ ସୁଗମ ହୋଇ ପାରିବା ଆଶା କରାଯାଉଛି ।

ଏହି ନୂଆଁ ରେଳପଥ ଏକ ଲାଭଦାୟକ ପ୍ରକଳ୍ପ ହେବ । ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ମୋଟ ୨୯୫୭.୪୪୩ କୋଟି (ଜମି ମୂଲ୍ୟକୁ ଛାଡ଼ି) ଟଙ୍କା ଖର୍ଚ୍ଚ ହେବ । ତେବେ ଏହି ପ୍ରକଳ୍ପରେ ହୋଇଥିବା ମୋଟ ନିବେଶର ୧୪.୧୨% ପ୍ରତି ବର୍ଷ ଫେରସ୍ତ ଆସିବା ଫଳରେ ମାତ୍ର ୭ ବର୍ଷରେ ଏହି ପ୍ରକଳ୍ପରେ ନିବେଶ ହୋଇଥିବା ସମସ୍ତ ଅର୍ଥ ଭରଣା ହୋଇଯିବ ବୋଲି ଏହାର ପ୍ରାରମ୍ଭିକ ସର୍ଭେ ରିପୋର୍ଟ (ପିଇଟି)ରେ ଉଲ୍ଲେଖ ରହିଛି । ତେବେ, ଏହି ସର୍ଭେ ୨୦୧୦-୧୧ରେ ଅନୁମୋଦିତ ହୋଇଥିଲା ବେଳେ ଶେଷ ହେବାକୁ ୭ ବର୍ଷରୁ ଅଧିକ ବିତି ସାରିଲାଣି । ତେଣୁ ଏହା ଯେତେ ବିଳମ୍ବିତ ହେବ ସର୍ଭେର ନିଷ୍କର୍ସ ଗୁଡ଼ିକ ସେତିକି ବିଗିଡ଼ି ଯିବାର ଆଶଙ୍କା ରହିଛି ।

ଯଦିଓ ଏହା ରେଳବାଇ ବୋର୍ଡର ପିଙ୍କ୍ ବୁକ୍‌ରେ ସାମିଲ ହୋଇ ନିର୍ମାଣ ହେବା ଏକପ୍ରକାର ଚୂଡ଼ାନ୍ତ ହୋଇଛି, କିନ୍ତୁ କାମ ଆରମ୍ଭ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ନ ଦେଖେଇଲେ ଏହା ପୁଣି ଏକ ଖୋର୍ଧା- ବଲାଙ୍ଗୀର ପାଲଟିଯିବ ବୋଲି ଉଭୟ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାବାସୀ ଆଶଙ୍କା କରୁଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ରାଜ୍ୟ (୫୧%) ଓ ରେଳବାଇ (୪୯%) ମାଲିକାନାରେ ଗଠିତ ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ (ଓରିଡ୍‌ଲ)କମ୍ପାନିକୁ ପ୍ରଦାନ କରାଯାଇଛି । ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସିଧାସଳଖ ନିବେଶ କରିବାର ନାହିଁ । ବରଂ ଓରିଡଲ କମ୍ପାନି ଷ୍ଟକ୍ ମାର୍କେଟ୍ ସମେତ ବିଭିନ୍ନ ଆର୍ଥିକ ସଂସ୍ଥାରୁ ପୁଞ୍ଜି ଉଠାଇ ଏହା ନିର୍ମାଣ କରିବ । ଏହାପରେ ଏହି ପ୍ରକଳ୍ପରୁ ମିଳିବାକୁ ଥିବା ଲାଭରୁ ତାହା ପରିଶୋଧ କରିବ । ଏପରିକି ରାଜ୍ୟ ସରକାର ଯୋଗାଇ ଦେବାକୁ ଥିବା ସରକାରୀ ଜମିକୁ ମଧ ଏହା କିଣି ନେବ । ତେଣୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ସରକାରୀ ତତ୍ପରତା ହିଁ ପ୍ରମୁଖ ଭୂମିକା ନେବ । ବିଶେଷ କରି ରାଜ୍ୟ ପାଇଁ ଏହି ପ୍ରକଳ୍ପ ବିଶେଷ ଗୁରୁତ୍ୱ ରଖେ । କାରଣ ରେଳ ମାନଚିତ୍ରରୁ ବାଦ୍ ପଡ଼ିଥିବା ରାଜ୍ୟର ଏକ ବିରାଟ ଅଂଶକୁ ଏହି ଲାଇନ ଯୋଡୁଥିବା ବେଳେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିକାଟୁକୁ ଏହାଦ୍ୱାରା ରେଳ ଗଡ଼ିବ । ତେଣୁ ଅନ୍ତତଃ ଖୋର୍ଦ୍ଧା- ବଲାଙ୍ଗୀର ଭଳି ଏହା ବିଳମ୍ବ ହେବ ନାହିଁ ବୋଲି ଆଶା କରାଯାଉଛି ।

ଏହି ପ୍ରକଳ୍ପରେ ମୋଟ ୧୦୫୯.୫୫ ହେକ୍ଟର ଜମି ଆବଶ୍ୟକ ହେବ । ସେଥିରୁ ୩୨୪.୬୩ ହେକ୍ଟର ଜଙ୍ଗଲ ଜମି ଓ ୭୩୪.୯୨ ହେକ୍ଟର ଚାଷ ଜମି । ଖର୍ଚ୍ଚ କମାଇବା ପାଇଁ ଏହି ପ୍ରକଳ୍ପ ପାଇଁ କୌଣସି ପ୍ରକାର ନିର୍ମିତ ଢ଼ାଞ୍ଚା ଅଧିଗ୍ରହଣ ନ କରିବାକୁ ନିଷ୍ପତ୍ତି ହୋଇଛି ।

ଅନ୍ୟପକ୍ଷରେ, ଯାତ୍ରୀ ସେବା ସହ ଏହି ଲାଇନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଦିଗ ହେଲା ମାଲ୍ ପରିବହନ । ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ହିଣ୍ଡାଲକୋ, ଆଦିତ୍ୟ ଆଲୁମିନିୟମ, ଏସିସି ସିମେଣ୍ଟ, ଟାଟା ଷ୍ଟିଲ୍, ଇଣ୍ଡିଆନ୍ ରେଆର ଆର୍ଥ, ଆଦିତ୍ୟ ଥର୍ମାଲ, ଶ୍ୟାମ ମେଟାଲିକ୍ସ, ବେଦାନ୍ତ ଆଲୁମିନିୟମ ଲିମିଟେଡ, ଭୂଷଣ ଷ୍ଟିଲ, ଏମସିଏଲ, ଜିନ୍ଦଲ୍ ଭଳି ସଂସ୍ଥା ନିଜର ମାଲ ପରିବହନ ପାଇଁ ଏହି ଲାଇନର ଉପଯୋଗ କରିବେ । ଏହି ରେଳପଥ ଦେଇ ଧାନ, ଚାଉଳ, ଗହମ, ହଳଦୀ, ଅନ୍ୟାନ୍ୟ ମସଲା, ଲୁହା ପଥର, ଷ୍ଟିଲ, ସିମେଣ୍ଟ, ଆଲୁମିନିୟମ ଓ କୋଇଲା ଆଦି ଆମଦାନୀ ଓ ରପ୍ତାନୀ ହେବ । ବିଶେଷ କରି ଗୋପାଳପୁର ବନ୍ଦର ଦେଇ କୋଇଲା, ଆଲୁମିନିୟମ, ଷ୍ଟିଲ ଆଦିର ରପ୍ତାନୀ କରି ରେଳବାଇ ଏହି ଲାଇନରୁ ଭଲ ଆୟ କରିପାରିବ ।

ନୀତି ଆୟୋଗ ଏହି ପ୍ରକଳ୍ପକୁ ମଞ୍ଜୁରି ଦେବା ସମସ୍ତଙ୍କୁ ଉତ୍ସାହିତ କରିଛି । ତେବେ ଜଙ୍ଗଲ ବିଭାଗ ସମେତ ଅନ୍ୟ ଅତ୍ୟାବଶ୍ୟକ ମଞ୍ଜୁରି କେବେ ମିଳୁଛି ତା ଉପରେ ଏହି ପ୍ରକଳ୍ପର ଗତି ନିର୍ଭର କରୁଛି ।

## ଭିଏସ୍‌ଏସ୍‌ୟୁଟିର ସମାବର୍ତ୍ତନ ଉତ୍ସବ

ବୁର୍ଲା : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୩ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶ ଲାଲ ଆଭାସି ଜରିଆରେ ଏଥିରେ ଯୋଗଦେଇ ଉଦବୋଧନ ଦେଇଥିଲେ । କୁଳପତି ପ୍ରଫେସର ବଂଶୀଧର ମାଝୀ ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ଶେଷବର୍ଷର ପ୍ରାୟ ୭୧ ପ୍ରତିଶତ ଛାତ୍ରଛାତ୍ରୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଯୁକ୍ତିର ସୁଯୋଗ ପାଇବାରେ ସକ୍ଷମ ହୋଇଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ବୁର୍ଲା ଭିସୁଟ୍ ୯୯ ପ୍ରତିଶତ ସଫଳତା ହାସଲ କରିଥିବା କହିଥିଲେ । ଏହା ବ୍ୟତୀତ ୨୪ଟି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ଓ ୯ଟି ପ୍ରାୟୋଜିତ ସ୍ୱର୍ଣ୍ଣପଦକ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସବରେ ୮୭୨ ବିଟେକ୍, ୨୪ ବି.ଆର୍କ, ୧୦୯ ଏମ୍‌ଟେକ୍ ୨୬ ଏମ୍‌ସିଏ, ୫୭ ଏମ୍‌ଏସ୍‌ସି, ୨୬ ଦ୍ୱୈତ ଡିଗ୍ରୀ ଏବଂ ୩୬ ଜଣ ସମନ୍ୱିତ ଏମ୍‌ଏସସି ଶ୍ରେଣୀର ଛାତ୍ରଛାତ୍ରୀ ଡିଗ୍ରୀ ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ୩୧ଟି ପ୍ରଶଂସାପତ୍ର ମଧ ସମାବର୍ତ୍ତନ ସମାରୋହରେ ଆଭାସି ମାଧମରେ ପ୍ରଦାନ କରାଯାଇଥିଲା କରୋନା କଟକଣା ମଧରେ ପାଳିତ ସମାବର୍ତ୍ତନ ଉତ୍ସବରେ ଭିସୁଟ କୁଳସଚିବ ଉପମା କାଲୋ, ଜନସମ୍ପର୍କ ଅଧିକାରୀ ଡକ୍ଟର ରାହାସବିହାରୀ ପଣ୍ଡା, ପ୍ରଫେସର ଡକ୍ଟର ପ୍ରକାଶଚନ୍ଦ୍ର ସ୍ୱାଇଁ, ପ୍ରଫେସର ଡକ୍ଟର ଦେବଦତ୍ତ ମିଶ୍ର, ପ୍ରଫେସର ଡ଼କ୍ଟର ଅମର ନାୟକ, ପ୍ରଫେସର ପ୍ରବୀଣ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ୪୦ଟି ଜାତୀୟ ରାଜପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବିଳମ୍ବିତ

ନୂଆଦିଲ୍ଲୀ : ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଗଛକଟାରେ ବିଳମ୍ବ କୋଭିଡ଼ ପରିସ୍ଥିତି, ମାଓ ସମସ୍ୟା ଏବଂ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟରେ ବିଳମ୍ବ କାରଣରୁ ରାଜ୍ୟରେ ୪୦ଟି ଚାଲୁ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ଠାରୁ ବିଳମ୍ବିତ ହୋଇଛି ବୋଲି ରାଜ୍ୟସଭାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି ସୂଚନା ଦେଇଛନ୍ତି । ରାଜ୍ୟସଭା ସାଂସଦ ଡ଼.ସସ୍ମିତ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଡ଼କରି ଜଣାଇଛନ୍ତି ଯେ ଆସନ୍ତା ମାର୍ଚ୍ଚ ୨୦୨୩ ସୁଦ୍ଧା ସମସ୍ତ ଚାଲୁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଦିଆଯିବ ।

୪୨ନଂ ଜାତୀୟ ରାଜପଥର ଅନୁଗୁଳ ସମ୍ବଲପୁର ଅଂଶର ଚାରି ଥାକିଆ ନିର୍ମାଣ କାର୍ଯ୍ୟ ୩୦ ଜୁନ ୨୦୨୨ ସୁଦ୍ଧା ସମ୍ପୂର୍ଣ୍ଣ ଲକ୍ଷ୍ୟ ରଖାଯାଇଛି ।

ସେହିପରି ୩୦ ଜୁନ ସୁଦ୍ଧା ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ହେଲା, ୪୨ନମ୍ବର ଜାତୀୟ ରାଜପଥର କଟକ-ଅନୁଗୁଳ ଅଂଶର ଚାରିଥାକିଆ ନିର୍ମାଣ କାର୍ଯ୍ୟ, ୫୨୦ ନମ୍ବର ଜାତୀୟ ରାଜପଥ କୋଇଡ଼ା-ରାଜାମୁଣ୍ଡା ଅଂଶର ଚାରିଥାକିଆ ନିର୍ମାଣ କାର୍ଯ୍ୟ, ୨୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁର-ବ୍ରାହ୍ମଣୀବ୍ରିଜ ଚାରିଥାକିଆ ନିର୍ମାଣ କାର୍ଯ୍ୟ, ୧୮ ନମ୍ବର ଜାତୀୟ ରାଜପଥର ପୁଇଁତାଳା-ଟାଙ୍ଗୀ ଛଅଥାକିଆ ନିର୍ମାଣ କାର୍ଯ୍ୟ, ୨୩ ନମ୍ବର ଜାତୀୟ ରାଜପଥର ରାଜାମୁଣ୍ଡା ବାରକୋଟ ଅଂଶର ଚାରି ଥାକିଆ ନିର୍ମାଣ କାର୍ଯ୍ୟ, ୫୩ ନମ୍ବର ଜାତୀୟ ରାଜପଥର ତାଳଚେର କାମାକ୍ଷାନଗର ଅଂଶର ଚାରିଥାକିଆ ନିର୍ମାଣ କାର୍ଯ୍ୟ, ୫ ନମ୍ବର ଜାତୀୟ ରାଜପଥର ଜଗତପୁର ଭୁବନେଶ୍ୱର ମଧରେ ହଂସପାଳ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ, ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି-ରିମୁଳି ଚାରିଥାକିଆ ରାସ୍ତାର ବଳକା ନିର୍ମାଣ କାର୍ଯ୍ୟ ରହିଛି । ଏଥିସହ ୫୨୦ ନମ୍ବର ଜାତୀୟ ରାଜପଥର ରିମୁଳି- କୋଇଡ଼ା ଚାରିଥାକିଆ ନିର୍ମାଣ କାର୍ଯ୍ୟ ୩୦ ମାର୍ଚ୍ଚ, ୬ ନମ୍ବର ଜାତୀୟ ରାଜପଥର ତିଲେଇବଣି- ସମ୍ବଲପୁର ଅଂଶର ଚାରି ଥାକିଆ ନିର୍ମାଣ କାର୍ଯ୍ୟ ୭ ମଇ, ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ- ଭଦ୍ରକ ଅଂଶ ଛଅ ଥାକିଆ ନିର୍ମାଣ କାର୍ଯ୍ୟ, ୧୨ ମଇ, ୨୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀବ୍ରିଜ-ରାଜାମୁଣ୍ଡା ଅଂଶର ଚାରି ଥାକିଆ ନିର୍ମାଣକାର୍ଯ୍ୟ ୨୪ ମଇ, ୫ ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱର-ଟାଙ୍ଗୀ ଛଅଥାକିଆ ନିର୍ମାଣ କାର୍ଯ୍ୟ ୨୧ ଅକ୍ଟୋବର ୨୦୨୨କୁ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧରେ ୫ ନମ୍ବର ଜାତୀୟ ରାଜପଥର ଭଦ୍ରକ-ବାଲେଶ୍ୱର ଅଂଶର ଛଅଥାକିଆ ନିର୍ମାଣ କାର୍ଯ୍ୟ ୨୧ ଅକ୍ଟୋବର ୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ କରିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରି ସୂଚନା ଦେଇଛନ୍ତି ।

## ଟିପିଡ଼ବ୍ଲୁଓଡ଼ିଏଲ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି

ସମ୍ବଲପୁର : ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିଛି । ଏହି ପ୍ରକ୍ରିୟାରେ ୫୨ଟି ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ କ୍ୟାମ୍ପସ୍ ଚୟନରେ ଯାଇ ୨୧୮ ଜଣଙ୍କୁ ଯୋଗ୍ୟତା ଅନୁଯାଈ ଚୟନ କରି ନିଯୁକ୍ତି ପତ୍ର ଦେଇଛି । ଏହି କ୍ୟାମ୍ପସ୍ ଚୟନରେ ପଶ୍ଚିମ ଓଡ଼ିଶାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୪୮ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଏଥିସହ ଡିପ୍ଲୋମା ଈଞ୍ଜିନିୟରିଂ ଟ୍ରେନିର ୮୪ ଜଣ, ଗ୍ରେଜୁଏଟ୍ ଇଞ୍ଜିନିୟରିଂ ଟ୍ରେନିର ୨୭ ଜଣ, ଗ୍ରେଜୁଏଟ୍ ଟ୍ରେନିର ୯୧ ଜଣ ଏବଂ ସି.ଏମ୍.ଏର ୧୬ ଜଣଙ୍କୁ ଆଉଟ ସୋର୍ସ ମାଧମରେ ନିଯୁକ୍ତି ଦିଆଯାଇଛି । ଆଗକୁ ମଧ ଏପରି ମେଧାବୀ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ମାଧମରେ ନିଯୁକ୍ତିର ସୁଯୋଗ ଯାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।

## ବଲାଙ୍ଗୀର ବ୍ଲକର ସର୍ବୋତ୍କୃଷ୍ଟ ସ୍କୁଲ 'ବିଦ୍ୟା ମନ୍ଦିର'

ବଲାଙ୍ଗୀର : ଖୁଜେନପାଲି ସ୍ଥିତ ବିଦ୍ୟା ମନ୍ଦିର ୨୦୨୦ -୨୧ ଶିକ୍ଷାବର୍ଷରେ ବଲାଙ୍ଗୀର ବ୍ଲକର ସର୍ବୋତ୍କୃଷ୍ଟ ସ୍କୁଲ ରୂପେ ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ପୁନଃ ମନୋନୀତ ହୋଇଛି । ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ବିଦ୍ୟାମନ୍ଦିରର ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଭାଗବତ

## ସତ୍ୟଭାମାଙ୍କ ବିବାହ

ସତ୍ରାଜିତର ଅସାମାନ୍ୟ ସୁନ୍ଦରୀ କନ୍ୟା ସତ୍ୟଭାମା । ସେ ଥିଲେ ଭୂମିସୁତା ଏବଂ ଭଗବାନଙ୍କର ଜନ୍ମସିଦ୍ଧ ପତ୍ନୀ ।

ଅକ୍ରୁର ଥିଲେ ଭଗବାନଙ୍କର ଅନନ୍ୟ ଭକ୍ତ । କିନ୍ତୁ ଅସଙ୍ଗ ପ୍ରଭାବରେ ସେ ପରବର୍ତ୍ତୀ କାଳରେ ଅତ୍ୟଧିକ ଲୋଭୀ ଓ ପଦମର୍ଯ୍ୟାଦା ବିଳାସୀ ହୋଇ ଯାଇଥିଲେ । ସତ୍ରାଜିତ ପୁନର୍ବାର ସ୍ୟମନ୍ତକମଣି ପାଇଯିବାରୁ, ତାହାଠାରୁ ମଣିଟି ହାସଲ କରିବା ପାଇଁ ଅକ୍ରୁର, କୃତବର୍ମା ଓ ଶତଧନ୍ୱି ଚକ୍ରାନ୍ତ କରି ସତ୍ୟଭାମାଙ୍କ ବିବାହ ପ୍ରସ୍ତାବ ସ୍ଥିର କରିଦେଇଥିଲେ । ଅକ୍ରୁର ଓ କୃତବର୍ମାଙ୍କ କଥାରେ ରାଜି ହୋଇ ସତ୍ୟଭାମାଙ୍କୁ ଶତଧନୁଙ୍କ ହାତରେ ଦେବାପାଇଁ ସତ୍ରାଜିତ ରାଜି ହୋଇଥିଲେ । ମାତ୍ର ସତ୍ରାଜିତ କୌଣସି ପ୍ରକାରରେ କୃଷ୍ଣଙ୍କୁ ପ୍ରସନ୍ନ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ସତ୍ୟଭାମା ତାଙ୍କ ଦୃଷ୍ଟି ଗୋଚରକୁ ଆସିଥିଲେ । ତାଙ୍କର ସର୍ବସ୍ୱ, କନ୍ୟାରତ୍ନ ଓ ମଣିରତ୍ନ, ସବୁକିଛି ସେ ଭଗବାନଙ୍କୁ ଅର୍ପଣ କରିବାକୁ ସ୍ଥିର କଲେ ।

ଭଗବାନ ଭକ୍ତର ଭାବ ଗ୍ରହଣ କରନ୍ତି, ଧନ ନୁହେଁ । କୃଷ୍ଣ ସତ୍ୟଭାମାଙ୍କୁ ତାଙ୍କର ତୃତୀୟ ପତ୍ନୀ ରୂପେ ଗ୍ରହଣ କଲେ ସତ, ମାତ୍ର ସ୍ୟମନ୍ତକମଣି ଗ୍ରହଣ କରି ନ ଥିଲେ ।

ଶତଧନ୍ୱା ଥିଲା କ୍ରୁରକର୍ମା । ସେ ସତ୍ୟଭାମା ଓ ସ୍ୟମନ୍ତକମଣି ପାଇଁ ଇଚ୍ଛା କରିଥିଲା । ଏବେ ତାର ପ୍ରଚଣ୍ଡ ଦ୍ୱେଷ ଉତ୍ପନ୍ନ ହେଲା । ଦ୍ୱେଷୀ ମନୁଷ୍ୟ କର୍ତ୍ତବ୍ୟାକର୍ତ୍ତବ୍ୟ ଭୁଲିଯାଏ । ଯାହା ନ କରିବାର କଥା ତାହା ସେ କରି ପକାଏ ଏବଂ ଅଳ୍ପ କାଳ ମଧ୍ୟରେ ନିଜର ବିନାଶ



ଘଟାଇଥାଏ । ଶତଧନ୍ୱା ଅଧରାତିରେ ସତ୍ରାଜିତ ଘରେ ପଶି ଶୋଇଥିବା ଅବସ୍ଥାରେ ତାଙ୍କୁ ବଧ କଲା । ମୂର୍ଖ ଓ ଶଙ୍ଖ ଅନ୍ୟର ଫୁଙ୍କିବାରେ ବାଜେ । ଅକ୍ରୁର ଓ କୃତବର୍ମାଙ୍କ କୁପରାମର୍ଶରେ ମୂର୍ଖ ଶତଧନ୍ୱା ସତ୍ରାଜିତକୁ ବଧ କରିଥିଲା । ଏହି ଘଟଣା ଘଟିବା ବେଳେ କୃଷ୍ଣ-ବଳରାମ ହସ୍ତିନାପୁରକୁ ଯାଇଥିଲେ ପାଣ୍ଡୁ ପୁତ୍ରମାନଙ୍କ ଜତୁଗୃହରେ ମୃତ୍ୟୁ ସମ୍ବାଦ ପାଇ । ସତ୍ୟଭାମା ପିତାଙ୍କ ମୃତ୍ୟୁରେ ଓ ପତିଙ୍କ ଅନୁପସ୍ଥିତିରେ ଅସହାୟା ବୋଧକଲେ । ନିଜେ ଏକା ଏକା ହସ୍ତିନାପୁରରେ ପହଞ୍ଚି କୃଷ୍ଣଙ୍କୁ ସବୁ କଥା କହିଲେ । କୃଷ୍ଣ କାଳବିଳମ୍ବ ନ କରି ଦ୍ୱାରିକା ଅଭିମୁଖେ ଯାତ୍ରା କଲେ । ମାର୍ଗରେ ଦ୍ୱାରିକାରୁ କୃଷ୍ଣଙ୍କ ଭୟରେ ପଳାୟନ କରିଥିବା କୃତବର୍ମାଙ୍କୁ ବଧ କଲେ । ଏହି ସମୟରେ ମଣି ପାଇ ଅକ୍ରୁର ଭୟରେ କାଶୀକୁ ପଳାୟନ କରିଥିଲେ । ପରବର୍ତ୍ତୀ କାଳରେ ଅକ୍ରୁରଙ୍କ ଠାରୁ କୃଷ୍ଣ ମଣି ଉଦ୍ଧାର କରି ଦ୍ୱାରିକାର ରାଜା ଉଗ୍ରସେନଙ୍କୁ ତାହା ପ୍ରଦାନ କରିଥିଲେ । ତାଙ୍କର ଅସଦ୍‌କାର୍ଯ୍ୟ ନିମନ୍ତେ ଅକ୍ରୁର ସେତେବେଳେ ଘୋର ଅନୁତାପ କରିଥିଲେ ।

ଅକ୍ରୁର ଯେତେଦିନ ପର୍ଯ୍ୟନ୍ତ ସ୍ୟମନ୍ତକମଣି ରଖିଥିଲେ ସେତେଦିନ ପର୍ଯ୍ୟନ୍ତ କୃଷ୍ଣ ଉକ୍ତ ମଣି ଲୁଚାଇ ରଖିଥିବା ଗୁଜବ ପ୍ରଚାରିତ ହୋଇଥିଲା । କୃଷ୍ଣ ପୁନର୍ବାର ଲୋକାପବାଦର ଶିକାର ହେଲେ ଏବଂ ଅକ୍ରୁରଙ୍କ ଠାରୁ ମଣି ଲାଭ ହେବାପରେ ତାଙ୍କ ମୁଣ୍ଡ ଉପରେ ଲଦି ଦିଆଯାଇଥିବା ଲୋକାପବାଦ ଦୂର ହୋଇଥିଲା ।

# ନର ଓ ନାରୀ ସମାନ

ନାରୀ ସ୍ରଷ୍ଟାଙ୍କର ଏକ ଅମୂଲ୍ୟ କୃତି, ଶ୍ରେଷ୍ଠତମ ରଚନା । ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ କହିଲେ ଈଶ୍ୱରଙ୍କ ପ୍ରଥମ ଅଭିବ୍ୟକ୍ତି ହେଉଛି ସେହି ହାତ, ଯାହା ଦୋଳନା ଝୁଲାଇ ଥାଏ । ସଂସାରରେ ଚେତନାର ଆବିର୍ଭାବର ଶ୍ରେୟ ନାରୀକୁ ହିଁ ଦିଆଯାଏ । ସେ ନିଜର ବାତ୍ସଲ୍ୟ, ପ୍ରେମ, ସାଧନା, ସେବା ଓ ସମ୍ବେଦନାରେ ପୂରା ପରିବାର, ସମାଜ ଓ ରାଷ୍ଟ୍ରକୁ ସିଂଚନ କରିଥାଏ । ନାରୀର ମହତ୍ତ୍ୱକୁ ଋଗ୍ ବେଦ (୪.୧୪.୩୦) କିଛି ଏହି ପ୍ରକାର ପ୍ରକାଶିତ କରିଛି - 'ଉଷା ସମାନ ପ୍ରକାଶବତୀ, ହେ ରାଷ୍ଟ୍ରର ପୂଜା ଯୋଗ୍ୟ ନାରୀ ! ତୁମେ ପରିବାର ଓ ରାଷ୍ଟ୍ରରେ ସତ୍ୟମ୍, ଶିବମ୍, ସୁନ୍ଦରମ୍‌ର ଅରୁଣ କାନ୍ତିଗୁଡ଼ିକୁ ଝଲସାଇ ଆସ । ସେହି ନାରୀ ସମ୍ବନ୍ଧରେ ମନୁସ୍ମୃତି କହିଛି- ଯେଉଁଠି ନାରୀମାନଙ୍କର ପୂଜା ହୋଇଥାଏ, ସମ୍ମାନ-ସତ୍କାର ହୋଇଥାଏ, ସେଠାରେ ଦେବତା ନିବାସ କରନ୍ତି । ଆଉ ଯେଉଁଠି ନାରୀମାନଙ୍କର ପୂଜା ହୋଇ ନ ଥାଏ, ସେମାନଙ୍କର ସମ୍ମାନ ହୋଇ ନ ଥାଏ, ସେଠାରେ କରାଯାଇ ଥିବା ସମସ୍ତ ଭଲ କର୍ମ ନିଷ୍ଫଳ ହୋଇଯାଏ । ଯେଉଁ କୁଳରେ ସ୍ତ୍ରୀମାନେ କଷ୍ଟ ଭୋଗନ୍ତି, ସେହି କୁଳ ଶୀଘ୍ର ନଷ୍ଟ ହୋଇଯାଏ । ଆଉ ଯେଉଁଠି ସ୍ତ୍ରୀମାନେ ପ୍ରସନ୍ନ ରହନ୍ତି, ସେହି କୁଳ ସର୍ବଦା ପଲ୍ଲବିତ, ପୁଷ୍ପିତ ଓ ସମୃଦ୍ଧ ରହିଥାଏ ।

ନାରୀର ମହାନତାରେ ଭାରତୀୟ ବାଙ୍ମୟ ଭରି ହୋଇ ରହିଛି । ଜଣେ ପୁରୁଷ ନିଜ ପିତାଙ୍କ କୁଳର ପ୍ରତିନିଧିତ୍ୱ କରିଥାଏ ତ ଜଣେ ନାରୀ ନିଜର ପିତା ଓ ପତି ଉଭୟ କୁଳର ପ୍ରତିନିଧିତ୍ୱ କରିଥାଏ । ସେ ନିଜର ଶ୍ରେଷ୍ଠ ଆଚରଣ ଓ ଆଦର୍ଶ ଦ୍ୱାରା ଉଭୟ କୁଳକୁ ଗୌରବାନ୍ୱିତ କରିଥାଏ ।

ଭଗବାନ ଶ୍ରୀରାମ ବନବାସ ଯିବା ବେଳେ ସୀତା ମଧ୍ୟ ରାଜସୀ ସୁଖ-ବୈଭବ ତ୍ୟାଗ କରି ନିଜର ପତିଙ୍କ ସହିତ ବଣକୁ ଯିବା ପାଇଁ ତତ୍ପର ହୋଇଗଲେ । ସେ ରାଜସୀ ବେଶକୁ ତ୍ୟାଗ କରି ତପସ୍ୱିନୀ ବେଶ ଧାରଣ କରିଥିଲେ । ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି-

**ତାପସ ବେଷ ଜନକ ସିୟ ଦେଖୀ ।**
**ଭୟଉ ପେମୁ ପରିତୋଷୁ ବିଶେଷୀ ।**
**ପୁତ୍ରି ପବିତ୍ର କିଏ କୁଲ ଦୋଉ ।**
**ସୁଜସ ଧବଳ ଜଗୁ କହି ସବୁ କୋଉ ।**

ଅର୍ଥାତ୍ ସୀତାଙ୍କୁ ତପସ୍ୱିନୀ ବେଶରେ ଦେଖି ରାଜା ଜନକଙ୍କୁ ବିଶେଷ ପ୍ରେମ ଓ ସନ୍ତୋଷ ହେଲା । ସେ କହିଲେ 'ଝିଅ ! ତୁମେ ନିଜର ଆଚରଣ ଦ୍ୱାରା ଦୁଇ କୁଳକୁ ପବିତ୍ର କରିଦେଲ । ତୁମର ନିର୍ମଳ ଯଶ ଦ୍ୱାରା ଜଗତ୍ ଉଜ୍ଜ୍ୱଳ ହେଉଛି, ଏମିତି ସମସ୍ତେ କହୁଛନ୍ତି ।'

ଏହା ହେଉଛି ଭାରତୀୟ ନାରୀର ସର୍ବୋଚ୍ଚ ଆଦର୍ଶ, ଯାହା ଆମକୁ ଦେଖିବାକୁ ମିଳେ । ରାଜକାର୍ଯ୍ୟ ହେଉ, ରଣଭୂମି ହେଉ ଅଥବା ସାଧନାର ସମର ହେଉ- ପ୍ରତ୍ୟେକ କ୍ଷେତ୍ରରେ ନାରୀମାନେ ନିଜର ଶ୍ରେଷ୍ଠତା, କ୍ଷମତା ଓ ପ୍ରତିଭାର ପତାକା ଉଡ଼ାଇଛନ୍ତି । ବୈଦିକ କାଳରେ ନାରୀମାନେ ବେଦ ପଢୁଥିଲେ । ଆଉ ପଢ଼ାଉ ଥିଲେ ମଧ୍ୟ । ମୈତ୍ରେୟୀ, ଗାର୍ଗୀ, ଅପାଲା ଘୋଷା ଆଦି ଋଷୀମାନେ ଏହାର ଉଦାହରଣ । ଖାଲି ଏତିକି – ନୁହେଁ; ଆଶ୍ରମ, ଆରଣ୍ୟକ, ଗୁରୁକୁଳ ଗୁଡ଼ିକର ସଫଳ ସଂଚାଳନରେ ଋଷିମାନଙ୍କ ସହିତ ଋଷିକନ୍ୟା ଏବଂ ଋଷି ପତ୍ନୀମାନଙ୍କର ମଧ୍ୟ ସେତିକି ଯୋଗଦାନ ରହୁଥିଲା ।

ବର୍ତ୍ତମାନ ସମୟରେ ମଧ୍ୟ ଆଧାତ୍ମିକ ଆଶ୍ରମଗୁଡ଼ିକୁ ଦେଖିବା ତ ଶ୍ରୀରାମକୃଷ୍ଣ ପରମହଂସଙ୍କ ସହିତ ମା' ଶାରଦାମଣି, ମହର୍ଷି ଅରବିନ୍ଦଙ୍କ ସହିତ ଶ୍ରୀମାଙ୍କ ସହିତ ଋଷିକନ୍ୟା ଓ ଋଷି ପତ୍ନୀଗଣଙ୍କର ସେହି ଆଶ୍ରମଗୁଡ଼ିକ ଦ୍ୱାରା ସଂଚାଳିତ । ଆଧାତ୍ମିକ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ବିସ୍ତାର କରିବାରେ ଅବିସ୍ମରଣୀୟ ଯୋଗଦାନ ରହିଛି । ଭାରତର ସ୍ୱାଧୀନତା ଆନ୍ଦୋଳନରେ କସ୍ତୁରବା ବାଈ ସଦାବେଳେ ମହାତ୍ମା ଗାନ୍ଧୀଙ୍କର ଛାୟା ପରି ପ୍ରତି ପଦକ୍ଷେପରେ ତାଙ୍କ ସାଙ୍ଗରେ ରହି ସାହାଯ୍ୟ କରୁଥିଲେ ।



ଭାରତର ସ୍ୱାଧୀନତା ସଂଗ୍ରାମରେ ରାଣୀ ଲକ୍ଷ୍ମୀବାଈଙ୍କ ଭଳି ଅଗଣିତ ବୀରାଙ୍ଗନାଙ୍କର ବୀରତା ବିଷୟରେ କିଏ ନ ଜାଣିଛି ? କ୍ରାନ୍ତିକାରୀଙ୍କ ମଧ୍ୟରେ ଦୁର୍ଗା ଭାଭଜ ନାମରେ ପ୍ରସିଦ୍ଧ ଦୁର୍ଗା ଦେବୀଙ୍କ ଯୋଗଦାନକୁ ଭଲା କିପରି ଭୁଲି ହେବ ? ସେ ସେହି ସାହସୀ ମହିଳା ଥିଲେ, ଯାହାଙ୍କ ଘର ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ଭଳି କ୍ରାନ୍ତିକାରୀମାନଙ୍କ ପାଇଁ ଆଶ୍ରୟସ୍ଥଳୀ ଥିଲା । ଏ ସମସ୍ତ କ୍ରାନ୍ତିକାରୀ ଇଂରେଜ ସିପାହୀ ଓ ଅଧିକାରୀମାନଙ୍କ ନଜରରୁ ରକ୍ଷା ପାଇବା ପାଇଁ ଏହି ଦୁର୍ଗା ଦେବୀଙ୍କ ଘରେ ଶରଣ ଓ ମୁଁ ଭୋଜନ ପାଉଥିଲେ ।

ତାଙ୍କ ପତି ଯେଉଁ ପଇସା ଦୁର୍ଦ୍ଦିନ ସମୟ ପାଇଁ ଛାଡ଼ି ଯାଇଥିଲେ, ତାହା ମଧ୍ୟ ସେ ସେହି କ୍ରାନ୍ତିକାରୀମାନଙ୍କୁ ଦେଇଦେଲେ । ନିଜର ତିନି ବର୍ଷର ପୁଅକୁ ନେଇ ଏହି ସାହସୀ ମହିଳା ଭଗତ ସିଂହ ଓ ରାଜଗୁରୁଙ୍କୁ ନିଜ ପରିବାରର ଚାକର କହି ଇଂରେଜ ସିପାହୀମାନଙ୍କ ନଜରରୁ ବଞ୍ଚାଇ ଥିଲେ ଆଉ ଏହି ତିନି ଜଣଙ୍କୁ ଲକ୍ଷ୍ନୌ ପାଇଁ ଟ୍ରେନରେ ବସାଇବାକୁ ଯାଇଥିଲେ । ଏହିପରି ଅସଂଖ୍ୟ ନାରୀ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଗତି ପ୍ରଦାନ କରିଥିଲେ ।

ଭାରତର ପୁତ୍ରୀ ସତୀ ସାବିତ୍ରୀ ତ ନିଜ ତପ ବଳରେ ମୃତ୍ୟୁର ଦେବତା ଯମଙ୍କ ଆଖିରେ ଆଖି ମିଶାଇ ତାଙ୍କୁ ନିଜର ପତି ସତ୍ୟବାନଙ୍କ ପ୍ରାଣକୁ ପ୍ରତ୍ୟାର୍ପଣ କରିବାକୁ ବିବଶ କରି ଦେଇଥିଲେ । ପ୍ରକୃତରେ କୌଣସି ନାରୀ ଅବଳା ନୁହନ୍ତି, ବରଂ ସବଳା ଅଟନ୍ତି । ନାରୀ ପୁରୁଷ ଭଳି ସେତିକି ସାହସୀ ଓ ସମର୍ଥ ଅଟେ । ନାରୀମାନେ ଅବସର ମିଳିଲେ ସମୟ - ସମୟରେ ନିଜର ଅଦମ୍ୟ ସାହସ ଓ ଶକ୍ତିର ପରିଚୟ ଦେଇଛନ୍ତି । ବାସ୍ତବରେ ନର ଆଉ ନାରୀ ମନୁଷ୍ୟର ଦୁଇଟି ରୂପ ।

ମନୁଷ୍ୟ ଈଶ୍ୱରଙ୍କର ଅଂଶ, ଏଣୁ ନର ପରି ନାରୀ ମଧ୍ୟ ସେତିକି ସାମର୍ଥ୍ୟବାନ୍, ଯେତିକି ପୁରୁଷ । ଆତ୍ମା ନର ନୁହେଁ ନାରୀ ନୁହେଁ । ନର ଆଉ ନାରୀର ଶରୀର ତ ଆତ୍ମାର ଆବରଣ ମାତ୍ର । ବାସ୍ତବରେ ନର ଆଉ ନାରୀ ଆର୍ଥିକ ସ୍ତରରେ ଏକ । ତେଣୁ କୁହାଯାଇଛି ଯେ ନର ଆଉ ନାରୀ ଏକ ସମାନ । ନର ଆଉ ନାରୀ ମଧ୍ୟରେ କୌଣସି ଭେଦ ନାହିଁ । ଏ ସମ୍ବନ୍ଧରେ ମନୁସ୍ମୃତି କହିଛି- ହିରଣ୍ୟଗର୍ଭ ନିଜର ଶରୀରକୁ ଦୁଇ ଭାଗ କଲେ । ଅଧାରୁ ପୁରୁଷ ଆଉ ଅଧାରୁ ସ୍ତ୍ରୀର ନିର୍ମାଣ ହେଲା । ଉଭୟଙ୍କ ମଧ୍ୟରେ ତତ୍ତ୍ୱତଃ କୌଣସି ଭେଦ ନାହିଁ ନର ଆଉ ନାରୀ ମଧ୍ୟରେ ଶାରୀରିକ ସଂରଚନାରେ ଅନ୍ତରତ ରହିଛି, କିନ୍ତୁ ତ୍ୟାଗ, ତପସ୍ୟା, ସାହସ, ଶୌର୍ଯ୍ୟ, ମନୋବଳ, ଆତ୍ମବଳ, ପୁରୁଷାର୍ଥ, ପ୍ରତିଭା ଆଦି ସ୍ତରରେ କୌଣସି ଅନ୍ତର ନାହିଁ । ନାରୀ ଶକ୍ତି ଅଟେ । ଶକ୍ତି ବିନା ଶିବ ମଧ୍ୟ ଶବ ସମାନ । ଶିବଙ୍କ ଅର୍ଦ୍ଧନାରୀଶ୍ୱର ରୂପ ମଧ୍ୟ ଏହି କଥାର ଦ୍ୟୋତକ ଯେ ନର ଆଉ ନାରୀ ମଧ୍ୟରେ କୌଣସି ଭେଦ ନାହିଁ, ବରଂ ଉଭୟ ହେଉଛନ୍ତି ଏକ । ନର ଆଉ ନାରୀର ସମ୍ମିଳିତ ଶକ୍ତିରୁ ହିଁ ପରିବାର, ସମାଜ, ରାଷ୍ଟ୍ର ଓ ବିଶ୍ୱର ନିର୍ମାଣ ହୋଇଥାଏ । ନର ଆଉ ନାରୀର ସମ୍ମିଳିତ ଶକ୍ତି ଦ୍ୱାରା ହିଁ ପରିବାର, ସମାଜ ଓ ରାଷ୍ଟ୍ର ସଶକ୍ତ ଏବଂ ସମୃଦ୍ଧ ହୋଇଥାଏ । ନାରୀ ଶକ୍ତିକୁ ଉପେକ୍ଷା କରି, ତାକୁ ଦୁର୍ବଳ କରି, ତାକୁ ବିକାଶର ସୁଯୋଗ ଗୁଡ଼ିକରୁ ଦୂର କରି କୌଣସି ପରିବାର, ସମାଜ ଏବଂ ରାଷ୍ଟ୍ର ସଶକ୍ତ ଓ ସମର୍ଥ ହୋଇ ପାରିବ ନାହିଁ ।

ନାରୀ ପୁରୁଷମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ପୂରକ । ଦୁର୍ଭାଗ୍ୟବଶତଃ ନାରୀମାନଙ୍କୁ ନେଇ ସମୟ ସମୟରେ ସମାଜରେ ଉତ୍ପନ୍ନ ହୋଇଥିବା ପୁରୁଣା କାଳୀନ ବିଚାର ଓ ମୂଢ଼ମାନ୍ୟତାଗୁଡ଼ିକ କାରଣରୁ ନାରୀମାନଙ୍କର ମନୋବଳ, ଆତ୍ମବଳକୁ ଦୁର୍ବଳ କରିବାର କୁତ୍ସିତ ପ୍ରୟାସ କରାଯାଉଛି । ନାରୀମାନଙ୍କ ମଧ୍ୟରେ ପୁରୁଷମାନଙ୍କ ତୁଳନାରେ ବୁଦ୍ଧି, ମେଧା, ପ୍ରତିଭା, ପୁରୁଷାର୍ଥ, ସାହସ, କ୍ଷମତା, ସାମର୍ଥ୍ୟ ଆଦି କମ୍ ଥିବା ଆଉ ଅବଳା ହେବା ଭଳି ହୀନ ଭାବନା ଭରି ଦିଆଯାଇଛି । ସେମାନଙ୍କ ଶକ୍ତି ସାମର୍ଥ୍ୟ ଓ କ୍ଷମତାର ଅବମୂଲ୍ୟାୟନର ଭୁଲ କରାଯାଇଥାଏ ଏବଂ ଏହାର ଦୁଷ୍ପରିଣାମ ପୂରା ସମାଜ, ରାଷ୍ଟ୍ର ଓ ବିଶ୍ୱ ସମୁଦାୟକୁ ଭୋଗିବାକୁ ପଡ଼ୁଛି ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ପାଠକୀୟ ପ୍ରତ୍ୟାଶା

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମୁଦ୍ରିତ ଗଣମାଧମ ପାଠକଙ୍କ ସଂପୃକ୍ତ ମଞ୍ଚ ପ୍ରତି ଆଶା-ଆକାଂକ୍ଷା 'ପାଠକୀୟ ପ୍ରତ୍ୟାଶା' ନାମିତ । ପାରମ୍ପରିକ ଗଣମାଧମ ପରିବେଶରେ ଏକକ ସୂତ୍ରରୁ ପ୍ରକାଶିତ ପାଠ୍ୟ, ଶ୍ରାବ୍ୟ ବା ଦୃଶ୍ୟ 'ଟେକ୍ସଟ', 'ଅଡ଼ିଓ' ବା 'ଭିଡ଼ିଓ' ଉପଭୋକ୍ତାଙ୍କ ମଧରେ ପ୍ରସାରିତ ହୋଇଥାଏ । ପାଠକ, ଶ୍ରୋତା ବା ଦର୍ଶକଙ୍କ ଆବଶ୍ୟକତା ଓ ରୁଚି ପରଖିବା ସମ୍ପାଦକମାନଙ୍କ ଦାୟିତ୍ୱ । ଅଧିକାଂଶ କ୍ଷେତ୍ରରେ ତଦ୍ ଜନିତ ସମୀକ୍ଷା ପ୍ରକ୍ରିୟା ଯୁକ୍ତିଯୁକ୍ତ ଢଙ୍ଗରେ ନିୟନ୍ତ୍ରିତ ହୋଇପାରି ନ ଥାଏ । ଏହି କାରଣରୁ ଗଣମାଧମରେ ପ୍ରକାଶିତ ସୃଜନ 'କଣ୍ଟେଣ୍ଟ' ଉପଭୋକ୍ତାଙ୍କ ଆଶା-ଆକାଂକ୍ଷା ପୂରଣ କରିପାରେ ନାହିଁ ।

ସାଧାରଣରେ ସମ୍ପାଦକମାନେ ମୁଦ୍ରିତ ମଞ୍ଚଗୁଡ଼ିକର ସମ୍ପାଦକୀୟ ନୀତି ନିର୍ଦ୍ଧାରଣ କରିଥାନ୍ତି । ନିଜସ୍ୱ ମଞ୍ଚର ପାଠକଙ୍କ ଆବଶ୍ୟକତା ଓ ରୁଚି ସଂପର୍କରେ ସେମାନେ ଅବଗତ ବୋଲି ବିଶ୍ୱାସ କରାଯାଇଥାଏ । ସମ୍ପାଦକଙ୍କ ଅଭିଜ୍ଞତା, ପାଠକମାନଙ୍କ ସହ ଅଣ ଆନୁଷ୍ଠାନିକ ଆଲୋଚନା ଓ ପ୍ରକାଶନର ସୃଜନ-ଦୃଷ୍ଟିକୋଣ 'କ୍ରିଏଟିଭ ପ୍ରସପେକ୍ଟିଭ'କୁ ଭିତ୍ତିକରି ସମ୍ପାଦକୀୟ ନୀତି ପ୍ରଯୋଜିତ ହୋଇଥାଏ । ତେବେ ଏହି ପଦ୍ଧତି ପରିସଂଖ୍ୟାନଭିତ୍ତିକ ଓ ପ୍ରମାଣଯୋଗ୍ୟ ସାବ୍ୟସ୍ତ ହୋଇ ପାରେ ନାହିଁ । ଫଳତଃ ଉପାଦେୟତା ସନ୍ଦିହାନ ଅବସ୍ଥାରେ ପଡ଼ିରହେ ।ଆଧୁନିକ ପରିବେଶରେ ଗଣମାଧମ ସୃଜନ ଉପକ୍ଷଭୋକ୍ତା-କେନ୍ଦ୍ରୀକ ବିଚାର କରାଯାଉଥିବା ହେତୁ ସୃଜନର ଗୁଣାତ୍ମକ ଉନ୍ନତି ତଥା ପ୍ରସାର ବୃଦ୍ଧି ନିମନ୍ତେ ଉପକ୍ଷଭୋକ୍ତାଙ୍କ ପ୍ରତିକ୍ରିୟା ସର୍ବେକ୍ଷଣ ପ୍ରତି ଗୁରୁତ୍ୱ ଆରୋପ କରାଯାଇଥା ଏବଂ ଆନ୍ତର୍ଜାତିକ ସ୍ତରରେ ମୁଦ୍ରିତ ଗଣମାଧମ ମଞ୍ଚର ପ୍ରକାଶକଗଣ 'ୟୁଏକ୍ସଆର' ବା 'ୟୁଜର୍ସ ଏକ୍ସପେକ୍ଟେସନ୍ସ ରିସର୍ଚ୍ଚ' ପାଠକୀୟ ପ୍ରତ୍ୟାଶା ଆକଳନ ନିମନ୍ତେ ବ୍ୟବହାର କରନ୍ତି । ବଜାରଭିତ୍ତିକ ବିଭିନ୍ନ ବନ୍ଦେଇ ଦ୍ରବ୍ୟସମୂହ 'ପ୍ୟାକେଜେଡ଼ ଗୁଡ଼ସ'ଠାରୁ ଆରମ୍ଭକରି ସୋସିଆଲ ନେଟର୍ୱାକ ବା ପ୍ରକାଶକ ଯାଏଁ ପ୍ରତ୍ୟେକ ବ୍ୟବସାୟରେ ଉପଭୋକ୍ତାଙ୍କ ଆବଶ୍ୟକତା ଓ ରୁଚି ସଂପର୍କରେ ତଥ୍ୟ ସଂଗ୍ରହ ବ୍ୟବସାୟ ପରିଚାଳନାର ଅଂଶବିଶେଷ ପାଲଟିଛି ।

ଆନ୍ତର୍ଜାତିକ ସ୍ତରରେ ସମ୍ମୁଖ ଧାଡ଼ିରେ ପ୍ରତିଷ୍ଠିତ ମୁଦ୍ରିତ ଗଣମାଧମ । ମଞ୍ଚଗୁଡ଼ିକ ପକ୍ଷରୁ ପାଠକୀୟ ପ୍ରତ୍ୟାଶା ଅନୁଧାନ କ୍ରମାଗତ ପ୍ରକ୍ରିୟା । ଉଦାହରଣରେ ମାର୍କିନ ମାସିକ ପତ୍ରିକା 'ଦି ଆଟଲାଣ୍ଟିକ' ବିଚାରକୁ ନିଆଯାଉ । ଏହି ପତ୍ରିକାଟି ଦେଢଶହ ବର୍ଷ ପୂର୍ବେ ୧୮୫୭ରେ ବୋଷ୍ଟନଠାରୁ ପ୍ରକାଶନ ଆରମ୍ଭ କରିଥିଲା । ସଂପ୍ରତି ୱାଶିଂଟନରୁ ପ୍ରକାଶିତ ମୁଦ୍ରିତ ସଂସ୍କରଣ ପ୍ରସାର ସଂଖ୍ୟା ୨୦୧୮ରେ ହିସାବ ଅନୁଯାୟୀ ପ୍ରାୟ ପାଞ୍ଚ ଲକ୍ଷ । ଏହାର ସୁଦୀର୍ଘ ଇତିହାସରେ ରାଲଫ ୱାଲଡ଼ା ଏମାରସନ, ମାର୍କ ଟୁଇନ, ଏରନଷ୍ଟ ହେମିଂ ଓ ମାର୍ଟିନ ଲୁଥର କିଙ୍ଗ ଜୁନିୟରଙ୍କ ଭଳି ସୃଜନସ୍ରଷ୍ଟା ଓ ଚିନ୍ତାନାୟକ ସାହିତ୍ୟ, ରାଜନୀତି, ବୈଦେଶିକ ବ୍ୟାପାର ଓ ଜୀବନଶୈଳୀ ସଂପର୍କରେ ଲେଖିଛନ୍ତି । ଏକବିଂଶ ଶତାବ୍ଦୀ ଆରମ୍ଭରୁ ବର୍ଷରେ ଦଶଗୋଟି ସଂଖ୍ୟା ପ୍ରକାଶ ପାଉଥିବା 'ଦି ଆଟଲାଣ୍ଟିକ' ମୁଖ୍ୟତଃ ଦୀର୍ଘ ରଚନା 'ଲଙ୍ଗଫର୍ମ ଷ୍ଟୋରି ଟେଲିଂ' ଓ ଚର୍ଚ୍ଚିତ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତକାର ସମୃଦ୍ଧ । ପରିବର୍ତ୍ତିତ ପରିବେଶରେ ମୁଦ୍ରିତ ପତ୍ରିକା ସହ ଡ଼ିଜିଟାଲ ମଞ୍ଚ ମଧ ସାମିଲ ହାଇଛି ।

'ଦି ଆଟଲାଣ୍ଟିକ'ର ପାଠକୀୟ ପ୍ରତ୍ୟାଶା ପରିମାପ ତଦାରଖ କରିବା ନିମନ୍ତେ ଜଣେ ଭାରପ୍ରାପ୍ତ କୁଶଳୀ କର୍ମଚାରୀ ଏମିଲି ଗାଲିଗାକ୍ସି ନିଯୁକ୍ତ । ସଂକ୍ଷେପରେ କାର୍ଯ୍ୟଧାରା ବର୍ଣ୍ଣନା କଲେ ପତ୍ରିକା ପକ୍ଷରୁ ନିୟମିତ ପାଠକମାନଙ୍କ ସହ ଆଳାପ ଆଲାଚନା ବ୍ୟବସ୍ଥା କରାଯାଏ । ଏହି ପ୍ରକ୍ରିୟାରେ ବର୍ତ୍ତମାନର ଗ୍ରାହକ, ପୂର୍ବତନ ଗ୍ରାହକ ଏବଂ ସମ୍ଭାବ୍ୟ ଗ୍ରାହକ ଶ୍ରେଣୀ ଅନ୍ତର୍ଭୁକ୍ତ । ଏକପକ୍ଷରେ ପତ୍ରିକାର ଗ୍ରାହକ କିଏ ତାହା ନିର୍ଦ୍ଧାରଣ କରିବା ନିମନ୍ତେ ଉଦ୍ୟମ କରାଯାଏ । ଅପରପକ୍ଷରେ ପାଠକମାନେ କେଉଁ କାରଣରୁ ପ୍ରକାଶନ ମୂଳେ ସମୟ ଓ ଅର୍ଥ ବିନିଯୋଗ କରୁଛନ୍ତି ସେଦିଗରେ ସମୀକ୍ଷା ପ୍ରତି ଧାନ ଦିଆଯାଏ ।

ଏମିଲିଙ୍କ ମତରେ ପାଠକଙ୍କ ଆବଶ୍ୟକତା ଓ ରୁଚି ପରିବର୍ତ୍ତନଶୀଳ । ଏହି କାରଣରୁ କ୍ରମାଗତଭାବେ ତଥ୍ୟ ସଂଗ୍ରହ କରି ସମ୍ପାଦକୀୟ ନୀତି ପ୍ରସ୍ତୁତ କରିବାକୁ ପଡିଥାଏ । ପତ୍ରିକାରେ କୌଣସି ନୂତନ ନୀତି ଉପଯୋଗ ସମୟରେ ପାଠକଙ୍କ ଗ୍ରହଣୀୟତା ପରିମାପ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ, ପ୍ରଚଳିତ ଶୈଳୀର ସାମୟିକ ମୂଲ୍ୟାୟନ ମଧ ସେତିକି ମାତ୍ରାରେ ଜରୁରୀ । ପାଠକୀୟ ରୁଚିକୁ ନେଇ ପତ୍ରିକା ପକ୍ଷରୁ ଯେଉଁ ଉପପାଦ୍ୟ ଆଧାରରେ ସଂପାଦକୀୟ ନୀତି ନିର୍ଦ୍ଧାରଣ କରାଯାଇଥାଏ ସ୍ଥଳବିଶେଷରେ ତାହା ଭୂଲ ପ୍ରମାଣିତ ହେଉଥିବା ମଧ ଦେଖିବାକୁ ମିଳେ । ଫଳରେ ସଂଶୋଧନ ଆବଶ୍ୟକ ପଡେ ।

ଏମିଲି ନିଜ ଗବେଷଣା ପ୍ରକ୍ରିୟା ସଂପର୍କରେ ସବିଶେଷ ବିବରଣୀ ଲିଖିତ ଆକାରରେ ସମ୍ପଦକୀୟ ଓ ପ୍ରସାର ବିଭାଗ ସହକର୍ମୀଙ୍କ ମଧରେ ବିତରଣ କରନ୍ତି । ସାଧାରଣରେ ସାକ୍ଷାତକାର ଭିତ୍ତିକ 'ଇଣ୍ଟରଭ୍ୟୁ-ବେସଡ଼' ଗବେଷଣାରେ ୨୦ ଜଣ ଏବଂ ସର୍ବେକ୍ଷଣ ଭିତ୍ତିକ 'ସର୍ଭେ-ବେସଡ଼' ଗବେଷଣାରେ ହଜାରେ ଯାଏଁ ପାଠକ ସାମିଲ ହୋଇଥାନ୍ତି । ଏହି ନମୂନା ପତ୍ରିକାର ପ୍ରଶଂସକଙ୍କ ଠାରୁ ଅଣ-ପାଠକ ବର୍ଗ ଯାଏଁ ସଂପ୍ରସାରିତ । ଏମିଲି ଜାନୁୟାରୀ ୨୦୨୨ରେ ପ୍ରକାଶିତ ଏକ ନିବନ୍ଧରେ ଦର୍ଶାଇଥିଲେ ଯେ 'ଦି ଆଟାଲାଣ୍ଟିକ' ପାଠକମାନଙ୍କୁ ମୁଖ୍ୟତଃ ପାଞ୍ଚଗୋଟି କାରଣରୁ ଆକର୍ଷିତ କରୁଥିବା ଗବେଷଣାରୁ ସୁସ୍ପଷ୍ଟ । ପ୍ରଥମତଃ ବିଭିନ୍ନ ବିଷୟରେ ଗଭୀର ଅନୁଧାନରେ ସହାୟତା, ଦ୍ୱିତୀୟତଃ ନୂତନ ଚିନ୍ତାଧାରା ଓ ତୃତୀୟତଃ ନୂତନ ଲେଖକଙ୍କ ସହ ପରିଚିତି, ଚତୁର୍ଥତଃ ନିଜସ୍ୱ ଧାରଣା, କଳ୍ପନା ଓ ଅଭିମତ ସହ ପ୍ରତିଦ୍ୱନ୍ଦିତା ଏବଂ ପଞ୍ଚମତଃ ଧରାବନ୍ଧା ଚିନ୍ତାର ପରିଧିରୁ ବିରତି ନିମନ୍ତେ ପାଠକମାନେ 'ଦି ଆଟଲାଣ୍ଟିକ' ଭଳି ପତ୍ରିକାର ଗ୍ରାହକ ଶ୍ରେଣୀଭୁକ୍ତ ହୋଇଥାନ୍ତି । ଏହି ତଥ୍ୟ ୨୦୧୯ରୁ ୨୦୨୧ ଦୁଇ ବର୍ଷ ଧରି ଆୟୋଜିତ ଅନୁଧାନରୁ ଜଣାପଡ଼ିଥିଲା ।

ଯୁକ୍ତରାଷ୍ଟ୍ର ଆମେରିକାର ପାଠକଙ୍କ ରୁଚି ଆନ୍ତର୍ଜାତିକ ସ୍ତରରେ ସମକାଳରେ ଅନ୍ୟତ୍ର ମଧ ଊଣାଅଧିକେ ପ୍ରଯୁଜ୍ୟ ବୋଲି ବିଚାର କରାଯାଇପାରେ । ଆମ ଭାରତରେ ମୁଦ୍ରିତ ମଞ୍ଚ ଏହି ପାଠକୀୟ ଉପଲବ୍ଧିଠାରୁ ବହୁ ଦୂରରେ ଥିବା ପ୍ରତୀୟମାନ ହୁଏ । ଏହାର ମୁଖ୍ୟ କାରଣ ଆମ ପ୍ରକାଶକ, ସମ୍ପାଦକମାନଙ୍କ ନିକଟରେ ସେମାନଙ୍କ ପ୍ରକାଶନର ପାଠକ କିଏ ଏବଂ ସେ କ'ଣ ପଢ଼ିବାକୁ ଚାହେଁ ସେ ସଂପର୍କରେ ତଥ୍ୟ ଅଭାବ । ପାରମ୍ପରିକଭାବେ ସମ୍ପାଦକମାନେ ନିଜସ୍ୱ ଅନୁମାନିକ ମତ ଉପଯୋଗ କରିଥାନ୍ତି ଏବଂ ତାହା ଅଧିକାଂଶ ସ୍ତରରେ ଭୂଲ ପ୍ରମାଣିତ ।

ମହାମାରି-ପର ପରିବେଶ 'ନ୍ୟୁ-ନରମଲ'ରେ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ରର ଗ୍ରାହକ ଓ ପାଠକ କିଏ ? ହୁଏତ ଉଚ୍ଚ ଶିକ୍ଷିତ, ଆର୍ଥିକ ଦିଗରୁ ସ୍ୱଚ୍ଛଳ ଓ ପଚାଶ ବର୍ଷୋତ୍ତର ଗୃହକର୍ତ୍ତା ଓଡ଼ିଆ ଦୈନିକ ସମ୍ବାଦପତ୍ରର ପୃଷ୍ଠପୋଷକ । ଏହି ଧାରା ଆନ୍ତର୍ଜାତିକ ସ୍ତରରେ ଗବେଷଣାରୁ ସୁସ୍ପଷ୍ଟ । ଯେହେତୁ ଓଡ଼ିଶାରେ ଅଳ୍ପଶିକ୍ଷିତ ଓ ନବସାକ୍ଷର ଜନସଂଖ୍ୟା ଅଧିକ ସେମାନଙ୍କ ଲାଗି ଏକ କାଳ୍ପନିକ ରୁଚିକୁ ସୁହାଇଲା ଭଳି ସମ୍ପାଦକୀୟ ନୀତି ଆମେ ସ୍ଥିର କରୁ । ଗାଁ ପାନ ଦୋକାନ, ଚା ଦୋକାନରେ ପହୁଞ୍ଚୁଥିବା ଖବର କାଗଜର ପାଠକ ନବସାକ୍ଷର ହୋଇପାରନ୍ତି, କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ଗ୍ରାହକ ନୁହନ୍ତି । ଗ୍ରାହକ ଇଂଲିଶ ଜାଣେ, ଟେଲିଭିଜନ – ଇଣ୍ଟରନେଟ ଦେଖେ ତା'ସହ ଓଡ଼ିଆ ଖବର କାଗଜ କିଣେ । କିନ୍ତୁ ଆମେ ତାହାର ରୁଚିକୁ ଅଣଦେଖା କରୁ ।

ଗ୍ରାହକ-ପାଠକ ମୁଦ୍ରିତ ମଞ୍ଚରେ ନୂତନ ଚିନ୍ତାଧାରା, ନୂତନ ଲେଖକ ଓ ଗଭୀର ଅନୁଶୀଳନ ଆଶା କରୁଥିବା ସ୍ଥଳେ ଯଦି ଦୀର୍ଘକାଳ ଧରି ପାଠକୀୟ ରୁଚି ଚରିତାର୍ଥ ନ ହୁଏ ତେବେ ସେ ସଂପୃକ୍ତ ମଞ୍ଚରୁ ଅପସରି ଯିବା ଭୟ ରହିଥାଏ । ସମକାଳୀନ ଗଣମାଧମ ମଞ୍ଚଗୁଡ଼ିକର ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ପରିବେଶରେ ଯଦି କେହି ଜଣେ ଯୁକ୍ତିଯୁକ୍ତ ସମ୍ପାଦକୀୟ ଓ ପ୍ରସାର ନୀତି ସହ ଉପଯୁକ୍ତ ନିବେଶ ନେଇ ପହଞ୍ଚେ ତେବେ ବହୁ ପାରମ୍ପରିକ ମଞ୍ଚର ସତ୍ତା ଲୋପ ପାଇଯିବା ସମ୍ଭବ । କେବଳ ବ୍ୟାବସାୟିକ ଚାତୁର୍ଯ୍ୟ 'ମାର୍କେଟିଂ ଷ୍ଟ୍ରାଟେଜି'ରେ ଯେଉଁ ସମ୍ବାଦ ମଞ୍ଚଗୁଡ଼ିକ ମୁଣ୍ଡ ଟେକିଛନ୍ତି 'ନ୍ୟୁ-ନରମାଲ'ରେ ପାରିବାରିକ ଖର୍ଚ୍ଚକାଟରେ ସେମାନଙ୍କ ଗ୍ରାହକଚାନ୍ଦା ପ୍ରଥମେ କଟିଯିବ ।

ପାଠକୀୟ ପ୍ରତ୍ୟାଶା ଚରିତାର୍ଥ କରିବା ପ୍ରତ୍ୟେକ ଗଣମାଧମ ମଞ୍ଚ ପ୍ରକାଶକ ଓ ସମ୍ପାଦକଙ୍କ ମୌଳିକ ଦାୟିତ୍ୱ । ପାଠକ କିଏ ଏବଂ ସେ କ'ଣ ଚାହେଁ ତଦ ଅନୁଯାୟୀ ସଂପାଦକୀୟ ନୀତି ଅନୁସୃତ ହେଲେ ପ୍ରକାଶନ ବ୍ୟାବସାୟିକ ସଫଳତା ପାଇପାରିବ । ପରିବର୍ତ୍ତିତ ପରିବେଶରେ ଗଣମାଧମ ମଞ୍ଚ ଗୁଡ଼ିକରେ ଗ୍ରାହକଚାନ୍ଦା-ଆଶ୍ରିତ ମଡେଲ ଉପଯାଗ ବାଧବାଧକତାରେ ପରିଣତ ହୋଇଥିବା ହେତୁ ପାଠକଙ୍କ ସଂପର୍କରେ ତଥ୍ୟ ସଂଗ୍ରହ ପ୍ରାଥମିକତା ଦାବି କରେ ।

## ଆଜିର ଚିନ୍ତନ

**ଶ୍ରୀ** ରାମ ଏକାଧାରରେ ଦେବତା ଏବଂ ମନୁଷ୍ୟ, ସେ ଆଦର୍ଶ ପୁରୁଷ ପୁରୁଷୋତ୍ତମ ମନୁଷ୍ୟୋଚିତ ମର୍ଯ୍ୟାଦା ଗୁଣର ଆଧାର ହୋଇ ଥିବାରୁ ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କ ଚରିତ ସନ୍ନିହିତ ପୁରାଣ- ରାମାୟଣ, ଯାହା ଏକାଧାରରେ ଆମର ଭକ୍ତି ଏବଂ ପ୍ରୀତିଭାଜନ ହୋଇ ପାରିଛି । ତାହା କେବେ ଏପରି ସମ୍ଭବ ହୋଇ ପାରନ୍ତା ନାହିଁ । ଯଦି ଏହି ମହାଗ୍ରନ୍ଥର କବିତା ଭାରତ ବର୍ଷର ଦୃଷ୍ଟିରେ କେବଳ କବି ମାନଙ୍କର କପୋଳ କଳ୍ପନା ହୋଇଥାନ୍ତା । ଲୋକ ବ୍ୟବହାରରେ ଆସି ନ ଥାନ୍ତି । ଏ ଗ୍ରନ୍ଥ କେଉଁ କାଳରୁ ଲୋକ ବ୍ୟବହାର ସିଦ୍ଧ । ରାମାୟଣରୁ ଭାରତୀୟମାନେ ଯାହା ଚାହିଁଛନ୍ତି, ତାହା ପାଇଛନ୍ତି ବୋଲି ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁର କହିଛନ୍ତି । ଏଥିରେ ଭଗବାନଙ୍କ ଗୁଣଗାନ ରହିଛି । ଭାଗବତ ମହାତ୍ମ୍ୟରେ କୁହା ଯାଇଛି- ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ସଂକୀର୍ତ୍ତନରେ ମହାନ୍ ଆଚାର୍ଯ୍ୟମାନଙ୍କ ଦ୍ୱାରା ଯେଉଁ ଦିବ୍ୟଜ୍ଞାନ ପ୍ରାରମ୍ଭ ହୋଇଥିଲା, ସେଥିରେ ପ୍ରହ୍ଲାଦ ଅତ୍ୟନ୍ତ ଚଞ୍ଚଳମତି ବାଳକ ହୋଇ ଥିବାରୁ କରତାଳ ବଜାଇଲେ – ଉଦ୍ଧବ ଝାଞ୍ଜ ଉଠାଇଲେ । ଦେବର୍ଷି ନାରଦ ବୀଣାଧ୍ୱନି କଲେ, କି ସ୍ୱରବିଦ୍ୟା ବା ଗାନ ବିଦ୍ୟା କୁଶଳ ହୋଇ ଥିବାରୁ ଅର୍ଜୁନ ରାଗ ଆଳାପ କଲେ, ଦେବରାଜ ଇନ୍ଦ୍ର ବଜ୍ରଘୋଷ ପ୍ରିୟ ହୋଇଥିବାରୁ ଶବ୍ଦକାରୀ ମୃଦଙ୍ଗ ବଜାଇଲେ, ସନକାଦି ଋଷି ମୁନି ମଝି ମଝିରେ ଜୟଘୋଷ କରି ଚାଲିଲେ ଏବଂ ଏମାନଙ୍କ ମଧରେ ସର୍ବାଗ୍ରେ ଶୁକଦେବ ମହାରାଜ ବିଭିନ୍ନ ପ୍ରକାରର ଅଙ୍ଗ ଭଙ୍ଗୀ କରି ଭାବ ବୁଝାଇ ଚାଲିଲେ । ଭଗବାନ୍ ବିଷ୍ଣୁ ଦେବର୍ଷି ନାରଦଙ୍କୁ କହିଥିବା ଉକ୍ତି ଲୋକ ପ୍ରସିଦ୍ଧ – 'ନାହଂ ବସାମି ବୈକୁଣ୍ଠେ ଯୋଗିନା ହୃଦୟ ନ ଚ, ମଦଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।' କଳିଯୁଗ ତ ଭଗବାନଙ୍କ ଚରିତ୍ର, ଭଗବାନଙ୍କ ଲୀଳା ଗାନ ତଥା ଭଗବାନଙ୍କ ଗୁଣ କୀର୍ତ୍ତନର ଯୁଗ । ମହାତ୍ମା ତୁଳସୀ ଦାସ, ସୁର ଦାସ, ମୀରାବାଈ ଆଦି ଭଗବଦ୍ ଗୁଣ ଗାନ ଆନନ୍ଦରେ ନିମଗ୍ନ ଥିଲେ । ମନର ଚଞ୍ଚଳତା ଦୂର କରିବା ପାଇଁ ଭଗବାନଙ୍କ ଗୁଣଗାନ ଏକ ପରମାପଯୋଗୀ ଉପାୟ ଅଟେ । ଏହି ଗାନ ପାଇଁ ଦେଶ କାଳ ପାତ୍ରର କିଛି ବାଧତା ନାହିଁ । ଭଜନ ରୂପୀ ଦିବ୍ୟ ଗୁଣଗାନରେ ସମାଧି ସ୍ଥିତି ଆସିଯାଏ । ସଂକୀର୍ତ୍ତନ ପ୍ରେମୀ ଭକ୍ତ ଦିନର ଆରାଧଙ୍କ ନାମ, ରୂପ, ଲୀଳା ଧାମ, ସାଧନ ଚତୁଷ୍ଟୟର ଆଶ୍ରୟ ନେଇ ସ୍ୱୟଂ ମଧ ତଦ୍ରୁପ ହୋଇ ଯାଇଥାନ୍ତି । ଆତ୍ମବିସ୍ମୃତି ଏବଂ ଆରାଧ ସ୍ମୃତିରେ ଭଗବଦ୍ ଗୁଣଗାନର ଅଦ୍ଭୂତ ବୈଶିଷ୍ଟ୍ୟ ରହିଛି । ମହାପ୍ରଭୁ ଶ୍ରୀଚୈତନ୍ୟ ଦେବଙ୍କ ଆତ୍ମବିସ୍ମୃତି ସବୁ କାଳ ପାଇଁ ଭଗବତ୍ ନାମ ଗୁଣ ପ୍ରେମୀମାନଙ୍କ ପାଇଁ ଉଦାହରଣ ହୋଇ ରହି ଯାଇଛି । ପ୍ରାତଃ କାଳ, ମହାପ୍ରଭୂ ଚୈତନ୍ୟ ଶିଷ୍ୟମଣ୍ଡଳୀ ସହିତ ନାମ ସଂକୀର୍ତ୍ତନ କରି ଶ୍ରୀକ୍ଷେତ୍ର ପୁରୀର ସାହି ବସ୍ତି ପରିକ୍ରମା କରୁଥାନ୍ତି । ଏତିକି ବେଳେ ବୁଢ଼ୀଟିଏ ତା'ର ଛୋଟ ନାତୁଣୀଟି ଉପରେ କ୍ରୋଧିତ ଥିଲା ତା'ର କ୍ରନ୍ଦନ ଧ୍ୱନି ଯୋଗୁଁ ହଠାତ୍ ଶିଶୁଟି ଝାଡା ଫେରି ଦେବାରୁ ବୁଢ଼ୀ ବିରକ୍ତ ହୋଇ ସେ ଶିଶୁର ମଳକୁ ପଦାକୁ ଫୋପାଡି ଦେଲା । ମହାପ୍ରଭୁଙ୍କ ଅଙ୍ଗରେ ସେ ମଳ ପଡିବା ପରେ ମଧ ତାଙ୍କର କୌଣସି ବିକାର ନ ଥିଲା, ତାହା ଚନ୍ଦନ ତୁଲ୍ୟ ହୋଇଗଲା । ଏହା ହିଁ ସଂକୀର୍ତ୍ତନ ମହିମାର ଉଦାହରଣ ।

# ଧ୍ୟାନ କରିବା କିପରି ?

ଧ୍ୟାନ କ'ଣ, ଧ୍ୟାନ କିପରି କରିବା, ଧ୍ୟାନ କରିବାର ସର୍ବୋତ୍ତମ ବିଧି କ'ଣ ? ଧ୍ୟାନ କେତେ ସମୟ ପର୍ଯ୍ୟନ୍ତ କରିବା ଉଚିତ ? କ'ଣ ଆଖି ବନ୍ଦ କରି ଈଶ୍ୱରଙ୍କ ସ୍ମରଣ କରିବା ହିଁ ଧ୍ୟାନ ? କ'ଣ କୌଣସି ଆସନ ବିଶେଷରେ ବସି କୌଣସି ବସ୍ତୁ, ବ୍ୟକ୍ତି ବା ବିନ୍ଦୁ ଉପରେ ମନକୁ ଏକାଗ୍ର କରିବା ଧ୍ୟାନ ଅଟେ ? ଏପରି ଅନେକ ପ୍ରଶ୍ନ ସାଧକ ଓ ଜିଜ୍ଞାସୁମାନଙ୍କ ମନରେ ଉଠିଥାଏ ।

ବାସ୍ତବରେ ଧ୍ୟାନ ଈଶ୍ୱର ପ୍ରାପ୍ତି, ଈଶ୍ୱର ଅନୁଭୂତି, ପରମାନନ୍ଦ ପ୍ରାପ୍ତିର ଏକ ଶ୍ରେଷ୍ଠ ସାଧନ ଧ୍ୟାନର ଅନେକ ବିଧି ଅଛି ଏବଂ ସେସବୁର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ଅନୁଭୂତି ଓ ପରମାନନ୍ଦ ପ୍ରାପ୍ତି । ଏହାକୁ ଏଭଳି ଅନୁଭବ କରିବା ଯେପରି ପୂର୍ଣ୍ଣିମାର ଚନ୍ଦ୍ର ନିଜର ସମ୍ପୂର୍ଣ୍ଣ ସ୍ୱରୂପରେ ଚମକୁଛି । ତାହା ସମୁଦ୍ରର ପୃଷ୍ଠରେ ପ୍ରତିବିମ୍ବିତ ହେଉଛି, କିନ୍ତୁ ସମୁଦ୍ରରେ ଉଠୁଥିବା ଉଚ୍ଚ ଲହରୀ ଉପରେ ଚନ୍ଦ୍ରର ପ୍ରତିବିମ୍ବ ତିଷ୍ଠି ପାରୁ ନାହିଁ, ସ୍ଥିର ହୋଇପାରୁ ନାହିଁ । ଫଳସ୍ୱରୂପ ଆମେ ତାହାର ସମ୍ପୂର୍ଣ୍ଣ ସ୍ୱରୂପର, ସୌନ୍ଦର୍ଯ୍ୟର ଦର୍ଶନ, ଦିଗ୍‌ଦର୍ଶନ କରିପାରୁ ନାହେଁ । କିନ୍ତୁ ଅଚାନକ ସମୁଦ୍ରରେ ଉଠୁଥିବା ଉଚ୍ଚ ଉଚ୍ଚ ଲହରୀ କିଛି ସମୟ ପାଇଁ ଶାନ୍ତ ହେବା ମାତ୍ରେ ଚନ୍ଦ୍ର ନିଜର ପୂର୍ଣ୍ଣ, ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟ ସ୍ୱରୂପରେ ଦେଖାଯାଏ ଏବଂ ତାହାର ଏହି ଅପ୍ରତିମ, ଅନୁପମ ସୌନ୍ଦର୍ଯ୍ୟକୁ ଦେଖି ଯେ କେହି ଆନନ୍ଦିତ, ଆହ୍ଲାଦିତ, ପ୍ରଫୁଲ୍ଲିତ ନ ହୋଇ ରହିପାରେ ନାହିଁ ।

ଏହି ପରି ଏହା ମଧ୍ୟ ସତ୍ୟ ଯେ ଆମ ଆତ୍ମାରେ ପରମପିତାଙ୍କ ବାସ ରହିଛି, କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏହି ଆତ୍ମାରେ ହିଁ ବିରାଜିତ ପରମାତ୍ମାଙ୍କ ଅନୁଭୂତି କାହିଁକି ହୋଇପାରେ ନାହିଁ ? ଏହାର କାରଣ ଆମର ମନରେ, ଆମର ଚିତ୍ତରେ ମଧ୍ୟ ଉଚ୍ଚ ଲହରୀ ଉଠିଥାଏ । ଆମର ମନରେ ଇଚ୍ଛା, ବିଚାର, ଭାବନା, ବାସନା, କାମନାଗୁଡ଼ିକର ଉଚ୍ଚ ଉଚ୍ଚ ଲହରୀ ଉଠୁଛି । ସେହି ଲହରୀଗୁଡ଼ିକ ଯୋଗୁଁ ଆମକୁ ନିଜ ଭିତରେ ବିରାଜମାନ ଥିବା ପରମାତ୍ମାଙ୍କ ଅନୁଭୂତି ହେଉ ନାହିଁ । ଏଣୁ ବିଭିନ୍ନ ପୂଜା ପଦ୍ଧତି ଓ ଧ୍ୟାନ ବିଧିର ଏକ ମାତ୍ର ଉଦ୍ଦେଶ୍ୟ ହେଉଛି ମନରେ ଉଠୁଥିବା ସମସ୍ତ ଲହରୀକୁ ଶାନ୍ତ କରିନେବା, ସମାପ୍ତ କରିଦେବା ।

ବର୍ତ୍ତମାନ ସୁଦ୍ଧା ଯେଉଁ ସାଧକ, ତପସ୍ୱୀ, ଯୋଗୀ, ଋଷିମାନଙ୍କୁ ଈଶ୍ୱରଙ୍କ ଅନୁଭୂତି ହୋଇ ପାରିଛି, ପରମ ଆନନ୍ଦର ଅନୁଭୂତି ହୋଇ ପାରିଛି, ତାହାର ଏକମାତ୍ର କାରଣ ହେଉଛି ସେମାନେ ମନର ଉର୍ଦ୍ଧ୍ୱକୁ ଚାଲି ଯାଇଥିଲେ ସେମାନେ ମନର ଲହରୀଗୁଡ଼ିକୁ ପାର କରିପାରି ଥିଲେ । ସେମାନେ ଚିତ୍ତରେ ଉଠୁଥିବା ଲହରୀଗୁଡ଼ିକୁ ଶାନ୍ତ, ସମାପ୍ତ କରିପାରି ଥିଲେ ।

ମନର ଲହରୀଗୁଡ଼ିକୁ ଶାନ୍ତ କରିବା, ଚିତ୍ତର ଲହରୀଗୁଡ଼ିକୁ ଶାନ୍ତ କରିବା, ମନକୁ ଇଚ୍ଛା ଗୁଡ଼ିକରୁ ମୁକ୍ତ କରିବା, ବିଚାର ଗୁଡ଼ିକରୁ ମୁକ୍ତ କରିବା, ବାସନାଗୁଡ଼ିକରୁ ମୁକ୍ତ କରିବା, ସଂସ୍କାରଗୁଡ଼ିକରୁ ମୁକ୍ତ କରିବା ଧ୍ୟାନ ଅଟେ । ମନକୁ ଖିଆଲଗୁଡ଼ିକରୁ ଖାଲି କରିବାକୁ ହେବ । ମନ ଇଚ୍ଛା, ବାସନା, ବିଚାର, ଭାବ, ସଂସ୍କାର ଗୁଡ଼ିକରୁ ମୁକ୍ତ ହେବା ମାତ୍ରେ ଅର୍ଥାତ୍ ମନ ସମାପ୍ତ ହେବା ମାତ୍ରେ ସେହି କ୍ଷଣି ଆମ ଅନ୍ତରରେ, ଆମ ଆତ୍ମାରେ ସମାଧିର ଘଟଣା ଘଟିଯାଏ । ଆମକୁ ଆମର ଆତ୍ମାରେ ହିଁ ପ୍ରକାଶ ରୂପ ପରମାତ୍ମାଙ୍କ ଦର୍ଶନ ହେବାରେ ଲାଗେ । ଆମ ଭିତରେ ଆନନ୍ଦର ଅଜସ୍ର ସ୍ରୋତ ଫୁଟି ପଡ଼େ । ଆମ ଅନ୍ତର ଈଶ୍ୱରୀୟ ଆଲୋକରେ ଆଲୋକିତ ହୋଇ ଉଠେ ।

ଏହା ଏପରି ଆନନ୍ଦ ଯାହା ଅବର୍ଣ୍ଣନୀୟ, ଅଲୌକିକ, ଅଦ୍ୱିତୀୟ ଓ ଅନୁପମ । ଏହି ପରମ ଆନନ୍ଦ ଆମ ଆତ୍ମାରୁ ହିଁ ପ୍ରସ୍ଫୁଟିତ ହୋଇଥାଏ । କାରଣ ଆମେ ସ୍ୱୟଂ ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ଠାରୁ ନିର୍ମିତ । ଆମେ ସ୍ୱୟଂ ସେହି ପରମାତ୍ମାଙ୍କ ଅଂଶ, ଯିଏ ଆନନ୍ଦ ସ୍ୱରୂପ ଅଟନ୍ତି । ଏହା ଆମର ନିଜର ହିଁ ଚେତନା, ଯାହା ଈଶ୍ୱରୀୟ ଚେତନା ସହିତ ଯୋଡ଼ିହୋଇ ସ୍ୱୟଂ ମଧ୍ୟ ସତ୍-ଚିତ୍-ଆନନ୍ଦ ସ୍ୱରୂପ, ପରମାତ୍ମା ସ୍ୱରୂପ ହୋଇଯାଏ ।

ଏବେ ପ୍ରଶ୍ନ ଉଠୁଛି ଯେ ଧ୍ୟାନର ଆରମ୍ଭ କେଉଁଠାରୁ ଓ କିପରି କରିବା ? ଏହାର ଆରମ୍ଭ ଆମେ ନିଃସନ୍ଦେହ ଏକାଗ୍ରତାରୁ କରି ପାରିବା । ଆମେ ଯାହା ବି କାର୍ଯ୍ୟ କରିବା, ତାହାକୁ ଏକାଗ୍ରଚିତ୍ତ ହୋଇ କରିବା । ଯଦି ଆମେ ଭୋଜନ କରିବାକୁ ବସିଛେ ତ ସେହି ସମୟରେ ଆମର ସମ୍ପୂର୍ଣ୍ଣ ଏକାଗ୍ରତା ଭୋଜନରେ ରହିବା ଉଚିତ । ଯଦି ଆମେ ଖେଳୁଛେ ତ ଆମର ସମ୍ପୂର୍ଣ୍ଣ ଏକାଗ୍ରତା ଖେଳରେ ହିଁ ରହିବା ଉଚିତ । ଯଦି ଆମେ ପଢୁଛେ ତ ଆମର ସମ୍ପୂର୍ଣ୍ଣ ଏକାଗ୍ରତା ପଢ଼ିବାରେ ହିଁ ରହିବା ଦରକାର । ଯଦି ଆମେ ଶୋଇଛେ ତ ଆମର ସମ୍ପୂର୍ଣ୍ଣ ଏକାଗ୍ରତା ଶୋଇବାରେ ରହିବା ଦରକାର ।

ଏହା ଦ୍ୱାରା ଆମର ମନ ଅଧିକ ଏକାଗ୍ର ଓ ସମ୍ବେଦନଶୀଳ ଏବଂ ଧ୍ୟାନର ଅନୁକୂଳ ହୋଇଯିବ । ଆମେ ଭୋଜନ ଟେବୁଲରେ ବସି ଭୋଜନ କରିବା ସହିତ ରାଜନୀତି ତଥା ଅନ୍ୟ ବିଷୟ ଗୁଡ଼ିକର ଚର୍ଚ୍ଚା ମଧ୍ୟ କରିଥାଉ । ଆମେ ସ୍ନାନ କରିବା ସମୟରେ ଅନ୍ୟ ବିଷୟଗୁଡ଼ିକ ଉପରେ ବିଚାର ବି କରିଥାଉ । ଏହା ଠିକ୍ ନୁହେଁ, କାରଣ ଏହା ଦ୍ୱାରା ମନର ଏକାଗ୍ରତା କ୍ଷୀଣ ହୋଇଯାଏ ।

ଆମେ ଯେଉଁ କାମକୁ କରିବା ସେଥିରେ ସମ୍ପୂର୍ଣ୍ଣ ଏକାଗ୍ର ହୋଇଯିବା । ଭୋଜନ କରିବା, ଖେଳିବା, ଶୋଇବା ସମୟରେ କେବଳ ସେହି ଗୋଟିଏ ବିଷୟରେ ଚିନ୍ତା କରିବା । ଯଦି ଆମେ ସକାଳେ ଖରାରେ ବସିଛେ ତ ଆମେ ସୂର୍ଯ୍ୟ କିରଣକୁ ଏଭଳି ଭାବରେ ଅନୁଭବ କରିବା ଯେମିତିକି ଏହି କିରଣ ମାଧ୍ୟମରେ ସୂର୍ଯ୍ୟ ନିଜର ହାତକୁ ଆମ ପର୍ଯ୍ୟନ୍ତ ଲମ୍ବାଇ ଦେଇଛନ୍ତି, ସତେ ଯେମିତି ସୂର୍ଯ୍ୟ ଆମକୁ ସ୍ପର୍ଶ କରୁଛନ୍ତି । ଆମ ମୁଖମଣ୍ଡଳରେ ପଡୁଥିବା ସୂର୍ଯ୍ୟଙ୍କର ଖରା ଆମର ହୃଦୟକୁ ଆନ୍ଦୋଳିତ କରୁଛି । ଆମେ ପ୍ରବାହିତ ପବନର ସ୍ପର୍ଶକୁ ଅନୁଭବ କରିବା ଯେମିତି ପବନ ଆମର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ ଛୁଇଁ ଚାଲିଛି ।

ଯଦି ଆମେ ବରଫଙ୍କୁ ସ୍ପର୍ଶ କରିବା, ତ ଅନୁଭବ କରିବା ଯେମିତି ଆମର ସମ୍ପୂର୍ଣ୍ଣ ଅସ୍ତିତ୍ୱ, ଆମର ସମ୍ପୂର୍ଣ୍ଣ ପ୍ରାଣ ହିଁ ତାହାକୁ ସ୍ପର୍ଶ କରୁଛି । ଯଦି ଆମେ ସରୋବର ବା ନଦୀ ଭିତରକୁ ଯାଇ ସ୍ନାନ କରୁଛେ ତ ଅନୁଭବ କରିବା ଯେ ବ୍ରହ୍ମ ହିଁ ଜଳର ରୂପ ଧାରଣ କରିଛନ୍ତି ଏବଂ ସେଥିରେ ବୁଡ଼ି ଓ ଭିଜି ଆମର ରୋମ ରୋମ ପୁଲକିତ ହେଉଛି । ଯଦି କେବେ ଆମେ ବୃକ୍ଷ କଡ଼ରେ ବସିଛେ ବା ବୃକ୍ଷକୁ ଆଉଜି ବସିଛେ ତେବେ ପୂରା ଶରୀରରେ ବୃକ୍ଷର ସ୍ପର୍ଶକୁ ଅନୁଭବ କରିବା, ତାହା ସହିତ ଏକାତ୍ମ ହୋଇଯିବା । ଏହା ଦ୍ୱାରା ଆମର ଇନ୍ଦ୍ରିୟଗୁଡ଼ିକ ଧୀରେ ଧୀରେ ସମ୍ବେଦନଶୀଳ ହୋଇଯିବ ଏବଂ ଆମେ ବଡ଼ ସହଜରେ ନିଜ ଭିତରେ ପ୍ରବେଶ କରି ପାରିବା, ନିଜ ହୃଦୟରେ ପ୍ରବେଶ କରି ପାରିବା ଓ ସେତେବେଳେ ଆମେ ଏକାଗ୍ର ହୋଇ ପାରିବା ।

ଏହା ବ୍ୟତୀତ ଆମେ ସୁଖପୂର୍ବକ ଯେକୌଣସି ଆସନରେ ବସି କୌଣସି ରୁଚିକର ବିଷୟ, ବସ୍ତୁ, ବ୍ୟକ୍ତି, ବିନ୍ଦୁ ଆଦି ଉପରେ ଧ୍ୟାନ କରି ପାରିବା । ଧ୍ୟାନରେ ବସିବା ମାତ୍ରେ ଆମ ମନରେ ବିଚାରଗୁଡ଼ିକର ଘୂର୍ଣ୍ଣିଝଡ଼ ଉଠିଥାଏ ଫଳସ୍ୱରୂପ ଧ୍ୟେୟ ବସ୍ତୁ ଉପରେ ଆମେ ଏକାଗ୍ର ହୋଇପାରି ନ ଥାଉ । ତେବେ ଆମେ କ'ଣ କରିବା ? ଏଭଳି ସ୍ଥିତିରେ ଆମେ ସେହି ବିଚାରଗୁଡ଼ିକୁ ରୋକିବା ନାହିଁ, ଚାପିଦେବା ନାହିଁ, ବରଂ ସେହି ବିଚାରଗୁଡ଼ିକୁ ଦ୍ରଷ୍ଟା ଭାବରେ, ସାକ୍ଷୀ ଭାବରେ ଦେଖିବା ।

ସେହି ବିଚାର, ଇଚ୍ଛାଗୁଡ଼ିକୁ ସାକ୍ଷୀ ଭାବରେ ଦେଖିବାର ଚମତ୍କାର ହିଁ ଧ୍ୟାନ । ଅନୁଭବ କରନ୍ତୁ ଯେ ସେହି ସବୁ ବିଚାର ଆମ ଭିତରେ ନାହିଁ, ବରଂ ବାହାରେ ବାହାରେ ଚାଲିଯାଉଛି । ସେଗୁଡ଼ିକ ଆକାଶରେ ବାଦଲ ଭଳି ଏପାଖରୁ ସେପାଖକୁ ଆତଯାତ କରୁଛି । ଆମେ ଅନୁଭବ କରିବା ଯେ ଆମେ ଏହି ବିଚାରଗୁଡ଼ିକର ସାକ୍ଷୀ ମାତ୍ର, ଦ୍ରଷ୍ଟା ମାତ୍ର । ଏହି ବିଚାର, ଇଚ୍ଛା, ସଂସ୍କାର, ସ୍ମୃତିଗୁଡ଼ିକ ସହିତ ଆମର କୌଣସି ସମ୍ପର୍କ ନାହିଁ । ଆମେ ଏଗୁଡ଼ିକ ଦ୍ୱାରା କାହିଁକି ପ୍ରଭାବିତ ହେବା ? ପୁଣି ଏହି ସମସ୍ତ ବିଚାର ଆମ ମନର ବାହାରେ ବାହାରେ, ଉପରେ ଉପରେ ସେହିପରି ଅତିକ୍ରମ କରି ଚାଲିଯିବ ଯେପରି ଆକାଶ ମାର୍ଗରେ ପକ୍ଷୀମାନଙ୍କ ଦଳ ଚାଲିଯାଏ । ଏହିପରି ଆମେ ଧୀରେ ଧୀରେ ନିର୍ବିଚାର ହୋଇଯିବା ଏବଂ ନିଜ ଅନ୍ତର୍ମନର ଗଭୀରତାରେ ପ୍ରବେଶ କରି ଚାଲିବା ।

ନିଜ ହୃଦୟର ଗଭୀରତାକୁ ଓହ୍ଲାଇବା ମାତ୍ରେ ଆମେ ଯେକୌଣସି ବିଷୟ, ବସ୍ତୁ, ବ୍ୟକ୍ତି, ବିନ୍ଦୁ ଆଦିର ଧ୍ୟାନରେ ବୁଡ଼ିଯାଇ ପାରିବା ।

ଧ୍ୟାନର ଗଭୀରତାକୁ ଓହ୍ଲାଇ ଗଲେ ଆମର ମନ ସ୍ୱତଃ ସମାପ୍ତ ହୋଇଯାଏ, ଯେପରି ସମୁଦ୍ରରେ ପଡ଼ିଲା ମାତ୍ରେ ଲୁଣ ସମୁଦ୍ରରେ ହିଁ ବିଲୀନ ହୋଇଯାଏ । ଆମକୁ ଅନୁଭବ ହେବ ଯେ ଆମେ ମନର ଆଖିରେ ଧ୍ୟାନର ବିଷୟ, ବସ୍ତୁ, ବିନ୍ଦୁ ଆଦିକୁ ଦେଖୁଥିଲେ, କିନ୍ତୁ ଏବେ ସେହି ମନ ବି ରହିଲା ନାହିଁ, ତାହା ମଧ୍ୟ ବିଲୁପ୍ତ ହୋଇଗଲା । ଠିକ୍ ଯେପରି ଯେଉଁ କାଠଟି ଦ୍ୱାରା, ଯେଉଁ କାଠକୁ ପ୍ରଥମେ ଜଳାଇ ତଦ୍ୱାରା ଚିତାରେ ନିଆଁ ଲଗାଯାଏ, ଚିତା ଜଳିବା ମାତ୍ରେ ସେହି କାଠଟିକୁ ସେହି ଚିତାରେ ହିଁ ଫିଙ୍ଗି ଦିଆଯାଏ । ସେହି କାଠଟି ମଧ୍ୟ ସେଠାରେ ଜଳି ଭସ୍ମୀଭୂତ ହୋଇଯାଏ ।

ଏହିପରି ଧ୍ୟେୟ ବସ୍ତୁର ଧ୍ୟାନ କରି କରି ମନ ଧ୍ୟେୟ ବସ୍ତୁରେ ହିଁ ବିଲୀନ ହୋଇଯାଏ । ଏହି ଅମନର ଅବସ୍ଥା ହିଁ ଧ୍ୟାନ । ଏହି ଅମନ ଅବସ୍ଥାରେ ହିଁ ସାଧକ ନିଜର ଅନ୍ତରତମକୁ ଓହ୍ଲାଇ ଥାଏ, ନିଜ ହୃଦୟରେ ପ୍ରବେଶ କରିଥାଏ ଏବଂ ସେଠାରେ ପ୍ରତିଷ୍ଠିତ, ପ୍ରକାଶିତ, ପ୍ରଜ୍ୱଳିତ ଆତ୍ମାର ଅଖଣ୍ଡ ଜ୍ୟୋତିର ଦର୍ଶନ କରିଥାଏ ।

ସେତେବେଳେ ସାଧକ ନିଜର ଆତ୍ମାରେ ହିଁ ପରମାତ୍ମାଙ୍କୁ ବିରାଜମାନ କରିଥିବାର ଦେଖିଥାଏ । ତାଙ୍କର ଅନୁଭୂତି କରିଥାଏ ଓ ପ୍ରତିକ୍ଷଣ ଆନନ୍ଦିତ ହୋଇଥାଏ । ନିଜ ହୃଦୟରେ ବାରମ୍ବାର ପରମାତ୍ମାଙ୍କ ସ୍ମରଣ କରି କରି ତା'ର ସମସ୍ତ ଇଚ୍ଛା, ବାସନା ସମାପ୍ତ ହୋଇଯାଏ । ପରମାତ୍ମାଙ୍କ ପରମ ପ୍ରକାଶ ଆତ୍ମାରେ ହିଁ ଅବତରଣ କରିଥାଏ । ଏହି ଆନନ୍ଦ ଅବର୍ଣ୍ଣନୀୟ, ଅକଳ୍ପନୀୟ । ଏହାର ଅନୁଭୂତି କୌଣସି ଧ୍ୟାନୀ ହିଁ କରିପାରେ, କୌଣସି ସଚ୍ଚା ସାଧକ ହିଁ କରିପାରେ । କୌଣସି ବୁଦ୍ଧପୁରୁଷ ହିଁ କରିପାରେ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ଗୋପୀ ଦୋକାନୀକୁ: ଏଇ ମିରର୍ ଭଲ ଲାଗୁଛି । ହେଲେ ଯା ଉପରେ କ'ଣ ଗ୍ୟାରେଣ୍ଟି ଅଛି ?

ଦୋକାନୀ: ଆପଣ ଯାକୁ ୧୦୦ ମହଲା ଉପରୁ ତଳକୁ ପକାନ୍ତୁ । ଦେଖିବେ ୯୯ ମହଲା ପର୍ଯ୍ୟନ୍ତ ଜମାରୁ ଭାଙ୍ଗିବନି ।

ଗୋପୀ: ସତ ! ତା' ହେଲେ ପ୍ୟାକ୍ କରିଦିଅ ।

× × × ×

କାଳୀ ସ୍ତ୍ରୀ ଏକ ଲାଲ ଶାଢ଼ି ପିନ୍ଧି ସ୍ୱାମୀଙ୍କୁ

ହଇହେ, କହିଲ ଦେଖି ଆଜି ମୁଁ କେମିତି ଦେଖା ଯାଉଛି ?

ସ୍ୱାମୀ: ମତେ ଲାଗୁଛି ସତେ ଯେମିତି କୋଇଲା ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଛି ।

× × ×

ଯୁବକ ନିଜ ଗର୍ଲଫ୍ରେଣ୍ଡକୁ ପିଜାହଟ୍ ନେଇଥାଏ ।

ଯୁବକ: ଗୋଟେ ବଡ଼ ପିଜ୍ଜା ଆଣିଲ ।

ପିଜ୍ଜା ଆସିବା ପରେ ୱେଟର: ମୁଁ ପିଜ୍ଜାକୁ ୪ ପିସ୍ କରି କାଟିବି ନା ୮ ପିସ୍ କରି କାଟିବି ।

ଗର୍ଲଫ୍ରେଣ୍ଡ: ବାପ୍‌ରେ ଆଠ ପିସ୍ । ନା ବାବା ଏତେ ଖାଇଲେ ମୁଁ ମୋଟୀ ହେଇଯିବି । ୪ ପିସ୍ କରି ହିଁ କାଟ ।



× × × ×

ମୀନା ରଜନୀକୁ: ଦେବ ଓ ପତିଦେବ ମଧ୍ୟରେ ଫରକ କ'ଣ ?

ରଜନୀ: ଦେବଙ୍କୁ ଆମେ ସୁଖକର୍ତ୍ତା, ଦୁଃଖହର୍ତ୍ତା କହୁ ।

ମୀନା: ଆଉ ପତିଦେବଙ୍କୁ ?

ରଜନୀ: ପତିଦେବଙ୍କୁ କହୁ 'ଐସା କରତା, ୱୈସା କରତା, ଯେ ନହିଁ କରତା, ୱହ ନହିଁ କରତା ।'

× × × × × × ×

ଜଜ୍ ଚୋରକୁ: ତୁମେ ଗୋଟିଏ ଦୋକାନରେ ତିନି ଥର କାହିଁକି ଚୋରି କଲ ?

ଚୋର: ଆଜ୍ଞା ସେ ଦୋକାନୀରୁ ମୁଁ ପ୍ରଥମ ଦିନ ସ୍ତ୍ରୀ ପାଇଁ ଶାଢ଼ି ଚୋରି କରିଥିଲି । ଅନ୍ୟ ଦୁଇ ଦିନ ତ ଶାଢ଼ିର ରଙ୍ଗ ବଦଳାଇବାକୁ ଯାଇଥିଲି ।

ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା-୬, ୭- ୧୨ ଫେବୃଆରୀ ୨୦୨୨

# ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍‌ରେ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯାଇଛି । ବଜେଟ୍‌ରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ଏମଏସଏମଇ, ନିଯୁକ୍ତି ଓ କାରବାର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ଭାରତୀୟ ସ୍ୱାଧୀନତାର ୧୦୦ ବର୍ଷ ପୂର୍ବରୁ ଆଗାମୀ ୨୫ ବର୍ଷର ଅମୃତ କାଳରେ ପ୍ରବେଶ କରିବା ପୂର୍ବରୁ ଏଥର ବଜେଟ୍‌ରେ କେତେକ କ୍ଷେତ୍ରର ଗତିଶୀଳତାକୁ ଗୁରୁତ୍ୱ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା, ସମାବେଶୀ ବିକାଶ, ଉତ୍ପାଦିକତାରେ ବୃଦ୍ଧି, ପୁଞ୍ଜିନିବେଶ ଓ ଶକ୍ତି ରୂପାନ୍ତରଣ ସହ ଜଳବାୟୁ କାର୍ଯ୍ୟକ୍ରମ ଆଦି ବଜେଟ ବିଶେଷତ୍ୱ ରହିଛି । ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଜରିଆରେ ବିଭିନ୍ନ କ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ଓ ରୋଜଗାର ସୃଷ୍ଟି କରିବା ସରକାରଙ୍କ ପ୍ରାଥମିକତା ରହିଛି । ସିଧାସଳଖ ଅର୍ଥ ପ୍ରଦାନ ନ କରି ଭିତ୍ତିଭୂମି ନିର୍ମାଣ ଜରିଆରେ ଜନତାଙ୍କୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରିବା ଆଭିମୁଖ୍ୟ ଏହି ବଜେଟ୍ ପ୍ରତିଫଳିତ ହୋଇଛି । ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ପୂର୍ବଭଳି ବିଶେଷ କୌଣସି ନୂଆ ଘୋଷଣା ନ କରି ବରଂ ପ୍ରଚଳିତ ନୀତିକୁ କାଏମ ରଖିବା ସହ ପ୍ରକଳ୍ପ ଗୁଡ଼ିକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରିଛନ୍ତି । ଦେଶ ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଆଗାମୀ ୨୫ ବର୍ଷର ଅମୃତକାଳ ପାଇଁ ଏକ ସଶକ୍ତ ଆତ୍ମନିର୍ଭର ବିକାଶୋନ୍ମୁଖୀ ତଥା ପ୍ରଗତିଶୀଳ ରାଷ୍ଟ୍ର ଗଠନର ନୀଳ ନକ୍ସା ଆଙ୍କିଛନ୍ତି । ଏଥର ବଜେଟ୍ ନିମ୍ନ ଓ ମଧ୍ୟମ ଆୟକାରୀ ଏବଂ ଉଦ୍ୟୋଗ ଜଗତ ପାଇଁ ସେଭଳି କୌଣସି ନୂତନ ଟିକସ ଲଗାଯାଇନି । ନିମ୍ନ ଓ ମଧ୍ୟମ ଆୟକାରୀଙ୍କ ଆୟକର ଟିକସ ସୀମା ଓ ରିହାତି ବ୍ୟବସ୍ଥା ପୂର୍ବବତ୍ ଅପରିବର୍ତ୍ତିତ ରହିଛି । ଭିନ୍ନକ୍ଷମଙ୍କୁ ଟିକସ ରିହାତି ପ୍ରଦାନ କରାଯାଇଛି । ତେବେ ସଦ୍ୟ ଆୟକର ଦାଖଲ ସମ୍ବନ୍ଧୀୟ ଜଟିଳତା ସୁଧାରିବା ଲାଗି ଏକ ବର୍ଷ ପରିବର୍ତ୍ତେ ଏହି ସମୟକୁ ଦୁଇ ବର୍ଷକୁ ବୃଦ୍ଧି କରାଯାଇଛି । ଶିକ୍ଷା କ୍ଷେତ୍ରରେ ବଜେଟ୍ ବରାଦ ୧ ଲକ୍ଷ ୪ ହଜାର ୨୭୭ କୋଟିରୁ ଅଧିକ ଟଙ୍କାକୁ ବୃଦ୍ଧି କରାଯାଇଛି । ଶିକ୍ଷା, ଦକ୍ଷତା ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଶିକ୍ଷା ବିଭାଗ ପାଇଁ ପ୍ରଥମ ଥର ପାଇଁ ବ୍ୟୟ ବରାଦ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବ । ବଜେଟ୍‌ରେ ବିଶ୍ୱସ୍ତରୀୟ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ, ଇ-ବିଦ୍ୟା ଅନ୍ତର୍ଗତ ୨୦୦ ଟିଭି ଚ୍ୟାନେଲ, ଦକ୍ଷତା ବିକାଶ ପାଇଁ ଡିଜିଟାଲ୍ ଇକୋସିଷ୍ଟମ ସହ ଆତ୍ମନିର୍ଭର ଭାରତ ଲାଗି ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଜ୍ଞାନକୌଶଳ ଆଧାରିତ ବିକାଶକୁ ପ୍ରୋତ୍ସାହନ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

ଅନୁରୂପ ଭାବେ ପ୍ରତିରକ୍ଷା କ୍ଷେତ୍ରର ବ୍ୟୟ ବରାଦକୁ ୩,୮୫,୩୭୦ କୋଟିକୁ ବୃଦ୍ଧି କରାଯାଇଛି । ତେବେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ହ୍ରାସ ଲାଗି ପ୍ରତିରକ୍ଷା ଗବେଷଣା ବିକାଶ କ୍ଷେତ୍ରର ଶିଳ୍ପ ଓ ଷ୍ଟାର୍ଟଅପ୍‌କୁ ଗୁରୁତ୍ୱ ଦିଆଯିବ । ପ୍ରତିରକ୍ଷା ସାମଗ୍ରୀ ଓ ଉପକରଣ ଲାଗି ୬୮ ପ୍ରତିଶତ ଅର୍ଥ କେବଳ ଘରୋଇ ଶିଳ୍ପ କ୍ଷେତ୍ର ପାଇଁ ରଖାଯାଇଛି ।

କ୍ରିପ୍ଟୋ କରେନ୍ସି ଓ ବିଟ୍ କଏନ୍ ଭଳି ଭର୍ଚୁଆଲ କରେନ୍ସି ହସ୍ତାନ୍ତର ଉପରେ ସରକାର ୩୦ ପ୍ରତିଶତ ଟିକସ ଲାଗୁ କରିବାକୁ ବଜେଟ୍ ଘୋଷଣା କରିଛନ୍ତି । ଏପରିକି ବିଶ୍ୱ ବଜାରରେ ଡିଜିଟାଲ କରେନ୍ସି ଏକ ଆବଶ୍ୟକତା ଥିବାରୁ ଭାରତ ସରକାର ମଧ୍ୟ ଆସନ୍ତା ଆର୍ଥିକ ବର୍ଷରୁ ନିଜସ୍ୱ ଡିଜିଟାଲ ମୁଦ୍ରା ପ୍ରଚଳନ କରିବାକୁ ଯାଉଛନ୍ତି । ବ୍ୟବସ୍ଥାକୁ ଅତ୍ୟନ୍ତ ସ୍ୱଚ୍ଛ, ନିରାପଦ ଯୁକ୍ତ ତଥା ସହଜ ହୋଇପାରିବ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବ୍ଲକଚେନ୍ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରୁଛି । ଏଦିଗରେ ଆରବିଆଇ କାର୍ଯ୍ୟ କରୁଥିବା ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ସୂଚନା ଦେଇଛନ୍ତି । ବଜେଟ୍ ମୋଟ ବ୍ୟୟ ଅଟକଳ ୩୯.୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ମୋଟ ଆୟ ୨୨.୮୪ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି । ଅବଶିଷ୍ଟ ପାଣ୍ଠି ସରକାର ଋଣ ଓ ବିଭିନ୍ନ ବିନିବେଶ ସୂତ୍ରରୁ ଆଣିବାକୁ ଯୋଜନା କରିଛନ୍ତି । ବିତ୍ତୀୟ ନିଅଣ୍ଟ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଡିପିର ୬.୪ ପ୍ରତିଶତ ଅନୁମାନ କରାଯାଇ ଥିବାବେଳେ ୨୦୨୫ - ୨୬ ବେଳକୁ ଏହାକୁ ୪.୫ ପ୍ରତିଶତକୁ ହ୍ରାସ କରିବା ଲକ୍ଷ୍ୟ ରଖାଯାଇଛି । ନିବେଶ କ୍ଷେତ୍ରରେ ରାଜ୍ୟ ଗୁଡ଼ିକୁ ସହାୟତା କରିବା ଲାଗି ବଜେଟ୍ ୧ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି । ସ୍ୱାଭାବିକ ଋଣଠାରୁ ଏହା ଅଧିକ ୫୦ ବର୍ଷର ସୁଧମୁକ୍ତ ଋଣ ହେବ । ତେବେ ରାଜ୍ୟ ଗୁଡ଼ିକୁ ବିତ୍ତୀୟ ନିଅଣ୍ଟକୁ ଜିଏସଡିପିର ୪ ପ୍ରତିଶତ ଭିତରେ ରଖିବାକୁ ଅନୁମତି ଦିଆଯିବ । କେନ୍ଦ୍ର-ରାଜ୍ୟ ଓ ଘରୋଇ ସହଭାଗିତା ଜରିଆରେ ଭିତ୍ତିଭୂମି ନିର୍ମାଣକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛନ୍ତି ସରକାର । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଲାଗି ସରକାର ଅଧିକ ୨ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଣ ସହ ଜରୁରୀ ଋଣ ସଂଯୁକ୍ତ ଗ୍ୟାରେଣ୍ଟି ଯୋଜନା (ଇସିଏଲଜିଏସ୍) ଅଧୀନରେ ୧୩୦ ଲକ୍ଷ ଏମଏସଏମଇକୁ ଯୋଗାଇ ଦିଆଯାଇଥିବା ଋଣ ଅବଧିକୁ ବଢ଼ାଯାଇଛି । ଏହି ଯୋଜନା ଅନ୍ତର୍ଗତ ଗ୍ୟାରେଣ୍ଟି ବ୍ୟବସ୍ଥା ୫୦ ହଜାର କୋଟିରୁ ୫ ଲକ୍ଷ କୋଟି ଟଙ୍କା କରାଯିବାକୁ ବଜେଟ୍ ବ୍ୟବସ୍ଥା ହୋଇଛି ।

ସବୁଠୁ ଉତ୍ସାହପୂର୍ଣ୍ଣ ରହିଛି ଦ୍ରବ୍ୟ ଓ ସେବା ଟିକସ (ଜିଏସଟି) ସଂଗ୍ରହ । ଜାନୁୟାରୀରେ ସରକାର ୧ ଲକ୍ଷ ୪୦ ହଜାର କୋଟି ଟଙ୍କା ଜିଏସଟି ସଂଗ୍ରହ କରିଛନ୍ତି । ଏହା ବ୍ୟତୀତ କୃଷି କ୍ଷେତ୍ରର ଭିତ୍ତିଭୂମି ବିକାଶ ଲାଗି ବହୁବିଧ ଯୋଜନା କରାଯାଇଛି । କୃଷକଙ୍କ ଆୟକୁ ଦୁଇଗୁଣ କରିବା ସହ ଦେଶର ଅର୍ଥନୀତିକୁ ଆଗାମୀ ଦିନରେ ୫ ଟ୍ରିଲିୟନ୍ ଡଲାର ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ରହିଛି ।



# ପ୍ରତିବେଶୀମାନଙ୍କର ସେବା

## ମହାତ୍ମା ଗାନ୍ଧୀ

ସ୍ୱଦେଶୀ ବିଷୟରେ ମୋ'ର ସଂଜ୍ଞାଟି ଅତ୍ୟନ୍ତ ସୁବିଦିତ । ମୋ'ର ନିକଟତମ ପ୍ରତିବେଶୀକୁ ବଞ୍ଚିତ କରି ମୁଁ କଦାପି ମୋ' ଦୂର ପ୍ରତିବେଶୀର ସେବା କରିବିନାହିଁ । ଏଥିରେ କାହା ବିରୋଧରେ ପ୍ରତିଶୋଧ ନେବାର କିମ୍ବା କାହାକୁ ଶାସ୍ତି ଦେବାର କୌଣସି ପ୍ରଶ୍ନ ନାହିଁ । ଏହାକୁ ସଂକୀର୍ଣ୍ଣ ବୋଲି ବି କୁହାଯିବ ନାହିଁ, କାରଣ ମୋ' ବୃଦ୍ଧି ପାଇଁ ଯାହାକିଛି ଆବଶ୍ୟକ, ତାହା ଯେତେ ଭଲ ଓ ସୁନ୍ଦର ହୋଇଥାଉ ପଛକେ, ଯଦି ତାହା ମା' ବୃଦ୍ଧିରେ ବାଧକ ହେଉଥିବ କିମ୍ବା ପ୍ରକୃତି ଯେଉଁମାନଙ୍କୁ ମୋ'ର ସର୍ବପ୍ରଥମ ହେପାଜତର ବସ୍ତୁକରି କରିଛି, ସେମାନଙ୍କର କ୍ଷତି କରୁଥିବ, ତେବେ ମୁଁ ଅବଶ୍ୟ ମନା କରିଦେବି ।

ପୃଥିବୀର ପ୍ରତ୍ୟେକ ଭାଗରୁ ମୁଁ ସୁସ୍ଥ ସାହିତ୍ୟ କ୍ରୟ କରୁଛି । ଶଲ୍ୟଚିକିତ୍ସାର ଉପକରଣଗୁଡ଼ିକୁ ଇଂଲଣ୍ଡରୁ କିଣୁଛି, ଅଷ୍ଟ୍ରିଆରୁ ପିନ୍ ଓ ପେନସିଲ୍ କିଣୁଛି ଓ ସ୍ୱିଜରଲ୍ୟାଣ୍ଡରୁ ଘଡ଼ିମାନ କିଣୁଛି । ମାତ୍ର, ଇଂଲଣ୍ଡ, ଜାପାନ ଅଥବା ପୃଥିବୀର ଅନ୍ୟ କୌଣସି ଅଞ୍ଚଳରୁ ମୁଁ ସୂକ୍ଷ୍ମ କାର୍ପାସବସ୍ତ୍ରର ଇଞ୍ଚିଏ ମଧ କଦାପି କିଣିବି ନାହିଁ, କାରଣ ଭାରତ ବର୍ଷର କୋଟି କୋଟି ଅଧିବାସୀଙ୍କୁ ତାହା ଅନେକ କ୍ଷତି ପହଞ୍ଚାଇଛି ଓ ଏବେ ମଧ ଅଧିକରୁ ଅଧିକ ପରିମାଣରେ ପହଞ୍ଚାଉଛି ।

ଭାରତର କୋଟି କୋଟି ଅଭାବଗ୍ରସ୍ତ ଦରିଦ୍ର ଯେଉଁ ଲୁଗାକୁ କାଟିଛନ୍ତି ଓ ବୁଣିଛନ୍ତି, ତାକୁ ନ କିଣି ଭାରତର ହାତକଟା ଅପେକ୍ଷା ହୁଏତ ଖୁବ୍ ଉଚ୍ଚ କିସମର ହୋଇଥିବା ବିଦେଶୀ କପଡ଼ାକୁ ଯାଇ କ୍ରୟ କରିବାକୁ ମୁଁ ପାପ ବୋଲି ବିଚାର କରୁଛି । ତେଣୁ, ମୋ'ର ସ୍ୱଦେଶୀ ପ୍ରଧାନତଃ ହାତକଟା ଖଦଡ଼କୁ କେନ୍ଦ୍ର କରି ଗଢ଼ିଉଠିଛି ଏବଂ ଯାହାକିଛି ଭାରତବର୍ଷରେ ଉତ୍ପନ୍ନ ହୋଇପାରିବ ଅଥବା ଉତ୍ପନ୍ନ ହେଉଛି, ସେହି ପ୍ରତ୍ୟେକ ବସ୍ତୁକୁ ମଧ ତାହା ସଂପ୍ରସାରିତ ହୋଇ ରହିଛି ।

ସ୍ୱଦେଶୀର ଜଣେ ଉପାସକ ତା'ର ସର୍ବପ୍ରଥମ କର୍ତ୍ତବ୍ୟରୂପେ ନିଜକୁ ତା'ର ନିକଟତମ ପ୍ରତିବେଶୀମାନଙ୍କର ସେବାରେ ସମର୍ପିତ କରି ରଖିବ । ଏହାର ଅର୍ଥ ହେଉଛି, ଅବଶିଷ୍ଟଙ୍କର ସ୍ୱାର୍ଥଗୁଡ଼ିକୁ ବାହାରେ ରଖିବାକୁ ହେବ ଓ ଏପରିକି ପରିତ୍ୟାଗ ବି କରିବାକୁ ପଡ଼ିବ । ମାତ୍ର, କେବଳ ବାହାରୁ ହିଁ ଏହା ବହିଷ୍କାର ଅଥବା ପରିତ୍ୟାଗ ପରି ଦେଖା ଯାଉଥିବ । ଆମ ପ୍ରତିବେଶୀମାନଙ୍କର ଶୁଦ୍ଧ ସେବା ସ୍ୱଭାବତଃ ଦୂରରେ ଥିବା ବ୍ୟକ୍ତିମାନଙ୍କର ସେବା ନକରିବାକୁ କଦାପି ବୁଝାଇବ ନାହିଁ । ଏହା ବରଂ ଓଲଟା କଥାଟିକୁ ବୁଝାଇବ ।

'ବ୍ୟକ୍ତି କ୍ଷେତ୍ରରେ ଯାହା, ବିଶ୍ୱର କ୍ଷେତ୍ରରେ ମଧ ତାହା''ଏହି ଅକାଟ୍ୟ ନୀତିଟିକୁ ଆମମାନଙ୍କର ହୃଦୟ ଭିତରେ ସ୍ଥାପନ କରି ରଖିବା ଉଚିତ । ଅନ୍ୟ ପକ୍ଷରେ ଯେଉଁ ବ୍ୟକ୍ତି 'ସୁଦୂର ଦୃଶ୍ୟଟି' ଦ୍ୱାରା ପ୍ରଲୁବ୍ଧ ହୋଇପଡ଼େ ଏବଂ ସେବା କରିବ ବୋଲି ପୃଥିବୀର ନାନା ପ୍ରାନ୍ତକୁ ଦଉଡ଼ିବାରେ ଲାଗିଥାଏ, ତା'ର ଉଚ୍ଚାକାଂକ୍ଷାଟି ଯେ କେବଳ ପ୍ରତିହତ ହୋଇ ରହେ ତା' ନୁହେଁ, ମାତ୍ର ସେ ନିଜର ପ୍ରତିବେଶୀମାନଙ୍କ ପ୍ରତି ମଧ ନିଜର କର୍ତ୍ତବ୍ୟ କରିପାରେ ନାହିଁ ।

ମୁଁ ଅପ୍ରତ୍ୟକ୍ଷଭାବରେ ଏହି ସତ୍ୟଟିରେ ବିଶ୍ୱାସ କରିଥାଏ ଯେ, ଜଣେ ମନୁଷ୍ୟ ଏକା ସମୟରେ ତା'ର ପ୍ରତିବେଶୀମାନଙ୍କର ତଥା ସମଗ୍ର ମାନବସମାଜର ସେବା କରିପାରିବ । ଏଥିରେ ଏହି ସର୍ତ୍ତଟି ଅବଶ୍ୟ ରହିଥିବ ଯେ, ପ୍ରତିବେଶୀମାନଙ୍କର ସେବା ଆଦୌ କୌଣସି ପ୍ରକାରେ ସ୍ୱାର୍ଥ ପ୍ରଣୋଦିତ ଅଥବା ସଂକୀର୍ଣ୍ଣ ହୋଇ ନ ଥିବ । ଅର୍ଥାତ୍, ସେଥିଲାଗି ଅନ୍ୟ କୌଣସି ମନୁଷ୍ୟର ଶୋଷଣ କରିବାକୁ ପଡୁ ନ ଥିବ । ପ୍ରତିବେଶୀମାନେ ସେତେବେଳେ ପ୍ରଦତ୍ତ ଏହିପରି ସେବାର ମୂଳ ଭାବନାଟିକୁ ବୁଝିପାରିବେ । ସେମାନେ ଏକଥା ମଧ ଜାଣିବେ ଯେ, ସେମାନେ ମଧ ସେମାନଙ୍କ ପ୍ରତିବେଶୀମାନଙ୍କର ସେବା କରନ୍ତୁ ବୋଲି ସେମାନଙ୍କଠାରୁ ପ୍ରତ୍ୟାଶା କରାଯାଉଛି । ଏହିପରି ବିଚାର କଲେ, ତାହା କିମ୍ବଦନ୍ତୀରେ ରହିଥିବା ବରଫ ମୁଣ୍ଡାଟି ପରି ଚାରିଆଡ଼େ ବ୍ୟାପିଯିବ ଏବଂ କ୍ରମେ ଧନାତ୍ମକ ରୀତିରେ ବଳଯୁକ୍ତ ହୋଇ ସମଗ୍ର ପୃଥିବୀକୁ ବେଷ୍ଟନ କରିପାରିବ । ଅର୍ଥାତ୍, ସ୍ୱଦେଶୀ ହେଉଛି ସେହି ଭାବନା, ଯାହାକି ଜଣେ ମନୁଷ୍ୟକୁ ଆଗ ଆଉ କାହାକୁ ନଦେଖି ନିଜ ଦୁଆର ପାଖର ପଡ଼ିଶାର ସେବା କରିବା ଲାଗି ପରିଚାଳିତ କରି ନେଇଥାଏ । ଆଗରୁ ମୁଁ ଯେପରି ସର୍ତ୍ତଟିଏ ରଖୁଛି, ତାହା ହେଉଛି ଯେ ଆମର ସେବା ଲାଭ କରି ପ୍ରତିବେଶୀ ମଧ ତା'ର ପ୍ରତିବେଶୀର ସେବା କରିବାକୁ ପ୍ରବୃତ୍ତ ହେବ । ଏହି ଅର୍ଥରେ ସ୍ୱଦେଶୀ କେବେହେଲେ କାହାକୁ ବାଦ୍ ଦିଏ ନାହିଁ । ତାହା ସେବାଲାଗି ରହିଥିବା ମନୁଷ୍ୟର ସାମର୍ଥ୍ୟକୁ ହିଁ ଏକ ବୈଜ୍ଞାନିକ ରୀତିରେ ସୀମିତ କରି ରଖିବାଲାଗି ସ୍ୱୀକାର କରିଥାଏ ।

# ଉପକାରୀ ପିଜୁଳି

ପିଜୁଳିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଦୈନନ୍ଦିନ ଖାଦ୍ୟ ତାଲିକାରେ ପିଜୁଳିକୁ ସାମିଲ କରନ୍ତୁ । ଏଥିରେ ଥିବା ଭିଟାମିନ୍ ସି' ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଆଉ ଏକ କଥା । ପିଜୁଳି ହେଉଛି ଫାଇବରର



ଗନ୍ତାଘର । ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ପିଜୁଳି ଖାଇବା ଦ୍ୱାରା କ୍ୟାନସର ଆଶଙ୍କାକୁ କେତେକାଂଶରେ ଦୂର କରାଯାଇପାରିବ । ଅନ୍ୟପକ୍ଷରେ ପିଜୁଳିରେ ପୋଟାସିୟ ଏବଂ ମ୍ୟାଗ୍ନେସିୟ ଭରି ରହିଛି । ଏହା ମାଂସପେଶୀକୁ ଦୃଢ଼ ହେବାରେ ସହାୟକ ହୋଇଥାଏ । ତା' ସହ କୋଷ୍ଠକାଠିନ୍ୟଜନିତ ସମସ୍ୟା ଦୂର କରିବାରେ ପିଜୁଳି ସାହାଯ୍ୟ କରିଥାଏ ।

# ଜଡ଼ାର ଔଷଧୀୟ ଗୁଣ

**ଜ**ଡ଼ା ଏକ ଡେଙ୍ଗା ଗୁଳ୍ମ, ସମୟ ସମୟରେ ଗଛ ଭଳି ବଡ଼ ହୋଇଯାଏ । ପତ୍ର ଖୁବ୍ ବଡ଼, ପ୍ରଶସ୍ତ, ଗୋଲାକର ରୂପ କିନ୍ତୁ ଆଂଶିକ ଭାବରେ ୭ ଖଣ୍ଡରେ ବିଭକ୍ତ, ପତ୍ରଧାର ଦନ୍ତୁରିତ । ଫୁଲ ବଡ଼, ଏକ ପ୍ରକାର ଅଗ୍ରସ୍ଥ ଗୁଚ୍ଛରେ ବିରାଜିତ । ଛୋଟ ନରବ କଣ୍ଟାଯୁକ୍ତ ସେତାଟକ ଫଳ, କେତାକାଂଶରେ ଛଅ ଭାଗରେ ଚିହ୍ନିତ । ବୀଜ ଆୟତାକାର ବୀଜତ୍ୱକ୍ କଠିନ । ଏହି ଜାତିର ଏକ ପ୍ରକାର ଗଛ ପ୍ରାୟ ବହୁବର୍ଷୀ, କାଷ୍ଠୀୟ କାଣ୍ଡ, ବୀଜ ବଡ଼ ଓ ଲାଲ । କଥିତ ଅଛି ଯେ ଏଥିରୁ ଯେଉଁ ତୈଳ ଉତ୍ପାଦିତ ହୁଏ ତାହା କେବଳ ଦୀପଦାନ ଏବଂ ପିଚ୍ଛିଳକରଣ ପାଇଁ ଉପଯୁକ୍ତ । ଏହି ଜାତିର ଏକବର୍ଷୀ ଗଛ ରୂପେ ଲଗାଯାଉଥିବା ଅନ୍ୟ ଏକ ପ୍ରକାରର ଗଛର ବୀଜଗୁଡିକ ପାଉଁଶିଆ ଏବଂ ପିଙ୍ଗଳ କର୍ବୁରିତ, ଏହି ବୀଜଗୁଡିକରୁ ଉତ୍ପାଦିତ ତୈଳ ଔଷଧ ରୂପେ ବ୍ୟବହୃତ ହେବା ପାଇଁ ଉପଯୁକ୍ତ । ଏହି ଜାତିର ମଧ ଆଉ ଏକ ପ୍ରକାରର ଗଛ ଅଛି ଯାହାର ପତ୍ରଗୁଡିକ ନୀଳ, ଲୋହିତ ବା ରକ୍ତାଭ ପିଙ୍ଗଳ ବର୍ଣ୍ଣ ଏହାକୁ କେବଳ ଶୋଭାବର୍ଦ୍ଧନ ପାଇଁ ଲଗାଯାଏ । ଏହି ଗଛକୁ ବହୁଳ ଭାବରେ କୃଷି କ୍ଷେତ୍ରରେ ଚତୁଃ ପାର୍ଶ୍ୱସ୍ଥ ହୁଡ଼ାରେ, ବଗିଚା ପ୍ରଭୃତିରେ ଚାଷ କରାଯାଏ । ଏହା ମଧ ଜଙ୍ଗଲିଆ ଭାବରେ ଖୋଲାପଡିଆ, ବଗିଚା, ଜନବସତି ନିକଟସ୍ଥ ଜମି ଏବଂ ଅନାବାଦୀ ଜମିରେ ପରିଦୃଷ୍ଟ ହୁଏ ।



**ଔଷଧ ଏବଂ ଏହାର ଗୁଣ:** ଏହି ଗଛର ବୀଜ ଔଷଧରେ ବ୍ୟବହୃତ ହୁଏ । ବୀଜ ବିଷାକ୍ତ, ଏପରିକି ୨ କିମ୍ବା ୩ ଟି ବୀଜ ମଣିଷ ପାଇଁ ମାରାତ୍ମକ ହୋଇପାରେ । ଏହାର ବୀଜରୁ ନିଷ୍କାସିତ ତୈଳ ଜଡାତେଲ ନାମରେ ପରିଚିତ ଏବଂ ଏହା ଏକ ବିରେଚକ ରୂପେ ବ୍ୟବହୃତ ହୁଏ ।

ଜଡ଼ାତେଲକୁ କ୍ଷୀର କିମ୍ବା ଫଳରସ ସହିତ ସେବନ କରିବା ସର୍ବୋତ୍କୃଷ୍ଟ । ଜଡ଼ା ତେଲ ମଧ ମଲମରେ ଏକ ପ୍ରଶାନ୍ତକ ମାଧମ ରୂପେ ଏବଂ ନେତ୍ର ବିନ୍ଦୁରେ ଏକ ତୈଳ ବାହକ ରୂପେ ବ୍ୟବହୃତ ହୁଏ ।

ପ୍ରସବକୁ ସୁଗମ କରିବା ପାଇଁ ଜଡାତେଲ ବ୍ୟବହାର ଅନିଶ୍ଚିତ ଫଳଦାୟକ, ବରଂ ଏହାକୁ ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଏବଂ ସାଧାରଣ ଋତୁସ୍ରାବ ସମୟରେ ଏକ ବିରେଚକ ରୂପେ ପରିମିତ ପରିମାଣରେ ବ୍ୟବହାର କରିବା ବାଞ୍ଛନୀୟ ।

ଜଡ଼ା ତେଲରୁ ପ୍ରସ୍ତୁତ ଏକ ଜେଲ୍ ଚର୍ମ ପ୍ରଦାହରେ ଉପକାରୀ ଏବଂ ଏହା ବୃତ୍ତିକ ଏକ୍‌ଜିମା ଏବଂ ଚର୍ମ ପ୍ରଦାହରେ ଏକ ଉତ୍ତମ ସଂରକ୍ଷକ ।

ଜଡ଼ାର ଔଷଧୀୟ ଗୁଣ : ଏହା ଗୁରୁପାକ, ଉଷ୍ଣବୀର୍ଯ୍ୟ, ମଧୁର ରସ, ପାଚକ ଓ ମଳଭେଦକ ଏବଂ ବାୟୁ, ଶୂଳ, ଜ୍ୱର, ଶୋଥ, ମଳବଦ୍ଧ, ଉଦରୀ, ପ୍ଲୀହା, ଆମଦୋଷ, କୃମି, ଅଜୀର୍ଣ୍ଣ, ଆମବାତ, ବାତ, କଟିଶୁଳ, ଆଣ୍ଠୁବାତ, ଶିରପୀଡ଼ା ଓ ଯାବତୀୟ ପ୍ରକାର ବାତରୋଗ ବିନାଶକ ଅଟେ ।

**ଜଡ଼ାର ବ୍ୟବହାର ବିଧି:**

ଜଡ଼ା ପତ୍ରରେ ଲୁଣ ପୁରାଇ ପୁଡ଼ା କରି ନିଆଁକୁ ଦେଖାଇ ସେଥିରେ ସେକ ଦେଲେ କଟିବାତ, ଆଣ୍ଠୁବାତ, ଆମବାତ, କଟିଶୁଳ, ମଜ୍ଜାବାତ ଏବଂ ସମସ୍ତ ପ୍ରକାର ବାତ ବେଦନା ଶୀଘ୍ର ଉପଶମ ହୁଏ ।

ଜଡ଼ା ପତ୍ର ରସରେ ଡାଲଚିନିକୁ ଘୋରି କପାଳରେ ଲେପ ଦେଲେ ଶିରପୀଡ଼ା ନିବାରିତ ହୁଏ ।

ଜଡ଼ା ପତ୍ରରେ ଗାଈଘିଅ ଲଗାଇ ନିଆଁରେ ସେକି ଆଣ୍ଠୁଗଣ୍ଠି ପ୍ରଭୃତିରେ ଲଗାଇ ବାନ୍ଧି ରଖିଲେ ଆମବାତ ଜନିତ ଆଣ୍ଠୁଗଣ୍ଠି ଓ ସନ୍ଧି ପ୍ରଭୃତି ସ୍ଥାନମାନଙ୍କରେ ଫୁଲା, ଦରଜ ଓ ବିନ୍ଧା ଭଲହୁଏ ।

ଜଡ଼ା ଗଛର ପତ୍ରକୁ ଜଳରେ ସିଝାଇ ସେଥିରେ ଗୁଡ଼ ମିଶାଇ ରଖିଲେ ମାଛି ସବୁ ଖାଇ ମରିଯାନ୍ତି ।

ଜଡ଼ା ତେଲରୁ କିଛି ଆଣି ତାହାକୁ ଶୀତଳ ଜଳରେ ଗୋଳାଇ ପାନ କଲେ ଝାଡ଼ା ହୋଇ ମଳବନ୍ଧ, ବାୟୁ, ଅଜୀର୍ଣ୍ଣ ପ୍ଲୀହା ଆମବାତ ପ୍ରଭୃତି ରୋଗ ଭଲ ହୁଏ ।

ଜଡ଼ା ପତ୍ର ପୋଡି ପାଉଁଶ କରି ସେହି ଭସ୍ମରୁ ଏକ ଅଣା ଓଜନର ଆଣି ସେଥିରେ ଅଳ୍ପ ହିଙ୍ଗୁ ମିଶାଇ ତିନିଥର ସେବନ କଲେ ମେଦ ବୃଦ୍ଧି ରୋଗ ନିବାରିତ ହୁଏ ।

ଜଡ଼ା ଗଛ ମୂଳର ଛେଲି ଓ ଗଛପତ୍ର ଏକତ୍ର କରି ଜଳରେ ସିଝାଇ ଛାଣି ସେହି ଜଳରେ ଚକ୍ଷୁ ଧୋଇଲେ ଚକ୍ଷୁର ଆଲୁଅ ଉଠିବା ଭଲ ହୁଏ ।

ଗବଗଛ ମୂଳର ଛେଲି ଓ ଗବପତ୍ର ଏକତ୍ର କରି ଜଳରେ ସିଝାଇ ଛାଣି ସେହି ଜଳରେ ଚକ୍ଷୁ ଧୋଇଲେ ଚକ୍ଷୁର ଆଲୁଅ ଉଠିବା ଭଲହୁଏ ।

ଜଡ଼ା, ବାସଙ୍ଗ ଓ ବେଲ ଏହି ତିନି ଗଛର ପତ୍ରକୁ ସମପରିମାଣରେ ଆଣି ଏକତ୍ର ଜଳରେ ସିଝାଇ ଛାଣି ସିଝାଜଳ ସାଙ୍ଗରେ ଅଳ୍ପଲୁଣ ମିଶାଇ କନା ଭିଜାଇ ବାରମ୍ବାର ସେକ ଦେଲେ ଅର୍ଶବଳୀର ଉପଶମ ହୁଏ ।

# ଡାଇବେଟିସ୍ ରୋଗୀ କ'ଣ ଖାଇବେ ?

**ଜ**ଣେ ଡାଇବେଟିସ୍ ରୋଗୀଙ୍କୁ ସାଧାରଣତଃ ଖାଦ୍ୟପେୟ ଉପରେ ଅଧିକ ଯତ୍ନବାନ ହେବାକୁ ପଡ଼େ । ଖାଦ୍ୟର ପ୍ରକାର ଓ ପରିମାଣ ଉପରେ ସେମାନଙ୍କୁ ଗୁରୁତ୍ୱ ଦେବାକୁ ପଡ଼େ । ନ ହେଲେ ଔଷଧ ଖାଇଲେ ମଧ ରକ୍ତ ଶର୍କରା ସ୍ତର ବଢ଼ିଯାଏ । ଜଣେ ସୁସ୍ଥ ବ୍ୟକ୍ତିର ରକ୍ତରେ ରକ୍ତ ଶର୍କରା ପରିମାଣ ବା ସୁଗାର ପରିମାଣ ଖାଲି ପେଟରେ ୧୨୬ ଏମଜି ଏବଂ ଖାଇବାର ୨ ଘଣ୍ଟା ପରେ ୨୦୦ ଏମଜିରୁ ଅଧିକ ଥିଲେ ତାକୁ ଡାଇବେଟିସ୍ ବୋଲି କୁହାଯାଏ ।

ଡାଇବେଟିସ୍ ରୋଗୀଙ୍କ ଖାଦ୍ୟପେୟ: ଡାଇବେଟିସ୍ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସବୁଜ ପନିପରିବା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଖାଇବା ବେଳେ ଅଧିକ ପରିମାଣର ସବୁଜ ପନିପରିବା ଖାଇଲେ ଶରୀରକୁ ଆବଶ୍ୟକ ପରିମାଣର ଉପାଦାନ ମିଳିଥାଏ । ଋତୁ ଅନୁସାରେ ଉପଲବ୍ଧ ପନିପରିବା ଖାଇବା ଭଲ । ତେବେ ମାଟି ତଳେ ଫଳୁଥିବା ପନିପରିବା ଠାରୁ ଦୂରେଇ ରହିବା ଭଲ ।

ଫଳ ମଧ ଡାଇବେଟିସ୍ ରୋଗକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ନେଇଥାଏ । ହେଲେ ଡାଇବେଟିସ୍ ରୋଗୀ ସବୁ ଫଳ ଖାଇବା ଉଚିତ ନୁହେଁ । ପାଟିକୁ ମିଠା ଲାଗୁଥିବା ବା ଶର୍କରା ପରିମାଣ ଅଧିକ ଥିବା ଫଳ ଅଳ୍ପ ପରିମାଣରେ ଖାଆନ୍ତୁ । ଫଳକୁ ସଦା ସର୍ବଦା ଚୋପା ସହିତ ଖାଇବା ଅଭ୍ୟାସ କରନ୍ତୁ ।

ଡାଇବେଟିସ୍ ରୋଗୀ ପ୍ରତିଦିନର ଖାଦ୍ୟରେ କିଛି ପରିମାଣର ଶସ୍ୟଜାତୀୟ ଖାଦ୍ୟ ଖାଇବା ଉଚିତ । ବ୍ରାଉନ୍ ରୁଟି, ଅଟା ପାଉଁରୁଟି, ପାସ୍ତା, ଓଟସ୍, ବାର୍ଲି ଏବଂ ଅନ୍ୟାନ୍ୟ ଶସ୍ୟଜାତୀୟ ଖାଦ୍ୟ ଖାଇ ପାରିବେ ।



ଜଣେ ଡାଇବେଟିସ୍ ରୋଗୀ କେତେ ପରିମାଣର ପ୍ରୋଟିନ୍ ଖାଇବେ ତାହା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ପ୍ରୋଟିନ୍ ଖାଦ୍ୟର ପ୍ରମୁଖ ଉତ୍ସ ହେଲା ଅଣ୍ଡା, ମାଛ, ବାଦାମ, ଛେନା, କଦଳୀ, ପନିର ଇତ୍ୟାଦି ।

ଛଣାଛଣି ଖାଦ୍ୟ, ଅଧିକ ଚର୍ବିଯୁକ୍ତ ଖାଦ୍ୟ ମିଠା ଏବଂ ଚନିରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଅଧିକ ଲୁଣି ଏବଂ ସୋଡିୟମ ଯୁକ୍ତ ଖାଦ୍ୟ, ଥଣ୍ଡା ପାନୀୟ, ପ୍ୟାକେଟ୍ ଫୁଡ୍, ଚକୋଲେଟ, ମଦ୍ୟପାନ ଓ ଧୂମପାନ ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଡାଇବେଟିସ୍ ରୋଗୀଙ୍କ ପାଇଁ ଖାଇବା ମନା ।

ଡାଇବେଟିସ୍‌କୁ ନିୟନ୍ତ୍ରଣ କରିବାର ସହଜ ଉପାୟ ହେଲା: ଓଜନ ଅଧିକ ଥିଲେ ଯଥାଶୀଘ୍ର କମ କରନ୍ତୁ । ପ୍ରତିଦିନ ବ୍ୟାୟାମ କରନ୍ତୁ । ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ । ଖାଦ୍ୟପେୟର ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ, ଉପବାସ କିମ୍ବା ଖାଲି ପେଟରେ ଆଦୌ ରୁହନ୍ତୁ ନାହିଁ ।

ଅଳ୍ପ ଅଳ୍ପ କରି ବାରମ୍ବାର ଖାଆନ୍ତୁ । ଔଷଧ ଆଦୌ ବନ୍ଦ କରନ୍ତୁ ନାହିଁ । ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ଅଂଶୁଘାତର ଆଶୁ ଚିକିତ୍ସା

**ଖ**ରାଦିନେ ବାହାରକୁ ଯାଉଥିବା ଲୋକଙ୍କୁ ଅଧିକ ଅଂଶୁଘାତ ହେବାର ଆଶଙ୍କା ରହିବା ସହ ପ୍ରବଳ ଜ୍ୱର ଓ ବାନ୍ତି ମଧ ହୋଇପାରେ । ଏହାଛଡ଼ା ଶରୀରରେ ଜଳୀୟ ଅଂଶ ମଧ କମି ଯାଏ । ଏହା ଯୋଗୁଁ ମୁଣ୍ଡବ୍ୟଥା, ମୁଣ୍ଡ ବୁଲେଇବା, ହାତଗୋଡ଼ ଥରିବା ଓ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖା ଦେଇଥାଏ । ପିଆଜ ରସକୁ ହାତରେ ଓ ପାଦ ତଳେ ମାଲିସ କରିବା ଉଚିତ । ତମ୍ବା ଥାଳିରେ ଥଣ୍ଡା ପାଣି ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଛାତି ଓ ପେଟ ଉପରେ ରଖିବା ଦ୍ୱାରା ଉପଶମ ମିଳିଥାଏ । ଲୁଣକୁ ନାହିରେ ରଖି ଲୁଣ ନ ମିଶିବା ଯାଏଁ ଥଣ୍ଡା ପାଣି ତା' ଉପରେ ଢ଼ାଳିଲେ ଏଥିରୁ ମୁକ୍ତି ମିଳିଥାଏ । ସୂତା କପଡ଼ାକୁ ଥଣ୍ଡା ପାଣିରେ ଓଦା କରି ଶରୀରର ମସାଜ୍ କରିବା ଉଚିତ୍ ।

# ଭିଟାମିନ୍‌ରେ ଭରପୁର ଆତ

**ଖ**ରାଦିନେ ବାଡିବଗିଚା ସହ ବଜାରରେ ମିଳୁଥିବା ସୁସ୍ୱାଦୁ ଫଳଟିଏ ଆତ । ଏହାକୁ ପାକଳ ଅବସ୍ଥାରେ ତୋଳି ଚାଉଳ ବସ୍ତାରେ ରଖିଦେଲେ ବି ପାଚିଯାଏ । ଗାଉଁଲି ଫଳ ହୋଇଥିଲେ ସୁଦ୍ଧା ସହରରେ ଏବେ ଏହାର ଆଦର ବଢ଼ିଯାଇଛି । ସୀତାଫଳ ବୋଲି ପରିଚିତ ଏହି ଫଳର ସ୍ୱାସ୍ଥ୍ୟ ଉପକାରିତା ଖୁବ୍ ଅଧିକ । ଶରୀରର ଏପରି କୌଣସି ଭାଗ ନ ଥିବ ଯେଉଁଠାରେ ଏହାର ଲାଭ ମିଳିବ ନାହିଁ । ଏହା ବାତ, ପିତ୍ତ, ଶାନ୍ତ ରଖିବା ସହ ପୁଷ୍ଟିକର ତଥା ବଳବର୍ଦ୍ଧକ ।

➢ ଏହା ଓଜନ ବଢ଼ାଇବାରେ ଖୁବ୍ ଉପକାରୀ । ଅନେକ ଲୋକ ଏତେ ଦୁର୍ବଳ ଏବଂ ପତଳା ଥାନ୍ତି ଯେ, ଓଜନ ବଢ଼ାଇବାର ସବୁପ୍ରକାର ଉପାୟ କରି ଥକିପଡ଼ନ୍ତି ପଛେ କିଛି ଲାଭ ହୁଏ ନାହିଁ । ଏପରି ସ୍ଥଳେ ଆତକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଖୁବ୍ ଶୀଘ୍ର ନିଜ ଇଚ୍ଛାନୁସାରେ ଫିଗର ପାଇ ପାରିବେ ।

➢ ଆତରେ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ସି' ପ୍ରଚୁର ପରିମାଣରେ ଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ପାରୁଥିବାରୁ ଦିନକୁ ଥରେ ଆତ ଖାଇବା ସବୁ ରୋଗରୁ ମୁକ୍ତ ରଖିପାରିବ ।

➢ ଏଥିରେ ମଧ ଭିଟାମିନ୍ ବି' କମ୍ପ୍ଲେକ୍ସ ପର୍ଯ୍ୟାପ୍ତ ପରିମାଣରେ ଚାଲିଛି । ତେଣୁ ଏହା ମସ୍ତିଷ୍କ ଶୀତଳ ରଖେ । ଆତ ଖାଇବା ଚିଡ଼୍‌ଚିଡ଼ା ସ୍ୱଭାବରୁ ଦୂରେଇ ମାନସିକ ଶାନ୍ତି ଦେଇପାରେ ।



➢ ଦାନ୍ତ ଏବଂ ମାଢ଼ିରେ ହେଉଥିବା ଯନ୍ତ୍ରଣାରୁ ମଧ ଆତ ଖାଇବା ମୁକ୍ତି ଦେଇଥାଏ ।

➢ ରକ୍ତହୀନତା ବା ଏନିମିଆ ଦୁରେଇବାରେ ଆତର ଭଲ ଭୂମିକା ରହିଛି । ପ୍ରତିଦିନ ଆତ ଖାଇଲେ ରକ୍ତହୀନତା ଦୂର ହେବା ସହ ବାନ୍ତି ହେଉଥିଲେ ବି ଭଲ ହୋଇଯାଏ ।

➢ ଭିଟାମିନ୍ ସି ଏବଂ ରାଇବୋଫ୍ଲୋବିନ୍ ଏଥିରେ ଅଧିକ ଥିବାରୁ ଏହା ଦୃଷ୍ଟିଶକ୍ତି ସୁସ୍ଥ ରଖେ ।

➢ ଏଥିରେ ଥିବା ମ୍ୟାଗ୍ନେସିୟମ୍ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ସହ ଆଣ୍ଠୁଗଣ୍ଠିରେ ହେଉଥିବା ଏସିଡରୁ ମୁକ୍ତ ରଖେ । ଏହି ଏସିଡ୍ ଗଣ୍ଠିରୋଗର ମୁଖ୍ୟ କାରଣ ହୋଇଥିବାରୁ ଆତ ଏଥିରୁ ସୁରକ୍ଷା ଦିଏ ।

➢ ଆତରେ ବି ସୋଡିୟମ୍ ଏବଂ ପଟାସିୟମ୍ ସନ୍ତୁଳିତ ମାତ୍ରାରେ ରହିଛି । ତେଣୁ ଏହା ରକ୍ତପ୍ରବାହ ନିୟନ୍ତ୍ରଣ କରିଥାଏ ।

➢ ଶରୀରର ଶର୍କରାସ୍ତର ମଧ ନିୟନ୍ତ୍ରଣରେ ରଖିପାରେ ଆତ ।

➢ ଆତର ମଞ୍ଜିକୁ ଛେଳିକ୍ଷୀର ସହିତ ବାଟି ମୁଣ୍ଡରେ ଲଗାଇଲେ କେଶ ଝଡିବାରେ ବେଶ୍ ଲାଭ ମିଳିଥାଏ ।

## ରାମକଥା

ଶ୍ରୀ ହନୁମାନ କହିଲେ- 'ଭଗବାନ ! ଦେହବୁଦ୍ଧିରେ ମୁଁ ତ ଶ୍ରୀ ସୀତାରାମଙ୍କର ଦାସାନୁଦାସ । ଜୀବବୁଦ୍ଧିରେ ମୁଁ ହେଉଛି ଶ୍ରୀରାମଙ୍କର ଅଂଶ । ମୋ ଭଗବାନ ଅତି ଉଦାର । ଏଣୁ କୃପା କରି ସେ ମୋତେ ନିଜର କରି ରଖିଛନ୍ତି । ଆତ୍ମ ଦୃଷ୍ଟିରେ ବିଚାର କଲେ ମୁଁ ଶ୍ରୀରାମଙ୍କ ଠାରୁ ପୃଥକ୍ ନୁହେଁ । ମୋର ଆଉ ଶ୍ରୀରାମଙ୍କ ଭିତରେ ଭେଦାଭେଦ କିଛି ନାହିଁ ।

ଅତିଶୟ ଭକ୍ତି ବଢ଼ିଲେ ଭକ୍ତ ଓ ଭଗବାନ ଏକ ହୋଇ ଯାଆନ୍ତି । ଭକ୍ତି ଭେଦକୁ ବିନାଶ କରିଦିଏ । ଶ୍ରୀ ହନୁମାନ ଆଉ ଶ୍ରୀରାମ ହେଉଛନ୍ତି ଏକ । ଭଗବାନ ଶଙ୍କର ମାତା ପାର୍ବତୀଙ୍କୁ ଏହି ରାମକଥା କହୁଛନ୍ତି । ଶ୍ରୀରାମଙ୍କ ଗୁଣ ଅନନ୍ତ । ଶ୍ରୀରାମଙ୍କ କଥା ବି ଅନନ୍ତ । ରାମ ଚରିତ୍ରର ପ୍ରତ୍ୟେକ ଅକ୍ଷର ବକ୍ତା ଓ ଶ୍ରୋତାଙ୍କର ପାପରାଶିକୁ ଭସ୍ମ କରିଦିଏ । ଶ୍ରୀରାମ କଥାକୁ ପୁଣି କିଏ ବର୍ଣ୍ଣନା କରିପାରେ କି ? ଜୀବ ଅଳ୍ପବୁଦ୍ଧି । ହେଲେ ପରମାତ୍ମାଙ୍କର ଗୁଣ ଅନନ୍ତ । ଯଥାମତି ସଂକ୍ଷେପରେ ଶ୍ରୀରାମଙ୍କ କଥା କୁହା



ହୋଇଛି । ଏହି କଥାରେ ଯେଉଁସବୁ ଦିବ୍ୟ ତତ୍ତ୍ୱ ପରିବେଷଣ ହୋଇଛି ତାହା ଶ୍ରୀମଦ୍‌ଗୁରୁଙ୍କ ପ୍ରସାଦରୁ ହିଁ ସମ୍ଭବହୋଇଛି । କଥା ବର୍ଣ୍ଣନା ସମୟରେ ଅନେକ ତ୍ରୁଟି ରହିଯାଇଛି । ଆପଣମାନେ ସମସ୍ତେ ସୀତାରାମଙ୍କ ସ୍ୱରୂପ । ଏକ ଶ୍ରୀରାମ ଅନେକ ରୂପରେ ଏଠାରେ ବିରାଜମାନ କରୁଛନ୍ତି । ଏକ ଶ୍ରୀରାମ ହିଁ ସମସ୍ତଠାରେ ରମଣ କରୁଛନ୍ତି । ଆପଣମାନଙ୍କୁ ମୁଁ ବାରମ୍ବାର ପ୍ରଣାମ କରୁଛି, ସାଷ୍ଟାଙ୍ଗ ପ୍ରଣାମ କରୁଛି ।

ମହାପୁରୁଷ କୌଣସି ଦିନ ସତକର୍ମର ସମାପ୍ତି କରନ୍ତି ନାହିଁ । ଏହି ଶରୀରର ସମାପ୍ତି ଯେତେବେଳେ ହୁଏ ସେତେବେଳେ ହୁଏତ ସତକର୍ମର ସମାପ୍ତି ହୋଇ ଯାଇ ପାରେ । ଆମେ ଜୀବନର ଶେଷଶ୍ୱାସ ପର୍ଯ୍ୟନ୍ତ ସତକର୍ମ କରୁଥିବା ଉଚିତ । ଜୀବନର ଶେଷଶ୍ୱାସ ପର୍ଯ୍ୟନ୍ତ ଶ୍ରୀରାମଙ୍କର ସେବା କରୁଥିବା ଉଚିତ । ଶ୍ରୀରାମ ନାମକୁ ଜପ କରୁଥିବା ଉଚିତ, ପରୋପକାରରେ ଶରୀରକୁ ବିନିଯୁକ୍ତ କରୁଥିବା ଉଚିତ ।

## ସ୍ୱର୍ବେଦ

**ମହ ମଣ୍ଡଳ ଆକାଶ ହୈ, ଅକ୍ଷର ସେ ଉତପାନ ।**

**ମହା ଶୂନ୍ୟ ସେ ପ୍ରାଣ ହୈ, କାରଣ ମାହିଁ ସମାନ ॥୦୫॥**

ଭାଷ୍ୟ - ବ୍ରହ୍ମରୁ ଆକାଶ ମହାମଣ୍ଡଳ ପ୍ରକଟ ହୋଇଥାଏ ଏବଂ ମହାଶୂନ୍ୟରୁ ପ୍ରାଣର ଉତ୍ପତ୍ତି ହୋଇଥାଏ । ସେହି ପ୍ରାଣ ଅକ୍ଷରର ଆଧାର ଉପରେ ଦେହସଂଘାତ କ୍ରିୟାଶୀଳ ହୋଇଥାଏ । ପ୍ରାଣର ଆଧାର ଅକ୍ଷର ଅଟନ୍ତି, କାହିଁକି ନା ଯୋଗ ବିଧାନ ଦ୍ୱାରା ଅକ୍ଷର ମଣ୍ଡଳରେ ପହଞ୍ଚି ପ୍ରାଣ ଶାନ୍ତ ହୋଇଯାଏ ।

**ଅକ୍ଷର ସେ ଗତି ପ୍ରାଣ ମେଁ, ପ୍ରାଣ ସେ ତନ ବ୍ୟଓ୍ୱପାର ।**

**ଚକ୍ର ନାଲ ଇନ୍ଦ୍ରିୟ ଚଲେ, ଧର୍ମ ହୈ ଓ୍ୱିଧି ପ୍ରକାର ॥୦୬॥**

ଭାଷ୍ୟ - ଅକ୍ଷରରୁ ପ୍ରାଣରେ ଗତି ଆସିଥାଏ ଏବଂ ପ୍ରାଣ ଦ୍ୱାରା ଶରୀରର ବ୍ୟବହାର ଏବଂ ଚକ୍ର ନାଡ଼ି ତଥା ଇନ୍ଦ୍ରିୟଗୁଡ଼ିକରେ ବିବିଧ ପ୍ରକାରର ଧର୍ମ ହୋଇଥାଏ । ଏହି ଶରୀରରେ ଅକ୍ଷରଙ୍କ ଦ୍ୱାରା ପ୍ରାଣ, ମନ ଏବଂ ଇନ୍ଦ୍ରିୟ ଆଦିରେ ଗତି ଆସିଥାଏ ଯାହା ଫଳରେ ଆତ୍ମା ସମଗ୍ର ଦେହସଂଘାତର କ୍ରିୟା କରିଥାଏ ଏବଂ ପ୍ରକୃତିର ବ୍ୟବହାର ଦ୍ୱାରା ଜଗତର ସୁଖ ଉପଭୋଗ କରିଥାଏ ।

**କାରଣ ମଣ୍ଡଳ ପ୍ରାଣ ଜୋ, ପହୁଁଚେ ଯୋଗ ଓ୍ୱିଧାନ ।**

**ମନ ପଙ୍ଗୁ ତବ ହୋତ ହୈ, ଦ୍ୱନ୍ଦ୍ୱ ମିଟେ ଦୁଖ ଖାନ ॥୦୭॥**

ଭାଷ୍ୟ - ଯେତେବେଳେ ଯୋଗ ବିଧାନ ଦ୍ୱାରା ପ୍ରାଣ ନିଜ କାରଣ ମଣ୍ଡଳ ମହାଶୂନ୍ୟରେ ପହଞ୍ଚି ଯାଏ, ସେତେବେଳେ ପ୍ରାଣ ଶାନ୍ତ ହୋଇଯିବା ପରେ ମନ ପଙ୍ଗୁ ହୋଇଯାଏ କାହିଁକି ନା ପ୍ରାଣ ସହିତ ମନର ଗତି ସନ୍ନିହିତ ହୋଇ ରହିଥାଏ । ପ୍ରାଣ ଏବଂ ମନର ଘନିଷ୍ଠ ସମ୍ବନ୍ଧ ରହିଛି । ପ୍ରାଣ ଶାନ୍ତ ହୋଇଯିବା ପରେ ମନ ଚଳତ୍‌ଶକ୍ତି ହରାଇ ଥାଏ ଏବଂ ମନ ସ୍ଥିର ହୋଇଯିବା ଦ୍ୱାରା ଇନ୍ଦ୍ରିୟମାନଙ୍କ ଦ୍ୱନ୍ଦ୍ୱ ସମାପ୍ତ ହୋଇଯାଏ । ଇନ୍ଦ୍ରିୟମାନଙ୍କର ଦ୍ୱନ୍ଦ୍ୱ ସମାପ୍ତ ହେବା ଦ୍ୱାରା ସମସ୍ତ ଦୁଃଖର ପରିସମାପ୍ତି ଘଟେ ।

**ଅକ୍ରିୟ ମନ ଅରୁ ପ୍ରାଣ ହୈ, ନିଜ କାରଣ ଭୟ ଲୀନ ।**

**ତବ ପ୍ରବୃତ୍ତି ପରପଞ୍ଚ ସବ, ବନ୍ଦ ହୋୟ ସ୍ୱାଧୀନ ॥୦୮॥**

ଭାଷ୍ୟ - ଯେତେବେଳେ ମନ ଏବଂ ପ୍ରାଣ କ୍ରିୟାରହିତ ହୋଇ ନିଜ କାରଣରେ ଲୀନ ହୋଇ ଯାଆନ୍ତି, ସେତେବେଳେ ବାହ୍ୟ ପ୍ରକୃତିର ପ୍ରପଞ୍ଚ ବନ୍ଦ ହୋଇଯିବା କାରଣରୁ ଆତ୍ମା ସେମାନଙ୍କ ବନ୍ଧନରୁ ମୁକ୍ତ ହୋଇ ସ୍ୱତନ୍ତ୍ର ହୋଇଯାଏ ।

**ଅକ୍ରିୟ ମନ ଅରୁ ପ୍ରାଣ ସେ, କେନ୍ଦ୍ରିତ ଚେତନ କେନ୍ଦ୍ର ।**

**ଆତମ ଶୁଦ୍ଧ ପ୍ରକାଶ ହୈ, ଶାସକ ଦେହ ମହେନ୍ଦ୍ର ॥୦୯॥**

ଭାଷ୍ୟ - ସମଗ୍ର ଦେହ ସଂଘାତର ଶାସକ ଅର୍ଥାତ୍ ସ୍ୱାମୀ ଆତ୍ମା, ମନ ଏବଂ ପ୍ରାଣ କ୍ରିୟାବିହୀନ ହୋଇ ଶାନ୍ତ ହୋଇଯିବା 'ଳରେ ସଦ୍‌ଗୁରୁ ପ୍ରଦେଶରେ ସ୍ଥିର ହୋଇ ନିଜ ଶୁଦ୍ଧ ପ୍ରକାଶକୁ ପ୍ରାପ୍ତ କରେ । ମନ ଏବଂ ପ୍ରାଣ ଶାନ୍ତ ହୋଇଯିବା ଦ୍ୱାରା ଚେତନ ପ୍ରଭା ଭିତରେ ପ୍ରବେଶ କରେ, ଯାହା ଫଳରେ ଆତ୍ମାକୁ ନିଜ ସ୍ୱରୂପର ପ୍ରତ୍ୟକ୍ଷ ଅନୁଭବ ହୋଇଥାଏ । ଏହି ସ୍ଥିତି ବିହଙ୍ଗମ ଯୋଗର ଧାରଣାରୁ ପ୍ରାପ୍ତ ହୋଇଥାଏ, ଯେଉଁଥିରେ ସଦ୍‌ଗୁରୁ ନିଜ ଦିବ୍ୟ ଜ୍ଞାନର ସଂଚାର କରିଥାନ୍ତି । ଆତ୍ମ ପ୍ରକାଶ ପ୍ରାପ୍ତ ହେବା 'ଳରେ ଅକ୍ଷର ଏବଂ ନିଃଶବ୍ଦର ପ୍ରକାଶ, ଯାହାକୁ ସଦ୍‌ଗୁରୁସେବୀ ଯୋଗୀଜନ ଜାଣିଥାନ୍ତି ଏବଂ ଅନୁଭବ କରନ୍ତି, ସେହି ପ୍ରକାଶ ମନ-ମଣ୍ଡଳର ମାୟିକ ପ୍ରକାଶ ନୁହେଁ । କ୍ଷର, ଅନାତ୍ମ ପ୍ରକାଶ ପ୍ରକୃତି ମଣ୍ଡଳରେ ପ୍ରାକୃତିକ ଯୋଗୀମାନଙ୍କୁ ହୋଇଥାଏ, ପରନ୍ତୁ ଏହି ଶୁଦ୍ଧ ପ୍ରକାଶ ଚେତନ କେନ୍ଦ୍ରରୁ ଆତ୍ମାକୁ ପ୍ରାପ୍ତି ହୋଇଥାଏ, ଯେଉଁଥିରୁ ଅନ୍ତରର ସ୍ଥିତି ସମ୍ବନ୍ଧରେ ପୂର୍ଣ୍ଣ ବୋଧ ଏବଂ ଅଗ୍ରସର ହେବାର କ୍ରିୟା ସ୍ପଷ୍ଟ ହେବାରେ ଲାଗେ । ଏହି ସାଧନ ଅନୁଭବ ସାକ୍ଷାତ୍‌କାର କରିବା ବିଷୟ ଅଟେ, ସେଥିପାଇଁ ଆଧ୍ୟାତ୍ମ ପିପାସୁ ନିଜ ଅନୁଭବ ବିବେକର ପ୍ରକାଶକୁ ପ୍ରାପ୍ତ କରିବାର ପ୍ରୟାସ କରନ୍ତୁ ।

**ମନ ଅରୁ ପ୍ରାଣ ସଂଘର୍ଷ ମେଁ, ଆତମ ଓ୍ୱିଜୟୀ ହୋୟ ।**

**ପ୍ରଭୁ ସୁମିରନ ଅରୁ ଭଜନ ମେଁ, ଅବ କୋଇ ଓ୍ୱିଘ୍ନ ନ ହୋୟ ॥୧୦॥**

ଭାଷ୍ୟ - ଚେତନ ଶକ୍ତି ପ୍ରକଟ ହେବା 'ଳରେ ମନ ଏବଂ ପ୍ରାଣର ଯୁଦ୍ଧରେ ଆତ୍ମା ବିଜୟୀ ହୁଏ । ତଦ୍‌ପଶ୍ଚାତ୍ ପ୍ରଭୁଙ୍କ ସ୍ମରଣ ଏବଂ ଭଜନରେ କୌଣସି ବିଘ୍ନ ଉପୁଜେ ନାହିଁ । ମନ ଏବଂ ପ୍ରାଣର ସମ୍ବନ୍ଧ ହେତୁ ଜୀବାତ୍ମାକୁ ଅନେକ ପ୍ରକାର କଷ୍ଟ, ଦୁଃଖ ଏବଂ ପରିତାପ ଭୋଗିବା କାରଣରୁ ଆଧ୍ୟାତ୍ମିକ ଉତ୍ଥାନରେ ବାଧା ଦେଖାଦିଏ । ଯେତେବେଳେ ଆତ୍ମା ଏମାନଙ୍କ ସଂଘର୍ଷରୁ ବିଜୟୀ ହୋଇ ଚେତନ ପ୍ରକାଶ ପ୍ରାପ୍ତ




କରିନିଏ, ସେତେବେଳେ ନିର୍ବିଘ୍ନ ଭାବରେ ପ୍ରଭୁଙ୍କ ଭକ୍ତି ଏବଂ ସ୍ମରଣ କରିଥାଏ । ନିର୍ବିଘ୍ନ ଭାବରେ ଶାନ୍ତ ହୋଇଯିବା ପରେ ହିଁ ଶୁଦ୍ଧ ସ୍ୱରୂପରେ ପ୍ରଭୁଙ୍କର ଭଜନ ହୋଇଥାଏ ଏବଂ ପବିତ୍ର ଆନନ୍ଦ ଆତ୍ମାକୁ ପ୍ରାପ୍ତ ହୋଇଥାଏ ।

**ମନ ଓ୍ୱ ପ୍ରାଣ ବ୍ୟଓ୍ୱହାର ମେଁ, ତିରଗୁଣ କା ବ୍ୟଓ୍ୱପାର ।**

**ମନ ଅରୁ ପ୍ରାଣ ଓ୍ୱିଲୀନ ମେଁ, ତିରଗୁଣ ଧର୍ମ ସଂହାର ॥୧୧॥**

ଭାଷ୍ୟ - ମନ ଏବଂ ପ୍ରାଣର ଯେତେବେଳ ପର୍ଯ୍ୟନ୍ତ ବ୍ୟବହାର ହୋଇଥାଏ, ସେତେବେଳ ପର୍ଯ୍ୟନ୍ତ ପ୍ରକୃତିର ତ୍ରିଗୁଣ ସମ୍ବନ୍ଧ ଲାଗି ରହିଥାଏ । ମନ ଏବଂ ପ୍ରାଣ ବିଲୀନ ହୋଇଯିବା 'ଳରେ ତ୍ରିଗୁଣର ସମସ୍ତ ଧର୍ମ ନାଶ ହୋଇ ଯାଆନ୍ତି । ଯୋଗୀ ଏହି ତ୍ରିଗୁଣର ଅଭାବ ହେବା ପରେ ନିର୍ମଳ ଏବଂ ଶାନ୍ତ ହୋଇଯାଆନ୍ତି । ପରବର୍ତ୍ତୀ ଦୋହାରେ ଗୁଣାତୀତ ଯୋଗୀର ଲକ୍ଷଣ ସମ୍ବନ୍ଧରେ ବ୍ୟାଖ୍ୟା କରାଯାଇଛି ।

**ନହିଁ ନିବୃତ୍ତି ଆରମ୍ଭ ହୈ, ନହିଁ କୋଯ କାଂକ୍ଷା ହୋୟ ।**

**ସନିଧି ଯୋଗ କ୍ରିୟ ହୋତ ହୈ, ଗୁଣାତୀତ ହୈ ସୋୟ ॥୧୨॥**

ଭାଷ୍ୟ - ନିଃଶବ୍ଦ ପରମ ପୁରୁଷଙ୍କ ପ୍ରାପ୍ତି ହେବା 'ଳରେ ଯୋଗୀ ପ୍ରକୃତିରୁ ପାରଙ୍ଗତ ହୋଇ ଶୁଦ୍ଧ ଚେତନ ସ୍ୱରୂପରେ ବିରାଜମାନ ହୋଇଥାନ୍ତି । ତ୍ରିଗୁଣମାନଙ୍କର ତ୍ରିଘାତ ଯୋଗୀଙ୍କୁ ସ୍ପର୍ଶ କରିପାରେ ନାହିଁ । ତ୍ରିଗୁଣର ଅଭାବ ହେବା ଦ୍ୱାରା କେବଳ ନିଜ ପ୍ରୟାସରୁ ହିଁ ସେ ପ୍ରକୃତିର ଧର୍ମଗୁଡ଼ିକୁ ପାଳନ କରିଥାନ୍ତି । ଯୋଗର ବିଶିଷ୍ଟ ଭୂମିରେ ଆତ୍ମା ଏବଂ ପ୍ରକୃତିର ସମ୍ବନ୍ଧ ଲାଗି ରହିଛି । ଯୋଗୀ ଏଥିରୁ ମୁକ୍ତ ହୋଇ ଶୁଦ୍ଧ ଚିଦାକାଶରେ ଅନ୍ତର୍ଗମନ କରି ପରମାନନ୍ଦ ପରମ ପୁରୁଷଙ୍କୁ ପ୍ରାପ୍ତ କରିଥାନ୍ତି । ପ୍ରକୃତି ମଣ୍ଡଳକୁ ତ୍ୟାଗ କରିବା ପରେ ଯୋଗୀ ଗୁଣାତୀତ ହୋଇଯାଆନ୍ତି । ଯେତେବେଳେ ପ୍ରକୃତିର ତ୍ରିଗୁଣ ଛାଡ଼ିଯାଆନ୍ତି, ସେହି ସମୟରେ ନା ନିବୃତ୍ତି ହୋଇଥାଏ, ନା ଜଗତର ପ୍ରବୃତ୍ତି ହୋଇଥାଏ, କାହିଁକି ନା ତ୍ରିଗୁଣର ଭାବରୁ ହିଁ ଆତ୍ମା ପ୍ରକୃତିର ବ୍ୟବହାର ସହିତ ସମ୍ବନ୍ଧ ରଖିଥାଏ ଅଥବା ସେମାନଙ୍କୁ ତ୍ୟାଗ କରିଥାଏ । ଯେବେ ପ୍ରକୃତି ହିଁ ରହିବ ନାହିଁ, ତେବେ କାହାର ତ୍ୟାଗ ଆଉ ବିରାଗ ଏବଂ କେଉଁ ଭୋଗ୍ୟ ବସ୍ତୁର ଇଚ୍ଛା ହେବ ? ସେଥିପାଇଁ ପ୍ରକୃତିର ତ୍ରିଗୁଣମାନଙ୍କର ଅଭାବ ହେବା 'ଳରେ ପ୍ରବୃତ୍ତି-ନିବୃତ୍ତି ଅଥବା ସଂସାରର କୌଣସି ବସ୍ତୁର କାମନା ଯୋଗୀ ନିକଟରେ ରହେନାହିଁ । ସେ ନିଜ ଚେତନ ସ୍ୱରୂପରେ ପରମାନନ୍ଦ ସତ୍‌ପୁରୁଷଙ୍କୁ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଏ । ତାଙ୍କର ଶରୀର, ଦେହ ସଂଘାତର ଧର୍ମ ସ୍ୱାଭାବିକ, ଆତ୍ମାର ସନ୍ନିଧି ମାତ୍ରକେ ହିଁ ନିଜ କାର୍ଯ୍ୟ କରିଥାନ୍ତି । ସେ ପ୍ରକୃତିର ଧର୍ମରୁ ଅସଙ୍ଗ ହୋଇ ଚେତନ ସ୍ୱରୂପ ପ୍ରାପ୍ତ କରି ଗୁଣାତୀତ ହୋଇଯାଆନ୍ତି ।

**ଅକ୍ଷର ପର ନିଃଶବ୍ଦ ହୈ, ମଣ୍ଡଳ ଦିବ୍ୟ ଅନୂପ ।**

**ଚେତନ ସ୍ଥିର ଶାନ୍ତ ହୈ, ଗୁଣାତୀତ ସ୍ୱରୂପ ॥୧୩॥**

ଭାଷ୍ୟ - ଅକ୍ଷର ଉପରେ ଏହାର ଆଗକୁ ନିଃଶବ୍ଦର ଦିବ୍ୟ ମଣ୍ଡଳ ଅଛି । ଆତ୍ମା ସେହି ଦିବ୍ୟ ମଣ୍ଡଳକୁ ପ୍ରାପ୍ତ କରି ତ୍ରିଗୁଣର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସ୍ଥିର ଏବଂ ଶାନ୍ତ ହୋଇଯାଏ । ପ୍ରକୃତି ମଣ୍ଡଳରୁ ବିଚ୍ଛିନ୍ନ ହେବା ପରେ ତ୍ରିଗୁଣର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଯାଏ ଏବଂ ସେହି ଦ୍ୱନ୍ଦ୍ୱାତୀତ ଯୋଗୀ ତ୍ରିଗୁଣରହିତ ହୋଇ ନିଃଶବ୍ଦର ଦିବ୍ୟ ପ୍ରକାଶରେ ସ୍ଥିର ଏବଂ ଶାନ୍ତ ହୋଇଯାଏ । ଏହା ଗୁଣାତୀତ ଯୋଗୀର ଶୁଦ୍ଧ ସ୍ୱରୂପ ଅଟେ ।

**ଗୁଣାତୀତ ନିର୍ଦ୍ୱନ୍ଦ୍ୱ ହୈ, ପାଓ୍ୱେ ପୂରଣାନନ୍ଦ ।**

**ଅଗମ୍ୟ ଓ୍ୱେ ଗମ୍ୟେଁ ମିଲତୁ ହୈ, ହୋଓ୍ୱେ ପରମାନନ୍ଦ ॥୧୪॥**

ଭାଷ୍ୟ - ତ୍ରିଗୁଣର ଦ୍ୱନ୍ଦ୍ୱମାନଙ୍କରୁ ମୁକ୍ତ ଗୁଣାତୀତ ନିର୍ଦ୍ୱନ୍ଦ୍ୱ ଯୋଗୀ ପୂର୍ଣ୍ଣ ଆନନ୍ଦକୁ ପ୍ରାପ୍ତ କରିଥାଏ । ପ୍ରକୃତିର ବିଷୟ-ରାଗରେ ପ୍ରବାହିତ ପୂର୍ଣ୍ଣ ଆନନ୍ଦକୁ ପ୍ରାପ୍ତ କରିପାରେ ନାହିଁ । ପ୍ରାକୃତିକ ଯୋଗୀ ସର୍ବଦା ପ୍ରକୃତିର ସୁଖ ଉପଭୋଗର ଲିପ୍ସାରେ ଆତଯାତ ହୋଇ ଭବ-ବନ୍ଧନ ଦୁଃଖ ଭୋଗିଥାଏ । ସେଥିପାଇଁ ପ୍ରକୃତି ପାର ଅନୁଭବ ଗମନ କରୁଥିବା ବୀତରାଗୀ ବିହଙ୍ଗମ ଯୋଗୀ ହିଁ ଆତ୍ମାର ପବିତ୍ର ଆନନ୍ଦକୁ ପ୍ରାପ୍ତ କରି କୃତକୃତ୍ୟ ହୋଇଥାଆନ୍ତି ।

**ଜହଁ ହମ ହୈଁ ତହଁ ହରି ନହିଁ, ଜହଁ ହରି ହୈଁ ହମ ନାହିଁ ।**

**ହମ ହରି ଏକହିଁ ସାଥ ମେଁ, କବହୀଁ ରହତେ ନାହିଁ ॥୧୫॥**

ଭାଷ୍ୟ - ଯେଉଁଠି ଅଭିମାନ ବିଦ୍ୟମାନ ସେଇଠି ଅଜ୍ଞାନତା ବିରାଜମାନ । ଏପରି ସ୍ଥଳେ ଶୁଦ୍ଧ ସ୍ୱରୂପର ବିସ୍ମରଣ ହେବା ଅବଶ୍ୟମ୍ଭାବୀ । ସେଥିପାଇଁ ସେହି ଅଭିମାନ ଯୋଗୁ ପ୍ରଭୁ ଦୂରେଇ ଯାଆନ୍ତି ଆଉ ସେଠାରେ ଅବସ୍ଥାନ କରନ୍ତି ନାହିଁ । ଯେଉଁଠାରେ ହରି ଥାଆନ୍ତି, ସେଠାରେ 'ମୁଁ' ଅବା 'ମୋର' ବୋଲି କିଛି ଅଭିମାନ ରହିପାରେ ନାହିଁ । ଯେତେବେଳ ପର୍ଯ୍ୟନ୍ତ ଜୀବର ପ୍ରାକୃତିକ ଅଭିମାନ ଛାଡ଼ିବ ନାହିଁ, ସେତେବେଳ ପର୍ଯ୍ୟନ୍ତ ପ୍ରଭୁପ୍ରାପ୍ତି ହୋଇପାରିବା ନାହିଁ । ଶୁଦ୍ଧ ଏବଂ ପବିତ୍ର ଆତ୍ମାରେ ହିଁ ପରମାନନ୍ଦଙ୍କ ଆସ୍ୱାଦନ ହୋଇଥାଏ । ଅଭିମାନ ଜୀବ ପତନର କାରଣ । ଶୁଦ୍ଧ ଲୌହ ମଧ୍ୟ ପରଶମଣିର ସ୍ପର୍ଶ ଲାଭକରି ସୁବର୍ଣ୍ଣରେ ପରିଣତ ହୋଇଥାଏ । ସେହି ପ୍ରକାର ଆଧ୍ୟାତ୍ମ ପିପାସୁ ସମସ୍ତ ମୋହ ଏବଂ ଅଭିମାନକୁ ତ୍ୟାଗକରି ପ୍ରଭୁଙ୍କ ଭଜନ କରିଥାନ୍ତି । ଜୀବମୁକ୍ତିରେ 'ଅହଂ ବ୍ରହ୍ମାସ୍ମି'ର ଅଭିମାନ କରି ହିଁ ମାୟା ବନ୍ଧନରେ ପଡ଼ି ତ୍ରିତାପ ଦୁଃଖ ଭୋଗକରେ । ଦୀନ-ଅଧୀନ ହୋଇ ପ୍ରଭୁଙ୍କ ଶରଣାଗତିରୁ ପ୍ରକୃତ ସୁଖ ଶାନ୍ତି ପ୍ରାପ୍ତ ହୋଇଥାଏ, ଅଭିମାନ କରିବା ଦ୍ୱାରା ନୁହେଁ । ଅଭିମାନୀ ନିକଟରେ ସତ୍ୟାଚରଣ, ପବିତ୍ରତା ଅଥବା ଶୀର୍ଷ ସ୍ଥାନ ପ୍ରାପ୍ତି ନିମନ୍ତେ ଅଭିଳାଷା ହୋଇ ପାରେନା । ଅଭିମାନ ପତନର ଏକମାତ୍ର ସାଧନ । ଅଭିମାନୀ ହେବା ଫଳରେ ଆତ୍ମିକ ଉତ୍ଥାନ କଦାପି ହୋଇପାରେ ନାହିଁ । ନିଜ ସ୍ୱାଭାବିକ ଧର୍ମ ବିରୁଦ୍ଧ କୌଣସି ବସ୍ତୁର ଅଭିମାନ ଆଧ୍ୟାତ୍ମିକ ବିକାଶର ପତନର ହେତୁ ଅଟେ । ଯିଏ ସମସ୍ତ ଅଭିମାନ, କାମନାକୁ ତ୍ୟାଗକରି ପ୍ରଭୁଙ୍କ ଶରଣାଗତ ହୋଇ ଶୁଦ୍ଧ ରୂପରେ ପ୍ରଭୁ ଭଜନ କରିଥାଏ, ସେ ପରିପୂର୍ଣ୍ଣ ପରମାନନ୍ଦଙ୍କୁ ପ୍ରାପ୍ତକରି ମାନବ ଜୀବନକୁ ସଫଳ କରିଥାଏ ।

## ଅରଖର ଉପକାରିତା

ଅରଖ ଏକ ଗୁଳ୍ମଜାତୀୟ ଔଷଧୀୟ ଉଦ୍ଭିଦ । ତେବେ ଦେବପୂଜା ବିଶେଷକରି ଶିବଙ୍କର ପୂଜା ପାଇଁ ଏହି ଫୁଲର ଆବଶ୍ୟକତା ମଧ ପଡିଥାଏ । ଥାଇଲାଣ୍ଡରେ ଏହାର ଫୁଲକୁ ବିଭିନ୍ନ ପ୍ରକାର ସାଜସଜ୍ଜା ପାଇଁ ବ୍ୟବହାର କରାଯାଉଥିବା ବେଳେ ହାୱାଇ ଦ୍ୱୀପରେ ଏହାକୁ ରାଜକୀୟ ସନ୍ତକ ବୋଲି ବିଚାର କରାଯାଇଥାଏ । କାମ୍ବୋଡିଆରେ ଶବ ଶୋଭାଯାତ୍ରାରେ ଅରଖଫୁଲ ବ୍ୟବହାର କରାଯାଏ । ଏହି ଉଦ୍ଭିଦ ଭାରତ ସମେତ ଶ୍ରୀଲଙ୍କା, ଚୀନ, ଥାଇଲାଣ୍ଡ, ଫିଲିପାଇନ୍ସ, ଇଣ୍ଡୋନେସିଆ, ମାଲେସିଆ ଓ କାମ୍ବୋଡିଆରେ ମୁଖ୍ୟତଃ ଦେଖାଯାଏ । ଏହା ଏକ ଔଷଧୀୟ ବୃକ୍ଷ ହେଲେ ବି ଏହାର କ୍ଷୀର ବିଷାକ୍ତ ହୋଇଥିବାରୁ ଏହାର ପ୍ରୟୋଗ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଜରୁରୀ । କେତେକ ଚର୍ମରୋଗରେ ପୁଣି ଅଧକପାଳୀ ମୁଣ୍ଡବିନ୍ଧାରେ ଏହାର କ୍ଷୀରକୁ ବ୍ୟବହାର କରାଯାଇଥାଏ । ମାତ୍ର ଏହା ଯେପରି ଆଖିର ସଂସ୍ପର୍ଶରେ ନ ଆସେ । ଏହାର ଫଳରୁ ବାହାରୁଥିବା ତୁଳାରେ ତକିଆ ତିଆରି କରି ଶୋଇଲେ ଅଣ୍ଡାରୋଗ ଦୂର ହୋଇଥାଏ । ବଧିରପଣକୁ ଦୂର କରେ ।

◻ ନଖରେ ଯଦି କୌଣସି ପ୍ରକାର ସଂକ୍ରମଣ ହୋଇଥାଏ ଏବଂ ନଖ ମରିମରି ଯାଉଥାଏ ତେବେ ଅରଖର ମୂଳକୁ ପାଣିରେ ଭଲ ଭାବେ ବାଟି ତାକୁ ନଖର ଉପରେ ଲଗାନ୍ତୁ ।

◻ କୌଣସି ଦୁର୍ଘଟଣାରେ ପାଦରେ କଣ୍ଟା କିମ୍ବା ଭଙ୍ଗା କାଚ ପଶି ଯାଇଥିଲେ ଅରଖ ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ସେ ସ୍ଥାନରେ ଲଗାଇ ଦିଅନ୍ତୁ, ତାହା ପାଚି ଯାଇ ବାହାରକୁ ବାହାରି ଆସେ ।

◻ ଦେହ କୁଣ୍ଡେଇ ହେଇ ଫଳିଯାଇ ଚିହ୍ନ ରହିଯାଉଥିଲେ ଅରଖ ଚେରକୁ ନିଆଁରେ ପୋଡି ପାଉଁଶ କରନ୍ତୁ । ଏହି ପାଉଁଶରେ ସୋରିଷ ତେଲ ମିଶାଇ ଦେହରେ ମାଲିସ୍ କରନ୍ତୁ ।

◻ କାଶ ପାଇଁ ମଧ ଅରଖକୁ ବ୍ୟବହାର କରାଯାଇଥାଏ । ଦୀର୍ଘ ଦିନ ଧରି କାଶ ହେଉଥିଲେ ଅରଖର ମୂଳକୁ ଭଲ ଭାବେ ବାଟି ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଛୋଟ ବାଟୁଳାଟିଏ କରି ଦିନକୁ ଦୁଇଥର



ସକାଳେ ଏବଂ ସନ୍ଧ୍ୟାରେ ପାଣି ସହିତ ସେବନ କରନ୍ତୁ ।

◻ ଅରଖ ବୃକ୍ଷ ପରିବେଶକୁ ଶୁଦ୍ଧ ରଖିଥାଏ । ବାୟୁରେ ଥିବା ବିଷାକ୍ତ ଜୀବାଣୁକୁ ଏହା ନଷ୍ଟ କରି ଦେଇଥାଏ ।

◻ ଅରଖର କଅଁଳିଆ ପତ୍ରକୁ ମିଠା ତେଲରେ ଜଳାଇ ଅଣ୍ଡକୋଷ ଫୁଲିଥିବା ସ୍ଥାନରେ ବାନ୍ଧିଲେ ଫୁଲା କମିଥାଏ । ମାତ୍ର କଡ଼ୁ ତେଲରେ ଏହାର ପତ୍ରକୁ ଜଳାଇ ଘାଆରେ ଲଗାଇଲେ ତାହା ଭଲ ହୋଇଯାଏ ।

◻ ଏହାର ପତ୍ରକୁ ଗରମ କରି କ୍ଷତରେ ବାନ୍ଧିବା ଦ୍ୱାରା ତାହା ଖୁବ୍ ଶୀଘ୍ର ଭଲ ହୁଏ । ଅରଖର ଛାଲିକୁ ବାଟି ଘିଅରେ ଗରମ କରି କ୍ଷତ ସ୍ଥାନରେ ଲଗାଇବା ଦ୍ୱାରା ଫୁଲା ଓ ଯନ୍ତ୍ରଣା ହ୍ରାସ ପାଏ ।

◻ ଅରଖର ଚେରକୁ ଛାଇରେ ଶୁଖାଇ ତାକୁ ଗୁଣ୍ଡ କରି ନିଅନ୍ତୁ । ସେଥିରେ ଗୁଡ଼ ମିଶାଇ ଖାଇବା ଦ୍ୱାରା ଶୀତ ଜ୍ୱର ପ୍ରଶମିତ ହୋଇଥାଏ ।

◻ ଆଣ୍ଠୁଗଣ୍ଠି ବାତ ପାଇଁ ଅରଖ ଉପକାରୀ । ଦୁଇ ସେର ଅରଖ ଚେରକୁ ଚାରି ସେର ପାଣି ଦେଇ ସିଝାନ୍ତୁ । ପାଣି ମରି ମରି ଅଧା ହୋଇଗଲେ ସେଥିରେ ଦୁଇ ସେର ଗହମ ପକାଇ ଦିଅନ୍ତୁ । ଅବଶିଷ୍ଟ ପାଣି ସଂପୂର୍ଣ୍ଣ ମରିଗଲେ ସେହି ଗହମରୁ ଅଟା ପ୍ରସ୍ତୁତ କରନ୍ତୁ । ଏହି ଅଟାରୁ ଆଞ୍ଜୁଳାଏ ନେଇ ରୁଟି କରି ଗୁଡ଼ ଏବଂ ଘିଅ ସହ ପ୍ରତିଦିନ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠିର ସମସ୍ୟା ଦୂର ହୁଏ । ରୋଗ ଯେତେ ପୁରୁଣା ହେଲେ ବି ତିନି ସପ୍ତାହରେ ଏଥିରୁ ଆରାମ ମିଳିଥାଏ ।

◻ ଅରଖର ଶୁଖିଲା ଡାଳ ଖଣ୍ଡେ ନେଇ ତା'ର ଗୋଟେ ପଟେ ନିଆଁ ଲଗାଇ ଆରପଟେ ତା'ର ଧୂଆଁକୁ ଜୋରରେ ନାକରେ ଶୋଷିବା ଦ୍ୱାରା ଏହା ମୁଣ୍ଡବିନ୍ଧାରୁ ତୁରନ୍ତ ଆରାମ ଦେଇଥାଏ ।

◻ ଅରଖ ମୂଳର ଚୂର୍ଣ୍ଣକୁ ଗରମ ପାଣି ସହିତ ସେବନ କରିବା ଦ୍ୱାରା ଉପଦଂଶ ରୋଗରୁ ରକ୍ଷା ମିଳେ । ଉପଦଂଶର ଘା' ରେ ଅରଖର ଗୁଣ୍ଡ ପକାନ୍ତୁ । ଅରଖର କାଢ଼ାରେ ଘା'କୁ ଧୋଇ ଦିଅନ୍ତୁ ।

◻ ଅରଖ ମୂଳ ସହ ପିପ୍ପଳ ଛାଲିର ଭସ୍ମ ଲଗାଇବା ଦ୍ୱାରା ଫିଷ୍ଟୁଲା ଭଲ ହୋଇଯାଏ । ଅରଖରେ ଦାନ୍ତ ଘଷିବା ଦ୍ୱାରା ଦାନ୍ତରୋଗ ହୁଏ ନାହିଁ ।

◻ ଆୟୁର୍ବେଦରେ ଏହି ବୃକ୍ଷକୁ ଉପବିଷ ଶ୍ରେଣୀଭୁକ୍ତ କରାଯାଇଛି । ତେଣୁ ଏହାର ସେବନ ଅତ୍ୟଧିକ ହେବା ବିପଦପୂର୍ଣ୍ଣ । ଏହା ଝାଡ଼ା ବାନ୍ତିର କାରଣ ହୋଇପାରେ । ଉପଯୁକ୍ତ ମାତ୍ରାର ସେବନ ଉପଯୁକ୍ତ ବୈଦ୍ୟଙ୍କ ତତ୍ତ୍ୱାବଧାନରେ ହେବା ଦରକାର ।

## ଔଷଧରେ ଭରପୁର ବାହାଡ଼ା

ଗୋଟିଏ ବାହାଡ଼ାକୁ ୨ ଫାଳ କରି ଗୋଟିଏ ଫାଳକୁ କଳରେ ରଖି ଧୀରେ ଧୀରେ ଖାଇଲେ ଏହା କଫ, କାଶ, ଶ୍ୱାସ ଓ ସ୍ୱରଭଙ୍ଗ ଦୂର ହୋଇଥାଏ ।

**ମୂତ୍ରାଶୟରେ ପଥୁରୀ:** ବାହାଡ଼ା ମଞ୍ଜିକୁ ଖାର ସହ ପେଷି ପାଣି ସହିତ ମିଶାଇ ଦିନକୁ ୨ ଥର ପିଇଲେ ମୂତ୍ରାଶୟର ପଥୁରୀ ବାହାରି ଯାଇଥାଏ ।

**ନଂପୁସକତା ଦୂର :** ବାହାଡ଼ା ଚୂର୍ଣ୍ଣ ସାଙ୍ଗରେ ସମାନ ଭାବରେ ଗୁଡ଼ ମିଶାଇ ନିୟମିତ ୨/୩ ମାସ ସେବନ କଲେ ନପୁନସକତା ଦୂର ହୋଇଥାଏ ।



**କାନ ପଚା :** ବାହାଡ଼ା ଓ ବଚକୁ ୧୦ ଗ୍ରାମ୍ ରାଶି ତେଲ ଏବଂ ରାଶି ତେଲ ଏବଂ ଏକ ଗ୍ଲାସ ପାଣି ଦେଇ ଏହାକୁ ଗରମ କରନ୍ତୁ, ପାଣି ମରିଯିବା ପରେ ଏହାକୁ ଛାଣି କାନରେ ଦିନକୁ ୨ ଥର ପକାଇଲେ କାନପଚା ଭଲ ହୁଏ ।

## ଆପଣ ଜାଣନ୍ତି କି ?

- ଇଜିପ୍ଟରେ କେତେଜଣ ବଇଦ ରୋଗୀର ଦାନ୍ତ ବିନ୍ଧାରେ ମୃତ ମୂଷାଙ୍କ ପେଷ୍ଟ ଲଗାଇଥାନ୍ତି । ସେଠାରେ ବୟସ୍କ ଲୋକଙ୍କ ସହ ଯୁବପିଢ଼ୀ ମଧ ଏଭଳି ଚିକିତ୍ସା କରାଇବାରେ ଆଦୌ ଦ୍ୱିଧା ପ୍ରକାଶ କରୁ ନଥିବାର ଜଣାପଡିଛି । ଏପରି ପ୍ରକ୍ରିୟାର ଚିକିତ୍ସା ଇଂଲଣ୍ଡର କେତୋଟି ଗ୍ରାମର ହୋଇଥାଏ ।
- ଚୀନରେ ପାଣିରେ ରହୁଥିବା ସାପକୁ ଧରି ଆଣ୍ଠୁଗଣ୍ଠି ଚିକିତ୍ସା ପାଇଁ ବ୍ୟବହୃତ କରାଯାଏ । ୧୯୦୦ ବେଳକୁ ସେଠାରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ପଦ୍ଧତି ଆଜି ମଧ ଚାଲୁଛି । ସାପଗୁଡିକୁ ବ୍ୟବହୃତ କରି ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ଏହି ତେଲ ମାଲିସରେ ଜଣେ ବ୍ୟକ୍ତି ଗଣ୍ଠି ବ୍ୟଥାରୁ ମୁକ୍ତି ପାଏ ।
- ଅଷ୍ଟ୍ରେଲୀୟ ଚିକିତ୍ସକମାନେ କୁମ୍ଭୀର ମଳରୁ ଅନେକ ପ୍ରକାରର ଚିକିତ୍ସା କରିଥାନ୍ତି ।
- ଇଉରୋପର କେତୋଟି ପ୍ରାନ୍ତରେ ୧୭୦୦ ଶତାବ୍ଦୀରୁ ଏକ ଚିକିତ୍ସା ହୋଇ ଆସୁଛି । ମୃତ ବ୍ୟକ୍ତିର ଶବର ହାଡ଼କୁ ଗୁଣ୍ଡ କରି ଏକ ପାଉଡ଼ର ପ୍ରସ୍ତୁତ କରାଯାଏ । ଖଣ୍ଡିଆଖାବରା ସ୍ଥାନରେ ଏହାକୁ ଲଗାଇଲେ ଉପକାର ମିଳେ ବୋଲି ପ୍ରକାଶ । ଆଜି ମଧ ସେଠାରେ ଅଧିକାଂଶ ସ୍ଥାନରେ ଥିବା ଔଷଧ ଦୋକାନରେ ଏହି ପାଉଡ଼ର ଉପଲବ୍ଧ ।
- ସେକ୍ସପିଅରଙ୍କ କନ୍ୟା ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ।
- ସେକ୍ସପିଅର୍ ଗଞ୍ଜେଇ ସେବନ କରୁଥିଲେ ।
- ତାଙ୍କର ଜନ୍ମ ଓ ମୃତ୍ୟୁ ଗୋଟିଏ ତାରିଖରେ ହୋଇଥିଲା । ଇଂରେଜୀ ଶବ୍ଦ You ର ସଂକ୍ଷିପ୍ତ ରୂପ 'u' ପ୍ରଥମେ ସେ ବ୍ୟବହାର କରିଥିଲେ ।

## କହିପାରିବେ କି ?

୧) ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିକଟରେ କେଉଁ ବିଶ୍ୱବିଦ୍ୟାଳୟରେ ମହାକାଶ ବିଜ୍ଞାନ ଅନୁସନ୍ଧାନ ପାଇଁ କଳ୍ପନା ଚାୱଲା କେନ୍ଦ୍ର ଉଦ୍‌ଘାଟନ କରିଥିଲେ ?

(୨) ପିନ୍‌ଘାଟି ରାଷ୍ଟ୍ରୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅଛି ?

(୩) ବିଶ୍ୱ ଜୈବ ବିବିଧତା ଦିବସ କେବେ ପାଳନ କରାଯାଏ ?

(୪) ପ୍ରତିବର୍ଷ ହାତୀ ମହୋତ୍ସବ କେଉଁଠାରେ ପାଳନ କରାଯାଏ ?

(୫) ଶ୍ରୀହର୍ଷ କେଉଁ ରାଜାଙ୍କ ରାଜକବି ଥିଲେ ?

(୬) ଭାରତରେ ପ୍ରଥମେ ଲୋକସେବା ଆୟୋଗର ଆରମ୍ଭ କେବେ ହୋଇଥିଲା ?

(୭) ସୁଲତାନ୍ ଅଜଲାନ୍ ଶାହ କପର କେଉଁ ଖେଳ ସହିତ ସମ୍ପର୍କ ରହିଛି ?

(୮) Global Environment and Climate Action Citizen Award ନିକଟରେ କାହାକୁ ପ୍ରଦାନ କରାଯାଇଛି ?

(୯) 'ଜଜ୍‌ମେଣ୍ଟ' ପୁସ୍ତକର ଲେଖକ କିଏ ?

(୧୦) ବିଶ୍ୱର ପ୍ରଥମ ପୁସ୍ତକ ମୁଦ୍ରଣ କରିଥିବା ଦେଶର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) GRIEHH | = | 6) SWEASE | = |
| 2) TARCOV | = | 7) NARDG | = |
| 3) PHEDT | = | 8) NRASL | = |
| 4) PUNTI | = | 9) VTIRED | = |
| 5) GOPINE | = | 10) BSCAAU | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ତାମିଲନାଡୁ, ୨. ୨୨ ଜୁନ୍ ୧୭୫୭, ୩. ସରଳା ଗ୍ରେୱାଲ୍, ୪. କଲିକତା, ୫. ଏଡ୍‌ସ, ୬. ଶିବ ସମୁଦ୍ରମ୍, ୭. କେରଳ, ୮. ରାଜୀବ ଆହୁଜା, ୯. ଡିସେମ୍ବର ୨୫, ୧୦. ୩୨ ଦିନ ।

***Jumble Words*** **ର ଉତ୍ତର :-**

(1) CLIFF (2) KNELT (3) EMBLEM (4) SUDDEN (5) CRYPT (6) SHIFT (7) URCHIN (8) GOTTEN (9) HOMER (10) DOUBT

# ସମାଧି ସମୟାତୀତ

ଇଚ୍ଛା ରହିତ ମୃତ୍ୟୁ ଆ ଜନ୍ମ- ମୃତ୍ୟୁରଚକ୍ରରୁ ମୁକ୍ତ କରିଦିଏ । ଇଚ୍ଛା ସମାପ୍ତ ହୋଇଯିବା ହିଁ ମୋକ୍ଷ, ବନ୍ଧନରୁ ମୁକ୍ତି ଅଟେ । କୃଷ୍ଣ ଅର୍ଜୁନଙ୍କୁ ଗୀତାରେ କହିଛନ୍ତି - 'ପରମ ସିଦ୍ଧିକୁ ପ୍ରାପ୍ତ ହୋଇଥିବା ମହାତ୍ମା ଜନ ମୋତେ ପାଇବା ପରେ, ଦୁଃଖର ଯେଉଁଠି ଘର, ଏପରି କ୍ଷଣଭଙ୍ଗୁର ଜୀବନଯାପନ କରିବା ପାଇଁ ପୁଣି ଆସନ୍ତି ନାହିଁ, କାରଣ ହେ ଅର୍ଜୁନ ! ବ୍ରହ୍ମଲୋକରୁ ନେଇ ସମସ୍ତ ଲୋକ ପୁନରାବର୍ତ୍ତୀ ସ୍ୱଭାବର, କିନ୍ତୁ ହେ କୁନ୍ତୀପୁତ୍ର ! ମୋ ସହିତ ମିଶିଯିବା ପରେ ସେମାନଙ୍କର ପୁନଜନ୍ମ ହୁଏ ନାହିଁ ।

ଏଥିରେ ଗଭୀର ତତ୍ତ୍ୱଜ୍ଞାନ ଅଛି । ଏହା ଗହନତମ ତର୍କ ଅଟେ, ଅନ୍ତର୍ଦୃଷ୍ଟି ଅଟେ । ପୁନର୍ଜନ୍ମ ଦୁଃଖର ଘର । ପୁନର୍ଜନ୍ମର ପ୍ରାରମ୍ଭ ଜୀବନର ଆକାଂକ୍ଷା, ଜୀବେଷଣା ଅଟେ, ଯେହେତୁ ଏଥିରେ 'ମୁଁ ଆହୁରି ବଞ୍ଚି ଚାଲିବି'ର ଇଚ୍ଛା ଥାଏ । ଗୋଟିଏ ଇଚ୍ଛା ପୂରଣ ନ ହେଉଣୁ ତାହା ଦଶଟି ଇଚ୍ଛାକୁ ଜନ୍ମ ଦେଇଯାଏ ଏବଂ ଯେକୌଣସି ଇଚ୍ଛାକୁ ପୂରଣ କରିବା ପାଇଁ ଜୀବନ ଦରକାର, ସମୟ ଦରକାର, ଅନ୍ୟଥା ଇଚ୍ଛା ପୂରଣ ହେବ ନାହିଁ ।

ଇଚ୍ଛା ପାଇଁ ଭବିଷ୍ୟତ ଦରକାର । ଯଦି ଭବିଷ୍ୟତ ନ ରହିବ ତ ଇଚ୍ଛା କ'ଣ କରିବ । ଯଦି ମୁଁ ଏହି କ୍ଷଣି ମରିଯିବାର ଅଛି ତ ଇଚ୍ଛା କରିବା ବ୍ୟର୍ଥ ହୋଇଯିବ, କାରଣ ଇଚ୍ଛା ପାଇଁ କାଲି ହେବା, ଆଗାମୀ ଦିନ ରହିବା ଜରୁରୀ । ଆଗାମୀ ଦିନ ରହିଲେ ଇଚ୍ଛାକୁ ବିସ୍ତାର କରାଯାଇପାରେ ଓ ଏଥିପାଇଁ ଶ୍ରମ କରାଯାଇ ପାରେ । ଇଚ୍ଛା ପୂରଣ ହେବା ପାଇଁ ସମୟ ଆବଶ୍ୟକ ।

ସମୟ ବିନା ଇଚ୍ଛା ପୂରଣ ହୁଏ ନାହିଁ । ଏଥିପାଇଁ ସମୟ ଦରକାର ଏବଂ ଯଦି ପ୍ରତ୍ୟେକ ଇଚ୍ଛା ଦଶଟି ଇଚ୍ଛାକୁ ଜନ୍ମ ଦିଏ ତ ପ୍ରତ୍ୟେକ ଇଚ୍ଛା ପରେ ଦଶ ଗୁଣ ସମୟ ଦରକାର । ପ୍ରତ୍ୟେକ ଜୀବନ ପରେ ଆମେ ଆହୁରି ଦଶଟି ନୂଆ ଇଚ୍ଛା ଉତ୍ପନ୍ନ କରିନେଉ ।

ମଜାକଥା ହେଲା ପୂରା ଜୀବନ ଆମେ ଇଚ୍ଛାଗୁଡ଼ିକୁ ପୂରଣ କରିବାର ଚେଷ୍ଟା କରିଥାଉ ଏବଂ ଶେଷରେ ଆମେ ଜାଣିପାରୁ ଯେ କୌଣସି ଇଚ୍ଛା ପୂରଣ ହୋଇ ନାହିଁ, ମୃତ୍ୟୁ ସମୟରେ ଆମେ ଆହୁରି ଇଚ୍ଛାକୁ ଜୀବନ୍ତ କରିନେଉ । ସେତେବେଳେ ମରିବା ସମୟରେ ଆଉ ଏକ ଜନ୍ମର ଆକାଂକ୍ଷା ଜାତ ହୁଏ, କାରଣ ଇଚ୍ଛା ଥିଲେ ଆଉ ଏକ ଜୀବନ ଦରକାର ଏବଂ ଜୀବନକୁ ପାଇବାର ଇଚ୍ଛା ପୁନର୍ଜନ୍ମ ହୋଇଯାଏ ।

ଭଗବାନ କୃଷ୍ଣ କହିଛନ୍ତି - ପୁନର୍ଜନ୍ମ ଦୁଃଖର ଘର । ପୁନର୍ଜନ୍ମ ହୋଇଥାଏ ଜୀବନର ଆକାଂକ୍ଷାରୁ, ଜୀବନର ଆକାଂକ୍ଷା ହୋଇଥାଏ ଇଚ୍ଛାକୁ ତୃପ୍ତ କରିବା ପାଇଁ ସମୟ ଚାହିଁବାରୁ । ପୁନର୍ଜନ୍ମର ସୂତ୍ର ବା ଦୁଃଖର ଆଧାର ଇଚ୍ଛା ଅଟେ, ତୃଷ୍ଣା ଅଟେ । ଯଦି ଆମର କୌଣସି ଇଚ୍ଛା ନାହିଁ ତ ଆମେ କହିବା ଯେ ଆଗାମୀ କାଲି ମୋତେ ଏବେ ଆଉ ଦରକାର ନାହିଁ ।

ଯୀଶୁଙ୍କୁ କେହି ଜଣେ ପଚାରିଲା - 'ଆପଣଙ୍କ ମୋକ୍ଷରେ ସବୁଠାରୁ ବିଶେଷ କଥା କ'ଣ ହେବ ? ବୋଧହୁଏ ପଚାରିବା ଲୋକ ଭାବିଥିବ ଯେ ଯୀଶୁ କହିବେ- ପ୍ରଭୁଙ୍କ ଦର୍ଶନ ହେବ, ପରମ ଆନନ୍ଦ ହେବ, ଶାନ୍ତି ମିଳିବ, କିନ୍ତୁ ସେ - କହିଲେ - 'ସେଠାରେ ସମୟ ହେବ ନାହିଁ । ସମୟ ହେବ ନାହିଁ, ଏହାର ଅର୍ଥ ସେଠାରେ କୌଣସି ଇଚ୍ଛା ନାହିଁ, ଯେଉଁଥି ପାଇଁ ସମୟର ଆବଶ୍ୟକତା ପଡ଼ିବ ଇଚ୍ଛା ହେବ ନାହିଁ, ସମୟ ହେବ ନାହିଁ ତ ସେଠାରେ ପୁନର୍ଜନ୍ମ ହେବ ନାହିଁ ସେଠାରେ କାଲି ହେବ ହିଁ ନାହିଁ । ସେଠାରେ କେବଳ ଆଜି ହିଁ ହେବ । ବୋଧହୁଏ ଆଜି କହିବା ମଧ ଠିକ୍ ନୁହେଁ, ଏବେ ହିଁ ହେବ । ଏହି କ୍ଷଣି ହେବ ଓ ଏହି କ୍ଷଣ ଅନନ୍ତ ହେବ । ଏହି କ୍ଷଣ କେଉଁଠି ସମାପ୍ତ ହେବ ନାହିଁ ଏବଂ କେବେ ପ୍ରାରମ୍ଭ ହେବ ନାହିଁ । ସେଠାରେ ସମୟ ହେବ ନାହିଁ ।

ସମୟର ଆବଶ୍ୟକତା ଏଥିପାଇଁ ଅଛି, କାରଣ ଇଚ୍ଛାର ଦୌଡ଼ ପାଇଁ ସ୍ଥାନ ଦରକାର । ଇଚ୍ଛା ସମୟରେ ଦୌଡ଼ିଥାଏ, ଇଚ୍ଛା ସ୍ଥାନରେ ଦୌଡ଼େ ନାହିଁ । ଆମ ଶରୀର ଦୌଡ଼ିବାକୁ ହେଲେ ସ୍ଥାନ ଦରକାର ପଡ଼ିବ, କିନ୍ତୁ ଆମର ମନକୁ ଦୌଡ଼ାଇବାକୁ ହେଲେ ସ୍ଥାନର କୌଣସି ଆବଶ୍ୟକତା ନାହିଁ, ସମୟ ଯଥେଷ୍ଟ । ସେଥିପାଇଁ ଆମେ ସ୍ୱପ୍ନରେ ବି ଦୌଡ଼ି ପାରିବା । ସ୍ୱପ୍ନରେ କୌଣସି ସ୍ଥାନ ନ ଥାଏ, କିନ୍ତୁ ସମୟ ଥାଏ, କାଳ ଥାଏ । ଆରାମ ଚୌକି ଉପରେ ବସି ରହି ଆଖି ବନ୍ଦ କରି ମଧ ଆମେ ଅନନ୍ତ-ଅନନ୍ତ ଯାତ୍ରା କରି ପାରିବା । ସେହି ଯାତ୍ରା ଇଚ୍ଛାଗୁଡ଼ିକର ଯାତ୍ରା ଅଟେ ଓ ସମୟରେ ଘଟିତ ହୋଇଥାଏ ।

ଭଗବାନ ମହାବୀରଙ୍କୁ କେହି ଜଣେ ପଚାରିଲା 'ଯେବେ ସମାଧି ଉପଲବ୍ଧ ହୋଇଯାଏ ତ ଆମ ଭିତରୁ କେଉଁ ଜିନିଷ ବାହାରି ଯାଏ । ସେ କହିଲେ - 'ସମୟ ।' ସେତେବେଳେ ସମୟ ଆମ ଭିତରୁ ବାହାରି ଯାଏ, କାରଣ ଯେଉଁ ବ୍ୟକ୍ତି ମଧରେ ସମାଧି ଫଳିତ ହୋଇଥାଏ, ତା' ଭିତରେ ଇଚ୍ଛାର ଦୌଡ଼ ରହିଯାଏ ନାହିଁ ଏବଂ ସେହି ଦୌଡ଼ର ଯେଉଁ ମାର୍ଗ ଅଛି, ତାହା ବ୍ୟର୍ଥ ହୋଇଯାଏ, ତାହା ବାହାରି ଯାଏ ।

ସେଥିପାଇଁ କୌଣସି ଦେଶରେ, କୌଣସି କାଳରେ, କୌଣସି ମହାନ୍ ବ୍ୟକ୍ତି ଯଦି ସମାଧିର ପରିଭାଷା କରିଥିବେ, ସେଥିରେ ଅଲଗା କଥା ଧ୍ରୁବ, କିନ୍ତୁ ଗୋଟିଏ କଥା ଅନିବାର୍ଯ୍ୟ ରୂପେ ସମାନ ଏବଂ ତାହା ହେଉଛି ସମାଧି ସମୟାତୀତ, କାଳାତୀତ । ତାହାକୁ ପାଇବା ପାଇଁ ନିଜର ପ୍ରୟାସରେ ତୀବ୍ରତା ଆଣ । ସମଗ୍ରତା ଆଣ । ଯଦି ଇଚ୍ଛା କରିଛ ତ ଇଚ୍ଛାର ସ୍ୱାଦକୁ ଆହୁରି ତୀବ୍ର କର । ଯଦି ସେ ଦିଗରେ ବଢ଼ିଯାଇଛ ତେବେ ତିକ୍ତ ସ୍ୱାଦ ପ୍ରତି ଭୟ କର ନାହିଁ ।

ଉନ୍ମାଦର ପରିପକ୍ୱତା ପାଇଁ ପାଗଳାମି ପୂର୍ଣ୍ଣ ହେବା ଉଚିତ । କଞ୍ଚା ଇଚ୍ଛାରେ କାମ ଚଳିବ ନାହିଁ, ଇଚ୍ଛା ପକ୍କା ହେବା ଦରକାର । ଭଲା ଏମିତି ଧୀରେ ଧୀରେ କ'ଣ ଚାଲିବା ? ଗୋଟିଏ ପାଦ ଏପଟ ତ ଗୋଟିଏ ପାଦ ସେପଟ । ସମୟର ନୃତ୍ୟକୁ ଆହୁରି ତୀବ୍ର କର । ଏବେ ସମୟ ବେଶୀ ନାହିଁ, ଭୁଲ କର ନାହିଁ – ଶୀଘ୍ର କର ଓ ତୀବ୍ରତା ଆଣ । ସାଧନା ପୂର୍ଣ୍ଣ ବେଗରେ ହେବା ଉଚିତ ଶହେ ଡିଗ୍ରୀରେ ପାଣି ଫୁଟିଲେ ହିଁ ବାଷ୍ପ ହୋଇପାରେ ସାଧନା ମଧ ଯେବେ ଶହେ ପ୍ରତିଶତ ହୋଇଥାଏ ତ ଅହଂକାର ବିଲୀନ ହୋଇଯାଏ । ସମ୍ପୂର୍ଣ୍ଣତାରେ ପହଞ୍ଚିବାକୁ ହିଁ ହେବ । ଏହା ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ । ଏହି ମାର୍ଗରେ ସମସ୍ତ ଶଙ୍କାର ସମାଧାନ ରହିଛି ।

# ଧ୍ୟାନ କରିବା...

(ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ଏହିପରି ନିରନ୍ତର ଓ ବରାବର ଧ୍ୟାନର ଅଭ୍ୟାସ କରି କରି ଧ୍ୟାତାର, ସାଧକର ପ୍ରତିକ୍ଷଣ ଧ୍ୟାନମୟ ହୋଇଯାଏ, ଆନନ୍ଦମୟ ହୋଇଯାଏ । ସେ ନିଜ କର୍ତ୍ତବ୍ୟ ପଥରେ ଚାଲିଥାଏ, ତେଣିକି ସେ ବ୍ୟବସାୟୀ ହେଉ, ଚିକିତ୍ସକ ହେଉ, କୃଷକ ହେଉ, ଅଭିଯନ୍ତା ହେଉ, ବିଦ୍ୟାର୍ଥୀ ହେଉ କି ଶିକ୍ଷକ ହେଉ, ତାକୁ ନିଜର କାର୍ଯ୍ୟ କରିବା ସହିତ ଅନୁଭବ ହୋଇଥାଏ ଯେ ଏହି କାର୍ଯ୍ୟ ମୁଁ କରୁ ନାହିଁ, ମୁଁ ଶରୀର ଠାରୁ ଅଲଗା । ମୁଁ ତ କେବଳ ଦ୍ରଷ୍ଟା, ସାକ୍ଷୀ ମାତ୍ର । ଏହି ପରି ତା' ମନରେ କର୍ତ୍ତାପଣର ଅଭାବ ହୋଇଯାଏ । ତାକୁ ପ୍ରତି ମୁହୂର୍ତ୍ତରେ ନିଜ ଆତ୍ମାରେ ପରମାତ୍ମାଙ୍କ ଅନୁଭୂତି ହେବାରେ ଲାଗେ । ତାକୁ ପ୍ରତି ମୁହୂର୍ତ୍ତରେ ଏକ ଅପୂର୍ବ ଆନନ୍ଦର ଅନୁଭବ ହେବାରେ ଲାଗେ । ସେ ସ୍ୱୟଂକୁ ପରମାତ୍ମାଙ୍କର ଯନ୍ତ୍ର ମାତ୍ର ମାନି, ନିଜ କର୍ତ୍ତବ୍ୟ କର୍ମ କରିଯାଏ । ସେତେବେଳେ ସେ କର୍ତ୍ତବ୍ୟ କର୍ମରେ ଲିପ୍ତ ତ ରହିଥାଏ, କିନ୍ତୁ ଆସକ୍ତ ହୋଇ ନ ଥାଏ । ସେତେବେଳେ ତା'ର କର୍ମ ନିଷ୍କାମ କର୍ମରେ ବଦଳିଯାଏ ।

ଏଭଳି ସ୍ଥିତିରେ ସାଧକ କେବଳ ସୁଖାସନ ବା ପଦ୍ମାସନରେ ବସିବା ବେଳେ ନୁହେଁ, ବରଂ ଖେଳିବା, ଶୋଇବା, ହସିବା, କହିବା, ଚାଲିବା, ଦୌଡ଼ିବା ସମୟରେ ମଧ ଧ୍ୟାନରେ ହିଁ ରହିଥାଏ । ଏବେ ତାକୁ ଆଉ ଧ୍ୟାନ କରିବା ପାଇଁ ପ୍ରଯତ୍ନ କରିବାକୁ ପଡ଼େ ନାହିଁ, ବରଂ ଧ୍ୟାନାବସ୍ଥାରୁ ବାହାରିବା ପାଇଁ ପ୍ରଯତ୍ନ କରିବା ଆବଶ୍ୟକ ହୋଇଥାଏ ।

ପ୍ରକୃତରେ ଏହି ଅବସ୍ଥା ହିଁ ବାସ୍ତବିକ ଧ୍ୟାନର ଅବସ୍ଥା । ତାକୁ ମନେହୁଏ ଯେମିତି ଭଗବାନ ପ୍ରତିକ୍ଷଣ ତା' ସହିତ ଅଛନ୍ତି । ସେ ଚାଲିଲେ ଭଗବାନ ବି ତା' ସହିତ ଚାଲନ୍ତି । ସେ ଖାଇଲେ ଭଗବାନ ବି ତା' ସହିତ ଖାଆନ୍ତି । ସେ ହସିଲେ ଭଗବାନ ବି ତା' ସହିତ ହସନ୍ତି । ସେ କୌଣସି କାର୍ଯ୍ୟ କରିବା ବେଳେ ଭଗବାନ ବି ତା' ସହିତ ଥାଆନ୍ତି । ବାସ୍ତବରେ ଏହା ହେଉଛି ଧ୍ୟାନର ବାସ୍ତବିକ ସ୍ଥିତି, ଯାହାକୁ ଆମେ ମଧ ପ୍ରାପ୍ତ ହେବାକୁ ଚାହିଁଥାଉ ଏବଂ ଏଥି ନିମନ୍ତେ ସତତ ଅଭ୍ୟାସର ଆବଶ୍ୟକତା ରହିଛି ।

# ନର ଓ ନାରୀ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସୁଯୋଗ ନ ମିଳିଲେ ତ ଯେକେହି ଜେଲରେ ବନ୍ଦ କଏଦୀମାନଙ୍କ ପରି ଦୁରବସ୍ଥାରେ ପଡ଼ିଥିବାର ଦେଖାଯାଇ ପାରେ, କିନ୍ତୁ ଯଦି ତାକୁ ସ୍ୱତନ୍ତ୍ର ରୂପେ ଚାଲିବା ଓ ପ୍ରତିଭା ବିକାଶ କରିବାର ସୁଯୋଗ ମିଳେ, ସମାନ ଅବସର ମିଳେ, ତ ନାରୀ ମଧ ପ୍ରତ୍ୟେକ ଦୃଷ୍ଟିରୁ ସମର୍ଥ ହୋଇ ପାରିବ । ସଶକ୍ତ ହୋଇ ପାରିବ । ମଧ୍ୟଯୁଗରେ ନାରୀକୁ କେବଳ ଘରର ସଂକୀର୍ଣ୍ଣ ସୀମା ମଧରେ ଆବଦ୍ଧ କରି ଦିଆଗଲା । ତଥାକଥିତ ଆଦର୍ଶ ନାମରେ ତା'ର ସ୍ୱାଧୀନତା ଛଡ଼ାଇ ନିଆଗଲା । ମଧ୍ୟଯୁଗ ପରେ ମଧ ଶତାବ୍ଦୀ ଶତାବ୍ଦୀ ଧରି ନାରୀକୁ ବହୁତ ସାମାଜିକ କୁରୀତି ମୂଢ଼ମାନ୍ୟତା ଓ ପାଖଣ୍ଡ ଗୁଡ଼ିକର ସାମନା କରିବାକୁ ପଡ଼ିଛି ।

ପୁତ୍ର ହିଁ ପିତାର ବଂଶକୁ ଆଗକୁ ବଢ଼ାଉଥିବା ଅସଲ ଉତ୍ତରାଧିକାରୀ ଅଟେ, ପୁତ୍ର ଦ୍ୱାରା ମୁଖାଗ୍ନି ଦେବା ଫଳରେ ପିତାକୁ ମୁକ୍ତି ମିଳିଥାଏ, କନ୍ୟା ପରର ସଂପତ୍ତି ଆଦି ଶାସ୍ତ୍ରବିରୋଧୀ ମୂଢ଼ମାନ୍ୟତା ଗୁଡ଼ିକ ନାରୀମାନଙ୍କର ସ୍ୱାଧୀନତାକୁ କେବଳ ହରଣ କଲା ନାହିଁ, ବରଂ ସେମାନଙ୍କୁ ନିଜର କ୍ଷମତା, ପ୍ରତିଭା ବିକଶିତ କରିବାର ଅବସରରୁ ମଧ ବଞ୍ଚିତ କଲା । ବିଭିନ୍ନ ସମୟରେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ଓ ବିବେକାନନ୍ଦ ଓ ମହର୍ଷି ଅରବିନ୍ଦ । ଭଳି ଅସଂଖ୍ୟ ମହାନ୍ ବିଚାରକ ଏବଂ ସମାଜ ସୁଧାରକ ନାରୀମାନଙ୍କ ବିଷୟରେ ପ୍ରଚଳିତ ମୂଢ଼ମାନ୍ୟତା, କୁରୀତି ଓ ପାଖଣ୍ଡ ଦ୍ୱାରା ନାରୀକୁ ହେଉଥିବା ହାନିର ଅନୁଭବ କଲେ ଆଉ ନିଜର ଲେଖା, ବ୍ୟାଖ୍ୟାନ, ସାମାଜିକ-ସାଂସ୍କୃତିକ ଆନ୍ଦୋଳନ ଓ ନାରୀ ଜାଗୃତି, ନାରୀ ଜାଗରଣ, ନାରୀ ସଶକ୍ତିକରଣ ପାଇଁ ଚଲାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଅମୂଲ୍ୟ ଯୋଗଦାନ ଦେଲେ । ଫଳରେ ନାରୀମାନଙ୍କ ମଧରେ ଜାଗୃତି ଆସିବାରେ ଲାଗିଲା ଏବଂ ନାରୀମାନେ ନିଜର ମେଧା, ପ୍ରତିଭା ଓ ପୁରୁଷାର୍ଥ ବଳରେ ସମାଜରେ ଉଚ୍ଚ ସ୍ଥାନ ପ୍ରାପ୍ତ କଲେ ଏବଂ ମାନବ ସମାଜର ମାର୍ଗଦର୍ଶନ ଓ ପ୍ରଗତିରେ ପ୍ରଶଂସନୀୟ କାର୍ଯ୍ୟ କରି ଚାଲିଲେ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଜି ମଧ ଲୈଙ୍ଗିକ ଭେଦଭାବ, ପୁଅ-ଝିଅ ମଧରେ ପ୍ରଭେଦ, ବୋହୂ-ଝିଅ ମଧରେ ତଫାତ, ଘରୋଇ ହିଂସା, କାର୍ଯ୍ୟକ୍ଷେତ୍ରରେ ହେଉଥିବା ଅପରାଧ, ଯୌନ ଶୋଷଣ, ଅସୁରକ୍ଷା, ଅଶିକ୍ଷା, ବାଲ୍ୟବିବାହ, ଯୌତୁକ ପ୍ରଥା, କନ୍ୟା ଭୃଣ ହତ୍ୟା ଭଳି ମାନ୍ୟତା ପରିବାର ଓ ସମାଜରେ ବ୍ୟାପ୍ତ ଅଛି । ଏଗୁଡ଼ିକୁ ପରିବାର, ସମାଜ ଓ ରାଷ୍ଟ୍ରର ବ୍ୟାପକ ହିତ ଦୃଷ୍ଟିରୁ ଯଥା ଶୀଘ୍ର ଦୂର କରିବା ଏକାନ୍ତ ଆବଶ୍ୟକ ।

ନାରୀ ସଶକ୍ତିକରଣ ଉପରେ ସ୍ୱାମୀ ବିବେକାନନ୍ଦ ଠିକ୍ କହିଛନ୍ତି ଯେ ମାତୃଭୂମି ଏବଂ ନାରୀ ଜାତି ପ୍ରତି କର୍ତ୍ତବ୍ୟ ଭାବ, ସମ୍ମାନ ଭାବ ଏବଂ ନାରୀ ଜାତି ସ୍ୱୟଂ ଜାଗରୂକ ହେବା ଦ୍ୱାରା ହିଁ ଆମ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ । ଯେଉଁ ଦେଶରେ, ଯେଉଁ ଜାତିରେ ମହିଳାମାନଙ୍କୁ ସମ୍ମାନ କରାଯାଏ ନାହିଁ, ସେମାନଙ୍କ ଶକ୍ତି, ସାମର୍ଥ୍ୟ ଓ ପ୍ରତିଭାକୁ ବିକଶିତ କରିବାର ପ୍ରୟାସ-ପୁରୁଷାର୍ଥ କରାଯାଏ ନାହିଁ ଓ ସୁଯୋଗ ଦିଆଯାଏ ନାହିଁ ସେହି ଦେଶ, ସେହି ଜାତି କେବେ ବଡ଼ ହୋଇ ପାରିବ ନାହିଁ, ବିକଶିତ ହୋଇ ପାରିବ ନାହିଁ । ମହାତ୍ମା ଗାନ୍ଧୀ ମଧ ମହିଳାମାନଙ୍କ ବିଷୟରେ ସକାରାତ୍ମକ ଦୃଷ୍ଟିକୋଣ ରଖୁଥିଲେ ସେ ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ଅଧିକ ସୁଦୃଢ଼ ଓ ସହୃଦୟ ମାନୁଥିଲେ । ସେ ନାରୀକୁ ଅବଳା ବୋଲି କହିବା ବିରୁଦ୍ଧରେ ଥିଲେ । ତାଙ୍କର ସ୍ପଷ୍ଟ ଧାରଣା ଥିଲା ଯେ ମହିଳାମାନଙ୍କୁ ଅବଳା କହିବା ଅର୍ଥ ସେମାନଙ୍କ ଆନ୍ତରିକ ଶକ୍ତିକୁ ଦୁର କରିବା ସଙ୍ଗେ ସମାନ । ଆମେ ଯଦି ଇତିହାସ ଉପରେ ଦୃଷ୍ଟି ପକାଇବା ତ ସେମାନଙ୍କ ବୀରତାର ଅନେକ ଉଦାହରଣ ମିଳିବ ମହିଳାମାନେ ନିଜର ଶକ୍ତି, ସାମର୍ଥ୍ୟ, ପ୍ରତିଭା-ପୁରୁଷାର୍ଥ ଓ ଆଧାତ୍ମିକ ଅନୁଭୂତି ବଳରେ ଦେଶର ରୂପ ବଦଳାଇ ପାରନ୍ତି । ସମାଜକୁ ଅପଙ୍ଗତାର ସ୍ଥିତିରୁ ରକ୍ଷା କରିବା ହେତୁ ନାରୀ ଜାଗରଣ, ନାରୀ ସଶକ୍ତିକରଣ ଆବଶ୍ୟକ ।

## ଦୁର୍ଘଟଣା ପ୍ରବଣ ଅଇଁଠାପାଲିର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ନିର୍ଦ୍ଦେଶ

ସମ୍ବଲପୁର : ସମ୍ବଲପୁରର ମୁଖ୍ୟ ପ୍ରବେଶ ଦ୍ୱାର ଅଇଁଠାପାଲିର ତିନୋଟି ମୁଖ୍ୟ ପ୍ରବେଶ ଦ୍ୱାର ଏକ ଦୁର୍ଘଟଣା ପ୍ରବଣ ଏହାର ସ୍ଥାୟୀ ସମାଧାନ ପାଇଁ ଜାତୀୟ ରାଜପଥର ମୁଖ୍ୟ ପ୍ରବନ୍ଧକ ଓ ମୁଖ୍ୟ ଯନ୍ତ୍ରୀଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମ୍ବଲପୁରର ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ୫୩ ନମ୍ବର ଜାତୀୟ ରାଜପଥ ଓ ୧୦ ନମ୍ବର ରାଜ୍ୟ ରାଜପଥ ସଂଯୋଗ ସ୍ଥଳୀ ସହୀଦ ବିର୍ସାମୁଣ୍ଡା ଛକ ଓ ଅନ୍ୟ ଦୁଇ ଛକ ଏପରି ଡିଜାଇନରେ ହୋଇଛି ଯେ ଗୁରୁତର ଦୁର୍ଘଟଣା ଓ ମୃତ୍ୟୁ ହେବା ସ୍ୱାଭାବିକ । ପ୍ରାୟ ପ୍ରତ୍ୟହ ହଜାରରୁ ଉର୍ଦ୍ଧ ବହୁ ଚକ ବିଶିଷ୍ଟ ଟ୍ରକ ଗାଡି ଏହି ରାସ୍ତାରେ ଯାତାୟାତ କରୁଛି । ପ୍ରାୟ ପ୍ରତ୍ୟହ ଏକ ହଜାର ଲୋକ ବିବାହ ମଣ୍ଡପ ଓ ସମ୍ବଲପୁର ସିଟି ଷ୍ଟେସନକୁ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି । ତା ବାହାରେ ପ୍ରାୟ ପାଞ୍ଚ ହଜାର ସାଧାରଣ ଲୋକ, ଚାଷୀ, ସ୍କୁଲ ଛାତ୍ର ମଧ ଯିବା ଆସିବା କରନ୍ତି ।

ପ୍ରସ୍ତାବିତ ଆକାଶ ମାର୍ଗ ରାସ୍ତା ଆଧୁନିକ କୌଶଳରେ ନିର୍ମିତ କରାଗଲେ ଏବଂ ନୂତନ ବସଷ୍ଟାଣ୍ଡରୁ ଆରମ୍ଭ ହୋଇ ରାଜପଥ ୧୦ ରେ ଅମ୍ବିରା ନଗର ପର୍ଯ୍ୟନ୍ତ ଓ ୫୩ ରାଜପଥରେ ଅନଗୁଳିଆ ପଡା ପର୍ଯ୍ୟନ୍ତ ଏକ ପିଲ୍ଲାର ବିଶିଷ୍ଟ ଆକାଶ ମାର୍ଗ ପ୍ରସ୍ତୁତ ନିର୍ମାଣ ହେଲେ ସ୍ଥାୟୀ ସମାଧାନ ହେବ ଓ ଅନେକ ଧନ ଜୀବନ ରକ୍ଷା କରାଯାଇ ପାରିବ । ଅଧିକନ୍ତୁ ସମ୍ବଲପୁରର ମୁଖ୍ୟ ପ୍ରବେଶ ଦ୍ୱାର ମଧ ଆକର୍ଷଣୀୟ ଓ ସୁନ୍ଦର ହେବ ବୋଲି ଶ୍ରୀ ହୋତା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପତ୍ରରେ ଦର୍ଶାଇଥିଲେ ।

## ପଞ୍ଚାୟତ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସର କମିଟି ଗଠନ

ସମ୍ବଲପୁର : ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରଚାର କାର୍ଯ୍ୟକ୍ରମକୁ ବ୍ୟାପକ ଏବଂ ଅଧିକ ଗତିଶୀଳ କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ପ୍ରଚାର କମିଟି ଗଠନ କରାଯାଇଛି । କମିଟିର ଅଧକ୍ଷ ଭାବେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ ରହିଥିବା ବେଳେ ଉପସଭାପତି ନିରଞ୍ଜନ ତ୍ରିପାଠୀ ଅବାହକ ଦାୟିତ୍ୱରେ ରହିଛନ୍ତି । ଏହା ବ୍ୟତୀତ କମିଟିରେ ଆଉ ୨୧ ଜଣ ସଦସ୍ୟ ରହିଛନ୍ତି । ଏଥିସହ ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନ ପାଇଁ ମଧ କମିଟି କରାଯାଇଛି । ଉଭୟ ଜୋନ୍ କମିଟି ଏବଂ ଜିଲ୍ଲା ସ୍ତରୀୟ କମିଟି ମଧରେ ସମନ୍ୱୟ ରକ୍ଷା କରି ପ୍ରଚାର କାର୍ଯ୍ୟକୁ ଅଧିକ ଶୃଙ୍ଖଳିତ କରାଯିବ ବୋଲି ଶ୍ରୀ ଗୁରୁ ସୂଚନା ଦେଇଛନ୍ତି ।

## ବାଗଡିହିରେ ତିନି ଏକ୍ସପ୍ରେସ୍ ରହଣି ଦାବି

ଝାରସୁଗୁଡ଼ା: କିର୍ମିରା ବ୍ଲକ ବିଜେପି ପକ୍ଷରୁ ବାଗଡିହି ରେଳ ଷ୍ଟେସନରେ କରୋନା ଲକ୍‌ଡାଉନ ସମୟରେ ଅନେକ ଏକ୍ସପ୍ରେସ୍ ରହଣି ବାତିଲ କରିଦିଆଯାଇଥିବା ବେଳେ ପୁନଃ ଏହି ଷ୍ଟେସନରେ ଟ୍ରେନ୍ ଗୁଡ଼ିକର ରହଣି ଦାବି କରିଛି । ଏ ନେଇ ଚକ୍ରଧରପୁର ଡିଭିଜନ ଡିଆରଏମଙ୍କ ସହ ଟ୍ରେନ୍ ରହଣି ନେଇ ଆଲୋଚନା କରିବା ସହ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ବିଜେପି କିର୍ମିରା ମଣ୍ଡଳ ବ୍ଲକ ସଭାପତି ବିଜୟ ଶର୍ମା, କୋଷାଧକ୍ଷ ନିର୍ମଳ ବଧାନ, ଜିଲ୍ଲା ଉପସଭାପତି ନଓ୍ୱଲ ଅଗ୍ରୱାଲ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଇସ୍ପାତ ଏକ୍ସପ୍ରେସ୍, ସମଲେଶ୍ୱରୀ ଏକ୍ସପ୍ରେସ୍ ଏବଂ ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି ଦାବି କରାଯାଇଛି ।

## ସମ୍ବଲପୁରରେ ପୁଣି ଗୋ-ହତ୍ୟାକାରୀ ସକ୍ରିୟ

ସମ୍ବଲପୁର : ଧନୁପାଲି ପୋଲିସ ଭିନ୍ନ ଭିନ୍ନ ୩ଟି ସ୍ଥାନରୁ ୬୮ କି.ଗ୍ରା ଓଜନର ଗୋ-ମାଂସ ଜବତ କରିଥିବା ବେଳେ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ମାଂସ ତଉଲିବା ପାଇଁ ରହିଥିବା ଓଜନ ମେସିନ୍, ଫ୍ରିଜର ଓ ମାଂସ କଟା ଚାପଟ ଜବତ କରିଛି । ଏସଂକ୍ରାନ୍ତରେ ଧନୁପାଲି ପୁଲିସ୍ ୩ଟି ଭିନ୍ନ ଭିନ୍ନ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।



ସୂଚନା ଅନୁସାରେ, ସୁନାପାଲି ଅଞ୍ଚଳରେ ବ୍ୟାପକ ଗୋରୁ-ହତ୍ୟା କରାଯାଉଥିବା ନେଇ ପୁଲିସ୍‌କୁ ସୂଚନା ମିଳିଥିଲା । ଏହି ଘଟଣାରେ ଧନୁପାଲି ପୁଲିସ୍‌ର ୩ଟି ଟିମ୍ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ମୋତିଝରନ୍‌ରେ ପୁଲିସ୍ ଚଢ଼ଉ କରି ସେହି ଅଞ୍ଚଳର ସରିଫ୍ ଖାନ୍ ଓରଫ କନି (୩୦)କୁ ଗିରଫ କରିଥିବା ବେଳେ ତା' ନିକଟରୁ ହତ୍ୟା ଉଦ୍ଦେଶ୍ୟରେ ରଖାଯାଇଥିବା ୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ ପୁଲିସ୍ ୧୫କିଗ୍ରା ମୋ-ମାଂସ ଜବତ କରିଥିବା ବେଳେ ଗୋଟିଏ ଚାପଟ, ଗୋ-ହତ୍ୟା ପାଇଁ ଥିବା କାଠ ଜବତ କରାଯାଇଥିଲା । ଦ୍ୱିତୀୟ ଘଟଣାରେ ପୁଲିସ୍ ସୁନାପାଲିରେ ଚଢ଼ଉ କରି ଏମଡି ଅରବାଜ୍ ଓରଫ ବାଦ୍‌ଶାହ(୨୧) ଓ କମଲାପଡ଼ାର ଅଖିଲ କୁମାର(୪୫)କୁ ଗିରଫ କରିଥିଲା । ଘଟଣାସ୍ଥଳରୁ ପୁଲିସ୍ ହତ୍ୟା ଉଦ୍ଦେଶ୍ୟରେ ରଖାଯାଇଥିବା ୧୧ଟି ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ୩୮ କିଲୋଗ୍ରାମ ଓଜନର ଗୋ-ମାଂସ, ୨ଟି ଲୁହା ଚାପଟ ଓ ୨ଟି କାଠ ଗଣ୍ଡି ଜବତ କରିଥିଲା । ତୃତୀୟ ଘଟଣାରେ ପୁଲିସ୍ ସୁନାପାଲିର ଏମ୍‌ଡି ମୌସିନ୍ ଓରଫ ବାବୁ(୨୪) ଓ ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କର ନୂଆଖାଉ ଝରିଆ(୫୫)କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲା । ଅଭିଯୁକ୍ତଙ୍କ ନିକଟରୁ ପୁଲିସ୍ ୧୬ଟି ଗାଈ ଉଦ୍ଧାର କରିଥିବା ବେଳେ ୧୫ କିଲୋ ଗୋ-ମାଂସ, ଗୋଟିଏ ଲୁହା ଚାପଟ, ଗୋଟିଏ ଫ୍ରିଜର, ଗୋଟିଏ ଓଜନ ମେସିନ୍ ଜବତ କରିଥିଲା । ଅଭିଯୁକ୍ତ ସରିଫ୍ ଓ ମୌସିନ୍ ବିରୋଧରେ ପୂର୍ବରୁ ମଧ ଧନୁପାଲି ଥାନାରେ ମାମଲା ରହିଥିବା ନେଇ ପୁଲିସ୍ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରିଛି ।

## ଭଗବତ୍ ମତବାଦ

ଗୋପୀନାଥ ଷଡ଼ଙ୍ଗୀ

ଭାରତୀୟ ସଂସ୍କୃତିରେ ଚାରୋଟି ଭଗବତ୍ ମତବାଦ ଅଛି । ଅବତାରୀ ବାଦ, ଶାସ୍ତ୍ର ବାଦ, ପୁନର୍ଜନ୍ମ ବାଦ, ଗୁରୁ ବାଦ ।

ଅବତାରୀ ବାଦ- ଯେତେବେଳେ ପୃଥିବୀର ଅଧିକାଂଶ ଲୋକ ଆସୁରୀ ପ୍ରକୃତି ସମ୍ପନ୍ନ ହୋଇଯାନ୍ତି ଏବଂ ଦୈବୀଗୁଣ ସମ୍ପନ୍ନ ସଂଖ୍ୟା କମିଯାନ୍ତି ସେତେବେଳେ ବ୍ରହ୍ମ ଦୁଷ୍ଟମାନଙ୍କୁ ଦମନ କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଅବତାର ଧାରଣ କରି ଦୁଷ୍ଟ ସଂହାର କରନ୍ତି । ସେହି ଅବତାରୀ ପୁରୁଷଙ୍କର ଲୀଳା ପୁରାଣମାନଙ୍କରେ ବର୍ଣ୍ଣନା କରାଯାଇଛି ।

ଶାସ୍ତ୍ରବାଦ- ଭଗବାନ କିଏ ନ ଜାଣିଲେ ଭଗବାନଙ୍କ ପ୍ରତି ଭକ୍ତି ଉଦ୍ରେକ ହେବ ନାହିଁ । ଏହି ପରିପ୍ରେକ୍ଷୀରେ ଦିବ୍ୟଦର୍ଶନ କହେ ତୁମେ ଯେଉଁ ଦେବତାଙ୍କୁ ପୂଜା କରୁଛ ତାଙ୍କୁ ଜାଣିବାକୁ ଚେଷ୍ଟା କର । ତାଙ୍କୁ ନ ଜାଣି ଯଦି ଅନ୍ଧଭାବେ ପୂଜା କର ତୁମର ସମସ୍ତ ଆରାଧନା ବ୍ୟର୍ଥ ହେବ । ଆମର ବେଦରେ ଭଗବାନଙ୍କ ମହତ୍ୱ ଏବଂ ଉପନିଷଦରେ ଭଗବାନଙ୍କ ସ୍ୱରୂପ ବିଷୟ ବର୍ଣ୍ଣନା କରାଯାଇଛି ।

ଜନ୍ମାନ୍ତର ବାଦ- ଜନ୍ମ ମୃତ୍ୟୁର ଧାରା ବା ମୃତ୍ୟୁ ପରେ ପୁର୍ନଜନ୍ମ କୁ ଜନ୍ମାନ୍ତର ବାଦ କହନ୍ତି । ମନରେ ଯେଉଁ ରୂପ ଓ ଗୁଣ ଅନୁଭବକୁ ଆସେ ତାକୁ ଆମେ ସୃଷ୍ଟି ବା ଜନ୍ମ ବୋଲି କହୁ । କୌଣସି ରୂପ ନଷ୍ଟ ହୋଇଗଲେ ବା ପ୍ରକାଶିତ ନ ହେଲେ ତାକୁ ମୃତ୍ୟୁ ବୋଲି କହିଥାଉ । ଗୀତା କହେ-

'ପୁନରପି ଜନମଂ ପୁନରପି ମରଣଂ

ପୁନରପି ଜନନୀ ଜଠରେ ଶୟନଂ ।

ବାର ବାର ଜୀବ ଜନ୍ମ ମୃତ୍ୟୁ ଚକ୍ରରେ ପଡୁଛି ଏବଂ ଜନ୍ମ ହେବା ପାଇଁ ଜନନୀ ଗର୍ଭରେ ଶୟନ କରୁଛି । ଯଦି ଜୀବ ନିଷ୍କାମ ଭାବେ ବ୍ରହ୍ମ ଆରାଧନା କରିବ, ଆତ୍ମଜ୍ଞାନ ଶିକ୍ଷା କରିବ ସେ ମଣିଷରୁ ଦେବତା ହୋଇ ପୁଣି ବ୍ରହ୍ମଙ୍କୁ ଜାଣି ବ୍ରାହ୍ମଣ ହେବ ଓ ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର ହେବ ।

ଗୁରୁବାଦ- ଭାରତୀୟ ସଂସ୍କୃତିରେ ଗୁରୁତତ୍ତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆମର ଅବତାରୀ ପୁରୁଷଙ୍କ ଠାରୁ ସାଧାରଣ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ଗୁରୁ ବରଣ କରିଛନ୍ତି । ସମସ୍ତ ଆଧ୍ୟାତ୍ମିକ ଶାସ୍ତ୍ର ଗୁରୁଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇଛି । ଭାଗବତ କହେ ଗୁରୁଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇଛି । ଭାଗବତ କହେ- 'ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର ।'

ଶାସ୍ତ୍ର କହେ- ଗୁରୁ ହିଁ ଶକ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ସେମାନଙ୍କ ଆଧାର ପରଂ ବ୍ରହ୍ମ ଅଟନ୍ତି । ଦିବ୍ୟଦର୍ଶନ ଗୁରୁ ଅର୍ଥ ଜ୍ଞାନ ବୋଲି କହେ । ଜ୍ଞାନ ବିନା ସୃଷ୍ଟି ସର୍ଜନା, ପାଳନ, ପରିବର୍ତ୍ତନ ହୋଇ ପାରିବ ନାହିଁ । ସମସ୍ତ ଜୀବ ଜଗତ ସ୍ଥାଣୁ ପାଲଟି ଯିବ । ଏଣୁ ବ୍ରହ୍ମା ବହୁ ହେବା ପୂର୍ବରୁ ନିଜକୁ ସର୍ବ ପ୍ରଥମେ ଜ୍ଞାନ ଭାବରେ ଆତ୍ମ ପ୍ରକାଶ କରନ୍ତି । ଏ ସଂସାରରେ ଜ୍ଞାନର ଲୀଳା ଖେଳା ଚାଲିଛି । ଏ ସୃଷ୍ଟିରେ ଯାହା ପରିବର୍ତ୍ତନ ହେଉଛି, ଯେଉଁ ରୂପ ରେଖ ପ୍ରକାଶ ପାଉଛି, ଭଗବାନଙ୍କ ଅବଦାନ ଭିତରେ ଯାହା କିଛି ମିଳୁଛି ତାହା ଜ୍ଞାନ ଦ୍ୱାରା ମିଳିଲା । ଏଣୁ ଦିବ୍ୟ ଦର୍ଶନ କହେ- 'ଗୁରୁ ବିନା ମୁକ୍ତି ନାହିଁ । ଏହି ଚାରି ବାଦ ମାଧମରେ ଆମେ ଦ୍ୱୈତରୁ ଅଦ୍ୱୈତ ବାଦକୁ ଗତି କରୁଁ । ଦିବ୍ୟଦର୍ଶନ କହେ ଆମେ ଗୃହୀ ହୋଇଥିବାରୁ ଆମର ସାଧନା ଦ୍ୱୈତ ବାଦରୁ ଆରମ୍ଭ ହେବା ଉଚିତ, କିନ୍ତୁ ଲକ୍ଷ୍ୟ ଅଦ୍ୱୈତ ବାଦ ହେବା ଆବଶ୍ୟକ ।

ପ୍ରଧାନପଡ଼ା, ସମ୍ବଲପୁର

## ଆମଘୋରା ଠାରେ ବାଦୀ ପାଲା

ସମ୍ବଲପୁର : ଆମଘୋରା ଠାରେ ସମ୍ବରଣ ଉପାଖ୍ୟାନ ଉପରେ ବାଦୀ ପାଲା ଅନୁଷ୍ଠିତ ହୋଇଥିଲା । ଏଥିରେ ପାଲା ଗାୟିକା ସ୍ନେହଲତା ବାଘ ଓ ବର୍ଷାରାଣୀ ଅଜନଙ୍କ ଦଳ ଭାଗ ନେଇ ଗଙ୍ଗାଧର ମେହେର, ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଭଳିଆ ବିଶିଷ୍ଟ କବିଙ୍କ କାବ୍ୟ କବିତାର ଉଦ୍ଧୃତି ମାଧମରେ ବାଦୀ ପାଲା ପରିବେଷଣ କରିଥିଲେ । ଏଥିରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡଙ୍ଗୀ ବିଚାରକ ଭାବରେ ଯୋଗ ଦେଇଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଜୟ ନାରାୟଣ ସମ୍ବଲପୁରରେ ପହଞ୍ଚିବା ପରେ ଜୋର ଧରିଲା ବିଜେପିର ପ୍ରଚାର

ସମ୍ବଲପୁର : ସ୍ୱାସ୍ଥ୍ୟଗତ କାରଣରୁ ବାହାରରେ ଥିବା ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ସମ୍ବଲପୁର ପହଂଚିବା ପରେ ବିଜେପି କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, ବିଜେପିର ପ୍ରଚାର ଅଭିଯାନ ଜୋର ଧରିଛି । ଜୟ ନାରାୟଣ ମଧ ନିଜ ପତ୍ନୀ ଜ୍ୟୋତ୍ସ୍ନା ମିଶ୍ରଙ୍କ ସହିତ ବିଭିନ୍ନ ସ୍ଥାନରେ ପ୍ରଚାର କରିବା ସହିତ ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିଛନ୍ତି ।



ଗତ ପଞ୍ଚାୟତ ନିର୍ବାଚନରେ ସମ୍ବଲପୁର ପୂର୍ବତନ ମନ୍ତ୍ରୀ ଜୟ ନାରାୟଣ ମିଶ୍ରଙ୍କ ଏକ ବଡ଼ ଭୂମିକା ରହିଥିଲା । ରେଢ଼ାଖୋଲ ବିଧାନସଭା କ୍ଷେତ୍ରରେ ଇଂ. ରୋହିତ ପୂଜାରୀ କେବଳ ନିଜ ଦମ୍ ଦେଖାଇଥିଲେ । ୭ଟି ଜୋନ୍‌ରୁ ୫ଟି ଆସନରେ ବିଜେଡି ଜିତିଥିବା ବେଳେ ୨ଟି ଆସନ ବିଜେପି ଖାତାକୁ ଯାଇଥିଲା ତେବେ, ରେଙ୍ଗାଲି ଓ କୁଚିଣ୍ଡା ବିଧାନସଭା କ୍ଷେତ୍ରରେ ୧୧ଟି ଜୋନ୍ ମଧ୍ୟରୁ ବିଜେପି ୧୦ଟି ଜୋନ୍‌ରେ ବିଜେପି ବିଜୟୀ ହୋଇଥିଲା । ଏଥି ସହିତ ବିଜେପି ସମ୍ବଲପୁର ଜିଲ୍ଲା ପରିଷଦ ଅକ୍ତିଆର କରିବାକୁ ସକ୍ଷମ ହୋଇଥିଲା । ଏଥର ବି ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ ଗଠିତ ବିଜେପିର ରାଜ୍ୟ କମିଟିରେ ଜୟ ନାରାୟଣଙ୍କୁ ସ୍ଥାନ ଦିଆଯାଇଛି । ତଥାପି, ସ୍ୱାସ୍ଥ୍ୟଗତ କାରଣରୁ ଜୟ ନାରାୟଣ ଭୁବନେଶ୍ୱରରେ ଅବସ୍ଥାନ କରୁଥିବାରୁ ସମ୍ବଲପୁର ଜିଲ୍ଲାରେ ବିଜେପିର ପ୍ରଚାର ବିଜେଡି ଭଳି ଜୋର୍ ଧରି ନଥିଲା । ଜିଲ୍ଲା ବିଜେଡି ନିର୍ବାଚନ ପ୍ରଚାର କମିଟି ଗଠନ ବିଭିନ୍ନ ଜୋନ୍ ପାଇଁ ସଂଯୋଜକ, ପର୍ଯ୍ୟବେକ୍ଷକ ଆଦି ଦାୟିତ୍ୱ ନିଯୁକ୍ତି ଦେବା ସହିତ ଅତ୍ୟନ୍ତ ବ୍ୟବସ୍ଥିତ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛି । କେତେକ ଜାଗାରେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ କାର୍ଯ୍ୟାଳୟ ବି ଖୋଲି ସାରିଥିଲା । ତେବେ ବିଜେପି କିନ୍ତୁ ଏ ଦିଗରେ ସାମାନ୍ୟ ପଛୁଆ ରହିଥିଲା । ଦଳୀୟ ନେତାମାନଙ୍କୁ ପଚାରିଲେ ଜୟ ଦାଦାଙ୍କୁ ଅପେକ୍ଷା କରାଯାଇଥିବା କହୁଥିଲେ । ତେବେ ଜୟ ନାରାୟଣ ସମ୍ବଲପୁର ପହଞ୍ଚି ପତ୍ନୀ ଜ୍ୟୋତ୍ସ୍ନାଙ୍କ ସହିତ ନିର୍ବାଚନ ପ୍ରଚାର ପାଇଁ ବାହାରିଥିଲେ ।

# ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡାଙ୍କୁ ବିଶ୍ୱବାଣୀ

ସମ୍ବଲପୁର: ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡାଙ୍କୁ ବିଶ୍ୱବାଣୀ (ଟ୍ରାନ୍ସ ୱାର୍ଲ୍ଡ ରେଡିଓ) ପକ୍ଷରୁ ପୁରସ୍କୃତ କରାଯିବା ସହ ଶ୍ରେଷ୍ଠ ଶ୍ରୋତା ସମ୍ମାନରେ ସମ୍ମାନିତ କରାଯିବ । ଆସନ୍ତା ଏପ୍ରିଲ ଶୁଭ ଶୁକ୍ରବାର (ଗୁଡ୍ ଫ୍ରାଇଡେ) ଅବସରରେ ଟ୍ରାନ୍ସ ୱାର୍ଲ୍ଡ ରେଡିଓ ପକ୍ଷରୁ ଚେନ୍ନାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସର୍ବ ଭାରତୀୟ ବାର୍ଷିକ ଉତ୍ସବରେ ସାମ୍ବାଦିକ ଶ୍ରୀ ପ୍ରଫୁଲ୍ଲ ପଣ୍ଡା ଅନ୍ୟ ପ୍ରତିଭାଧାରୀଙ୍କ ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିବେ । ବିଶ୍ୱବାଣୀ ମାନବ ସମାଜର ବାସ୍ତବ ଶାନ୍ତି ନିମନ୍ତେ ଭାରତର ବିଭିନ୍ନ ଭାଷାରେ ମିଡିୟମ ୱେଭ୍ ୩୪୦ ମିଟର ବ୍ୟାଣ୍ଡ ୮୮୨ କିଲୋହର୍ଜ ଯୋଗେ ପବିତ୍ର ବାଇବେଲ୍, ପ୍ରଭୁ ଯୀଶୁଙ୍କ ସୁସମାଚାର ପ୍ରଚାର କରିଥାଏ ।



ସଂପ୍ରତି ଚିଠି ଦେବା ପରମ୍ପରା ଲୋପ ପାଇଯାଇଥିବା ବେଳେ ଶ୍ରୀପଣ୍ଡା ଅଶୀ ଦଶକରୁ ସେ ବିଶ୍ୱବାଣୀର ବିଭିନ୍ନ ରାଜ୍ୟରେ ଥିବା ରେଡିଓ ଷ୍ଟେସନକୁ ସୁସମାଚାର ତା ସହ ପ୍ରଭୁ ଶୀଙ୍କ ଉପରେ ଆଧାରିତ ବିଶେଷ କାର୍ଯ୍ୟକ୍ରମ ଗୁଡିକୁ ସୁଚିନ୍ତିତ ମତାମତ ସମ୍ବଳିତ ଚିଠି ପଠାଇଥାନ୍ତି । ତାଙ୍କ ସୁନ୍ଦର ହସ୍ତାକ୍ଷର ଚିଠିରେ ସୁନ୍ଦର ଶବ୍ଦ ଉପସ୍ଥାପନା, ଚିଠିର ରଚନା ଶୈଳୀ ପାଇଁ ବିଶ୍ୱବାଣୀର ବିଭିନ୍ନ କେନ୍ଦ୍ରରୁ ବହୁବାର ପ୍ରଶଂସିତ ହୋଇଛନ୍ତି । ତାଙ୍କର ଚମତ୍କାର ଅଭିବ୍ୟକ୍ତି, ନିୟମିତ ପତ୍ରାଳାପ, ଏହି କେନ୍ଦ୍ରଗୁଡିକର ପ୍ରଯୋଜକ ମାନଙ୍କ ପ୍ରାଣକୁ ଆହ୍ଲାଦିତ ଓ ଉତଫୁଲ୍ଲିତ କରିଥାଏ । ସୁଚିନ୍ତିତ ମତାମତ ଭରା ତାଙ୍କର ଚିଠି ଗୁଡିକର ପ୍ରତିଟି ଶବ୍ଦ ଏବଂ ବାକ୍ୟ ଭିତରେ ପ୍ରେରଣାର ସ୍ଫୁଲିଙ୍ଗ ବିଦ୍ୟମାନ ଥାଏ । ସୁ ସମାଚାର, ବାଇବେଲ, ଉପରେ ଆଧାରିତ ତାଙ୍କର ଦ୍ୱାରା ରଚିତ ବିଶେଷ କାର୍ଯ୍ୟକ୍ରମ ପୁନଃ ଜନ୍ମ ଏକ ଯୋଗୀର ଏହି କେନ୍ଦ୍ରରୁ ଉଚ୍ଚ ପ୍ରଶଂସିତ ହୋଇଛି ।

# ପତ୍ରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଲଗାତାର ସଫଳତା

ଝାରସୁଗୁଡ଼ା: ଦ୍ୱିତୀୟ ସତ୍ୟବାଦୀ ବନ-ବିଦ୍ୟାଳୟ ଭାବେ ପରିଚିତ ପତ୍ରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କ ଲଗାତାର ଉତ୍କୃଷ୍ଟ ସଫଳତା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । ସଦ୍ୟ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ବିଦ୍ୟାଳୟକୁ ଦ୍ୱିତୀୟ ଥର ପାଇଁ ସର୍ବୋତ୍ତମ ସ୍କୁଲ ଏବଂ ଫାଇଭ-ଟି ମାନ୍ୟତା ପ୍ରାପ୍ତ ହୋଇଛି । କରୋନାଜନିତ କଟକଣା ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଏକ ପ୍ରକାର ଠପ ଥିବା ସତ୍ତ୍ୱେ ବିଦ୍ୟାଳୟ ତରଫରୁ ଅନଲାଇନରେ ପାଠ ପଢ଼ିବାର ସୁଯୋଗ ନେଇ ଏବଂ ଶିକ୍ଷକମାନଙ୍କ ଅକ୍ଳାନ୍ତ ସହଯୋଗ ବଳରେ ପତ୍ରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମେଧା ବୃତ୍ତି ଓ ଭାଷା ବୃତ୍ତିରେ ଅପୂର୍ବ ସଫଳତା ହାସଲ କରିଛନ୍ତି । ସଦ୍ୟ ଘୋଷିତ ମେଧା ଓ ଭାଷା ବୃତ୍ତି ଫଳାଫଳ ଅନୁସାରେ ମିନତୀ ସାହୁ, ସୌରଭ ପାତ୍ର, ସୁଜିତ ପାତ୍ର, ସସ୍ମିତା ବିଶ୍ୱାଳ ଓ ରୋହିଣୀ ଜଗତ ସଫଳତା ହାସଲ କରିଛନ୍ତି ।




ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସରାଫ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନା ଥାଉ କି ପତ୍ରାପାଲି ଉଚ୍ଚ ବିଦ୍ୟାଳୟ ଗତ ବର୍ଷ ମଧ ଓଡ଼ିଶା ସରକାରଙ୍କ ସର୍ବେକ୍ଷଣରେ ସର୍ବଶ୍ରେଷ୍ଠ ବିଦ୍ୟାଳୟରୂପେ ତାଲିକାଭୁକ୍ତ ହୋଇ ଫାଇଭ-ଟି ମାନ୍ୟତା ପ୍ରାପ୍ତ ହୋଇଥିଲା । ବିଗତ ବର୍ଷ ମୋନାଲିସା ତ୍ରିବେଦୀ, କିରଣ ସିଂ, କାଜଲ ସିଂ, ହେମନ୍ତ ପାତ୍ର, ନୂତନ ବିଶି, ରଜନୀ କିସାନ, ପିଙ୍କୁ ସାହୁ ଓ ସତ୍ୟନାରାୟଣ କିସାନ ମେଧାବୃତ୍ତିରେ ଏବଂ ମୋନାଲିସା ତ୍ରିବେଦୀ ଭାଷା ବୃତ୍ତିରେ ସଫଳତା ହାସଲ କରିଥିଲେ ।

# ବିଜେଡ଼ିରେ ମିଶିଲେ ଶୋଭାରାମ ପ୍ରଧାନ



ସମ୍ବଲପୁର : ଗତ ସାଧାରଣ ନିର୍ବାଚନରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସର ବିଧାୟକ ପ୍ରାର୍ଥୀ ଥିବା ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ଶତାଧିକ ସମର୍ଥକଙ୍କ ସହ ବିଜେଡ଼ିରେ ଯୋଗ ଦେଇଛନ୍ତି । ଭୋଜପୁର ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ତାଙ୍କ ସମର୍ଥକଙ୍କ ସହ ବିଜେଡ଼ିରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡ଼ିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲ୍ଲା ପାଇଁ ବିଜେଡିର ରାଜ୍ୟ ପର୍ଯ୍ୟବେକ୍ଷକ ଇଂ.ନଳିନୀକାନ୍ତ ପ୍ରଧାନ ଉପସ୍ଥିତ ଥିଲେ ।

# ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ ନ କରିବା ପାଇଁ ଗଣଧାରଣା






ସମ୍ବଲପୁର: 'ନୀଳଚକ୍ର'ର ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ ନ କରି ପୂର୍ଣ୍ଣ କାର୍ଯ୍ୟକ୍ଷମ ସହ କେନ୍ଦ୍ରକୁ ନବ କଳେବର କରିବା ଦାବିରେ ଦୂରଦର୍ଶନ କେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆ ଯାଇଥିଲା । 'ନୀଳଚକ୍ର' ସମ୍ବଲପୁର ଶାଖା ସଭାପତି କଳାରତ୍ନ ବଂଶୀଧର କରଙ୍କ ସମେତ କାର୍ଯ୍ୟକାରୀ ସଭାପତି କାର୍ତ୍ତିକ ପ୍ରସାଦ ବହିଦାର, ସଂସ୍କୃତି ସଂପାଦକ ସଚ୍ଚିଦାନନ୍ଦ ପ୍ରଧାନ, ସାଧାରଣ ସଂପାଦକ ଭକ୍ତ ପ୍ରସାଦ ପଣ୍ଡା, ଭାଷା ସାହିତ୍ୟ ସଂପାଦକ ରମାକାନ୍ତ ବିଶ୍ୱାଳ, କାର୍ଯ୍ୟ ନିର୍ବାହୀ ସଂପାଦକ ରବିନାରାୟଣ ମିଶ୍ର, ଉପାଧ୍ୟକ୍ଷ ଜୀବର୍ଦ୍ଧନ ରାଉତ, ବରିଷ୍ଠ ଉପସଭାପତି ରବିନାରାୟଣ ପଣ୍ଡା, ଯଶୋବନ୍ତ ପୁରୋହିତ, ସଂଜୟ କୁମାର ପଧାନଙ୍କ ସମେତ ନୀଳଚକ୍ରର ଅନ୍ୟ କର୍ମକର୍ତ୍ତା ଧାରଣାରେ ବସିଥିଲେ ।

ସମଗ୍ର ଭାରତ ବର୍ଷରେ ଶ୍ରମ ଓ ରାଜ୍ୟରେ ପ୍ରଥମ ଦୂରଦର୍ଶନ କେନ୍ଦ୍ର ୧୯୭୮ ମସିହାରେ ତତ୍‌କାଳୀନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଦୀର୍ଘ ୪୩ ବର୍ଷରୁ ଊର୍ଦ୍ଧ୍ୱ ଏହି ଦୂରଦର୍ଶନ କେନ୍ଦ୍ର ସ୍ଥାପନ ହେବାରେ ମୁଖ୍ୟ ଲକ୍ଷ୍ୟଥିଲା ପଶ୍ଚିମାଞ୍ଚଳ ଓଡ଼ିଶାର ଉପାନ୍ତ ତଥା ଆଦିବାସୀ ଜନଜାତି ବହୁଳ ଅଞ୍ଚଳର ସମ୍ବଲପୁରୀ ଭାଷା, କଳା, ସଂସ୍କୃତି ତଥା ଆଦିବାସୀ ମାନଙ୍କର ଭାଷା କଳା ସଂସ୍କୃତି ପଶ୍ଚିମାଞ୍ଚଳର ଲୋକକଳା, ବାନ୍ଧକଳା, ସଂଗୀତ, ନୃତ୍ୟ କଳାର ସମୃଦ୍ଧି ପ୍ରଚାରପ୍ରସାର ଦୂରଦର୍ଶନ କେନ୍ଦ୍ର ମାଧ୍ୟମରେ ବିକଶିତ କରିବା । ପୂର୍ଣ୍ଣ କାର୍ଯ୍ୟକ୍ଷମ ଦୂରଦର୍ଶନ କେନ୍ଦ୍ର ପରିଚାଳନା ପାଇଁ ତିନିଗୋଟି ବିଭାଗ ସୃଷ୍ଟି କରାଗଲା ଓ ମଞ୍ଜୁରୀ ପ୍ରାପ୍ତ ୬୬ ଜଣ କର୍ମଚାରୀଙ୍କୁ ନେଇ କେନ୍ଦ୍ର ପରିଚାଳନା କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଥିଲେ ହେଁ ଅଧାଅଧିରୁ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ପୂର୍ଣ୍ଣାଙ୍ଗ ଦୂରଦର୍ଶନ କେନ୍ଦ୍ର କରିବା ବଦଳରେ କେବଳ ପିଜିଏଫ ପ୍ରୋଗ୍ରାମ- ଜେନେଟ୍ରି ଫାସିଲିଟି କେନ୍ଦ୍ର ଭାବରେ ଦୀର୍ଘ ୪୩ ବର୍ଷ ଧରି ଚାଲି ଆସୁଥିଲା । ଦୂରଦର୍ଶନ କେନ୍ଦ୍ର ୩ ଗୋଟି ବିଭାଗ ଦ୍ୱାରା ଯଥା- କାର୍ଯ୍ୟକ୍ରମ ପ୍ରସ୍ତୁତି, ବୈଷୟିକ ବା ଯାନ୍ତ୍ରିକ ଓ ତୃତୀୟଟି ପ୍ରଶାସନିକ ବିଭାଗ । ମାତ୍ର ବିଗତ କିଛିବର୍ଷ ପୂର୍ବରୁ କାର୍ଯ୍ୟକ୍ରମ ପ୍ରସ୍ତୁତି ବିଭାଗରେ କର୍ମଚାରୀଙ୍କ ସଂଖ୍ୟା କମିକମି ଗଲା । ଜଣେ ମାତ୍ର ବରିଷ୍ଠ କ୍ୟାମେରା ମେନ୍‌ଙ୍କ ଦ୍ୱାରା କିଛି ହାତଗଣତି ଅସ୍ଥାୟୀ ସହାୟକ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇ ପ୍ରସାରଣ ହେଉଥିଲା । ୨୦୨୧ ମସିହାରେ ସେହି ଜଣେ ମାତ୍ର କର୍ମଚାରୀଙ୍କୁ ଚଞ୍ଚକତା କରି ଅହମଦାବାଦ ଦୂରଦର୍ଶନ କେନ୍ଦ୍ରକୁ ବଦଳି କରି ଦିଆଗଲା । ସୁଟିଂ କାର୍ଯ୍ୟରେ ବ୍ୟବହାର ହେଉଥିବା ବହୁ ମୂଲ୍ୟର ଉଚ୍ଚ କ୍ଷମତା ସଂପନ୍ନ କ୍ୟାମେରାକୁ ମୁଜାଫରପୁର କେନ୍ଦ୍ରକୁ ପଠାଇ ଦିଆଗଲା । ଏହି ଖବର ପ୍ରକାଶିତ ହେବା ପରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାରେ ପ୍ରତିବାଦର ସ୍ୱର ଉଠିଲା, ବିଭିନ୍ନ ସାମାଜିକ ତଥା ସାଂସ୍କୃତି ଅନୁଷ୍ଠାନ, ବିଭିନ୍ନ କଳାକାର ସଂଗଠନ, ସଂସ୍କୃତି ପ୍ରେମୀ, ବୁଦ୍ଧିଜୀବୀ, ସମାଜ ସଂସ୍କାରକ, ଆଇନଜୀବୀ ସଂଘ, ସାଂସଦ, ବିଧାୟକ, ପଦ୍ମଶ୍ରୀ ଉପାଧିରେ ଭୂଷିତ ବହୁ ପ୍ରତିଭା ସଂପନ୍ନ ବ୍ୟକ୍ତିତ୍ୱ ଦାବିପତ୍ର ପ୍ରଦାନ ଧାରଣା ଦେଇ ପ୍ରତିବାଦ କରିଥିବା ବେଳେ ନୀଳଚକ୍ର ପକ୍ଷରୁ ପ୍ରଧାନ ମନ୍ତ୍ରୀ, ସୁଚନା ଓ ପ୍ରସାରଣ କେନ୍ଦ୍ର ମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା । ସବୁ ଦିଗରୁ ଦୃଢ଼ ପ୍ରତିବାଦର ସ୍ୱର ଉଠିବା ପରେ କାର୍ଯ୍ୟକ୍ରମ ବିଭାଗରୁ ବଦଳି ଆଦେଶ ହୋଇଥିବା ଜଣେ ମାତ୍ର କ୍ୟାମେରା ମେନ ସୁଧାଂଶୁ କୁମାର ପୃଷ୍ଟିଙ୍କୁ କାର୍ଯ୍ୟରୁ ରିଲିଭ୍ ନ କରି ଅସ୍ଥାୟୀ ଭାବେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅଟକାଇ ରଖାଗଲା । ଦୀର୍ଘ ଛ ମାସ ପରେ ଗତ ମାସରେ ଉକ୍ତ କ୍ୟାମେରା ମେନ୍ ଶ୍ରୀ ପୃଷ୍ଟି କରୋନା ସଂକ୍ରମଣରେ ପୃଥକ ବାସରେ ଛୁଟୀରେ ଥିବା ଅବସ୍ଥାରେ ପୂର୍ବ ବଦଳି ଆଦେଶ ବଳରେ ତାଙ୍କୁ ଭୁବନେଶ୍ୱରର ଦୂରଦର୍ଶନ କେନ୍ଦ୍ର ଓ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଉଭୟ ଦାୟିତ୍ୱରେ ଥିବା ପ୍ରୋଗ୍ରାମ ହେଡ଼ ଦୀପ୍ତି ମିଶ୍ର ଉଦ୍ଦେଶ୍ୟମୂଳକ ଭାବେ ଚାପ ପ୍ରୟୋଗ କରି ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଓ ସମ୍ବଲପୁର ଆକାଶବାଣୀ କେନ୍ଦ୍ର ଉଭୟ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଏଚ.ଓ.ପି ରମେଶ ଭୋଇ ତରବରିଆ ଭାବେ ସୁଧାଂଶୁ ପୃଷ୍ଟିଙ୍କୁ କାର୍ଯ୍ୟରୁ ରିଲିଭ୍ କରି ଦେଇ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ବିଭାଗକୁ କର୍ମଚାରୀ ଶୂନ୍ୟ କରି ଦେଲେ । କେବଳ ସେତିକି ନୁହେଁ ସମଗ୍ର ପଶ୍ଚିମାଞ୍ଚଳର ସ୍ୱାଭିମାନ, ଅସ୍ମିତାକୁ ପଦ ଦଳିତ କରି ଦୂରଦର୍ଶନ କେନ୍ଦ୍ରକୁ ଶ୍ରୀହୀନ କରି ଦେଲେ । ୩ୟ ବିଭାଗକୁ କର୍ମଚାରୀ ଶୂନ୍ୟ କରିଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ବିଭାଗର କିଛି ଯନ୍ତ୍ରୀ, ଅଧିକାରୀ, କର୍ମଚାରୀ କୌଣସି କାର୍ଯ୍ୟ ନ କରି ସରକାରୀ ରାଜ କୋଷରୁ ଜନସାଧାରଣଙ୍କ ଟିକସ ଟଙ୍କା ଲକ୍ଷ ଲକ୍ଷ ଟଙ୍କା ଦରମା ବାବଦ ନେଉଛନ୍ତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra